



# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17






Vol. 34 | ISSUE 83 | ଭାଗ ୩୪ | ସଂଖ୍ୟା ୮୩ Bhubaneswar | Sunday 15 June 2025 | Page 8 Rs. 4.00 ● ଭୁବନେଶ୍ୱର ରବିବାର ୧୫ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଆସିଲା ନିଟ୍ ରେଜଲ୍ଟ

## ଓଡ଼ିଶା ଟପ୍ପର ହେଲେ ସ୍ନେହାଶିଷ



### ଦେଶରେ ଟପ୍ପର ମହେଶ

ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ): ଅପେକ୍ଷାର ଅନ୍ତ ଘଟିଲା। ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ଏନଟିଏ ପକ୍ଷରୁ ନିଟ୍ ୟୁଜି ପରୀକ୍ଷାଫଳ ଘୋଷଣା ହୋଇଛି। ୧୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ନାମଲେଖା ପାଇଁ କାଉନସେଲିଂକୁ ତାରିଖକୁ ଅପେକ୍ଷା କରଛନ୍ତି। ପ୍ରକାଶ ପାଇଛି ବହୁ ପ୍ରତୀକ୍ଷିତ ୨୦୨୫ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଫଳ। ସର୍ବଭାରତୀୟ ସ୍ତରରେ ମୋଟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୨ ଲକ୍ଷ ୩୬ ହଜାର ଛାତ୍ରଛାତ୍ରୀ ଏହି କଷ୍ଟସାଧ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଡ଼ା ପ୍ରତିଯୋଗିତା ଭିତରେ ରାଜସ୍ଥାନର ମହେଶ କେଶୱାନି ଦେଶରେ ଟପ୍ପର ହୋଇଛନ୍ତି। ସୋସିଆଲ ମିଡିଆରୁ ସମ୍ପୂର୍ଣ୍ଣ ଦୂରେଇ ରହିଥିବା ମହେଶ ଗତ ୨ ବର୍ଷ ହେବ କୋଟାରେ ଏଥିପାଇଁ ପ୍ରସ୍ତୁତି କରୁଥିଲେ। ପ୍ରଥମ ୪ଟି ସ୍ଥାନରେ ପୁଅ ରହିଛନ୍ତି। ➪ପୃଷ୍ଠା-୬

କ'ଣ ଥିଲା ମେ ଡେ' ମେସେଜ୍

# ଥ୍ରଷ୍ଟ ମିଳୁନି, ପ୍ଲେନ ଉଠୁନି, ଆଉ ବଞ୍ଚିବୁନି

## ୬୫୦ ଫୁଟ୍ ଉଚ୍ଚରେ ଆସିଲା ସମସ୍ୟା

ନୂଆଦିଲ୍ଲୀ, ୧୪।୬: ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ଶନିବାର କେନ୍ଦ୍ର ସରକାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସରକାର କହିଛନ୍ତି ଯେ ବିମାନଟି ପ୍ୟାରିସ-ଦିଲ୍ଲୀ ଓ ପରେ ଦିଲ୍ଲୀରୁ ଅହମ୍ମଦାବାଦ ଯାଏ ଦୁର୍ଘଟଣା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇନଥିଲା । ଜୁନ୍ ୧୨ରେ ଅପରାହ୍ଣ ପ୍ରାୟ ୨ଟା ବେଳେ ସରକାରଙ୍କୁ ଦୁର୍ଘଟଣା ବାବଦରେ ଏଟିସି ପକ୍ଷରୁ ପ୍ରଥମେ ସୂଚନା ଦିଆଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି, କ୍ରାସ୍ ପୂର୍ବରୁ ➪ପୃଷ୍ଠା-୬




## ମୃତ୍ୟୁସଂଖ୍ୟା ୨୭୪ ଛୁଇଁଲା

ନୂଆଦିଲ୍ଲୀ ୧୪।୬: ଅହମ୍ମଦାବାଦ ବିମାନ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଶନିବାର ପର୍ଯ୍ୟନ୍ତ ଏହି ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ଏଥିରେ ବିମାନରେ ଥିବା ଯାତ୍ରୀ, ପାଇଲଟ୍, କ୍ୟାବିନ କ୍ରୁ, ମେଡିକାଲ ହଷ୍ଟେଲରେ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ଉପସ୍ଥିତ ଥିବା ଲୋକମାନେ ସାମିଲ ଅଛନ୍ତି। ଅହମ୍ମଦାବାଦ ଭୟଙ୍କର ବିମାନ ଦୁର୍ଘଟଣାରେ ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କ ମୃତ୍ୟୁ ପୂର୍ବରୁ ନିଶ୍ଚିତ ହୋଇସାରିଛି। ବିମାନଟି ମେଡିକାଲ ହଷ୍ଟେଲ ସହିତ ଧକ୍କା ହୋଇଥିଲା। ➪ପୃଷ୍ଠା-୬

## ବିମାନ ସୁରକ୍ଷାକୁ ନେଇ କେନ୍ଦ୍ରର ମାନସମନ୍ଥନ

ନୂଆଦିଲ୍ଲୀ, ୧୪।୬: ଅହମ୍ମଦାବାଦରେ ଡ୍ରିମଲାଇନର ଦୁର୍ଘଟଣା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଭବିଷ୍ୟତ ସୁରକ୍ଷା ପାଇଁ ପ୍ରସ୍ତୁତ କରିବ ରୋଡମ୍ୟାପ। ଏଥିପାଇଁ ସ୍ୱାଧୀନ ଏବଂ ବିସ୍ତୃତ ତଦନ୍ତ କରିବା ପାଇଁ କେନ୍ଦ୍ର ଗୃହ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଗୁଜରାଟ ସରକାର, ଡିଜିସିଏ, ବିସିଏଏସ୍, ଭାରତୀୟ ବାୟୁସେନା, ଗୁଇନ୍ଦା ବ୍ୟୁରୋ, ରାଜ୍ୟ ବିପର୍ଯ୍ୟୟ ପ୍ରାଧିକରଣର ଅଧିକାରୀ ଏବଂ ରାଜ୍ୟସ୍ତରୀୟ ଫୋରେନସିକ୍ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ଏଏଆଇବି ତଦନ୍ତ ବୈଷୟିକ




ଦିଗଗୁଡ଼ିକୁ ପରିଚାଳନା କରିବ। କିନ୍ତୁ ଏହି ଉଚ୍ଚସ୍ତରୀୟ କମିଟି ଭବିଷ୍ୟତର ସୁରକ୍ଷା ପାଇଁ ଏକ ସାମଗ୍ରିକ ଓ ନୀତି-ଆଧାରିତ ରୋଡମ୍ୟାପ୍ ପ୍ରଦାନ କରିବ। କମିଟି ସୋମବାରଠାରୁ ଏହାର କାର୍ଯ୍ୟ ଆରମ୍ଭ ➪ପୃଷ୍ଠା-୬

### ଭବିଷ୍ୟତ ସୁରକ୍ଷା ରୋଡମ୍ୟାପ୍ ପାଇଁ କମିଟି ଗଠିତ

### ୩ ମାସରେ କେନ୍ଦ୍ରକୁ ରିପୋର୍ଟ ଦେବ ଉଚ୍ଚସ୍ତରୀୟ କମିଟି

### ଆରମ୍ଭ ହେଲା ଏୟାର ଇଣ୍ଡିଆ ଡ୍ରିମଲାଇନର ଯାଞ୍ଚ ପ୍ରକ୍ରିୟା

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ କାଉଣ୍ଟଡାଉନ ଆରମ୍ଭ



ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ମନ୍ତ୍ରୀମଣ୍ଡଳର ଖୁବଶୀଘ୍ର କରିବେ ସମ୍ପ୍ରସାରଣ। ନୂଆ ଢାଞ୍ଚାରେ ତିଆରି ହେବ ମନ୍ତ୍ରୀମଣ୍ଡଳ। କିଛି ନୂଆ ଚେହେରା ସାମିଲ ହେବେ ଓ କିଛି କୁହାଳିଆ ମନ୍ତ୍ରୀଙ୍କ ବିଭାଗ କାଟ ହେବାର ସମ୍ଭାବନା ରହିଛି। ମନ୍ତ୍ରୀମାନେ ନିଜ ନିଜର ରିପୋର୍ଟକାର୍ଡ ମୁଖ୍ୟମନ୍ତ୍ରୀ ଦେଇସାରିଛନ୍ତି। ସେହି ରିପୋର୍ଟକାର୍ଡ ଏବେ ମୁଖ୍ୟମନ୍ତ୍ରୀ ତର୍ଜମା କରୁଛନ୍ତି। ବର୍ଷପୂର୍ତ୍ତି ଉତ୍ସବ ପରେ ଯେକୌଣସି ସମୟରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେବା ଏକ ପ୍ରକାର ନିଶ୍ଚିତ। ଏନେଇ ମୁଖ୍ୟମନ୍ତ୍ରୀ ସଙ୍କେତ ମଧ ଦେଇସାରିଛନ୍ତି।

୨୪ ବର୍ଷର ବିଜେଡି ସରକାରକୁ ହରେଇ ବିଜେପି କ୍ଷମତାକୁ ଆସିଛି। ତେଣୁ ଲୋକଙ୍କ ଆଶା ଆଙ୍କାକ୍ଷା ଅନେକ ଥିବା ବେଳେ ରାଜ୍ୟରେ ପ୍ରଥମ ଥର ପାଇଁ ଏକାକି ସରକାର ଗଠନ କରିଥିବା ବିଜେପି ପାଖରେ ଅନୁଭୁତି ଓ ଅଭିଜ୍ଞତାର ଅଭାବ ରହିଛି। ଏଭିତରେ ସବୁ ସ୍ତରର ଲୋକଙ୍କ ସନ୍ତୁଷ୍ଟ କରିବା ସହଜ

- ✪ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ହେବ ପରିବର୍ତ୍ତନ
- ✪ ଲୋକସଭା ନିର୍ବାଚନମଣ୍ଡଳୱାରୀ ରହିବେ ମନ୍ତ୍ରୀ

ମଧ ନୁହେଁ। ଏଭଳିସ୍ଥିତିରେ ସରକାରରେ ଥିବା କିଛି କୁହାଳିଆ ମନ୍ତ୍ରୀ ବାରମ୍ବାର ନିଜ ବିବୃତ୍ତି ପାଇଁ ସରକାରଙ୍କୁ ଅଡୁଆରେ ପକାଉଛନ୍ତି। ସେପଟେ କିଛି ମନ୍ତ୍ରୀଙ୍କ ଦକ୍ଷତାକୁ ନେଇ ମଧ ମୁଖ୍ୟମନ୍ତ୍ରୀ ଖୁସିନଥିବା କୁହାଯାଉଛି। ଏଥିସହିତ ବର୍ତ୍ତମାନର ମନ୍ତ୍ରୀମଣ୍ଡଳ ରାଜ୍ୟର ସବୁ ଲୋକସଭା କ୍ଷେତ୍ରକୁ ପ୍ରତିନିଧିତ୍ୱ କରିପାରୁନି। ବାଲେଶ୍ୱର ଭଲ ପ୍ରଦର୍ଶନ ➪ପୃଷ୍ଠା-୬

## ଯୋଜନା ବର୍ଷା କରିବେ ମୋଦି



ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ): ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜନତା ମଇଦାନରେ

### ଭୁବନେଶ୍ୱରରେ କରିବେ ରୋଡ ଶୋ

### ୫୦ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

### ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ

ଯୋଜନାର ବର୍ଷା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବର୍ଷକ ଭିତରେ ଓଡ଼ିଶାକୁ ଷଷ୍ଠ ଥର ପାଇଁ ଆସି ଦେବେ ବଡ଼ ଭେଟି। ଦେଢ଼ କିଲୋମିଟରର ବିଶାଳ ରୋଡ୍ ଶୋ ସହ ସେନାର ଶୌର୍ଯ୍ୟକୁ ସମ୍ମାନ ଜଣାଇବାକୁ ତ୍ରିରଙ୍ଗା ଯାତ୍ରାରେ ବି ହେବେ ସାମିଲ। ଏହି ଅବସରରେ ସେ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାର ➪ପୃଷ୍ଠା-୬

୫ଟି ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟକୁ ଏଲଓଆଇ ହସ୍ତାନ୍ତର

## ବିଶ୍ୱ ଶିକ୍ଷାର ରାଜଧାନୀ ହେବ ମୁମ୍ବାଇ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୪।୬(ସଂଚାର ବ୍ୟୁରୋ): ନୂଆ ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଲକ୍ଷ୍ୟକୁ ସାକାର କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ଏକ ପ୍ରମୁଖ ପଦକ୍ଷେପ ନେଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ଉପସ୍ଥିତିରେ

### ସୁଲଭମୂଲ୍ୟରେ ବିଶ୍ୱମାନର ଶିକ୍ଷା ଉପରେ ଗୁରୁତ୍ୱ

ଶନିବାର ମୁମ୍ବାଇରେ ଅନୁଷ୍ଠିତ 'ମୁମ୍ବାଇ ରାଇଜିଂ: କ୍ରିଏଟିଂ ଆନ୍ ଇଣ୍ଟରନ୍ୟାସନାଲ ଏଜୁକେସନ ସିଟି' ଶୀର୍ଷକ ଏକ ସମାରୋହରେ ବିଶ୍ୱର ସମ୍ମାନସ୍ପଦ ୫ଟି ବିଶ୍ୱବିଦ୍ୟାଳୟକୁ ଲେଟର୍ ଅଫ୍ ଇଣ୍ଟେଣ୍ଟ(ଏଲଓଆଇ) ପତ୍ର ପ୍ରଦାନ କରାଯାଇଛି। ମୁମ୍ବାଇରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ ୟୁନାଇଟେଡ୍ କିଙ୍ଗଡମ, ଅଷ୍ଟ୍ରେଲିଆ, ୟୁନାଇଷ୍ଟେଟ୍ସ ଅଫ୍ ଆମେରିକା ଏବଂ ଇଟାଲିର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଏଲଓଆଇ ପ୍ରଦାନ କରାଯାଇଛି। ➪ପୃଷ୍ଠା-୬

## ଆଉ କେତେ ମଲେ ଚେତିବେ ସ୍ୱାସ୍ଥ୍ୟମନ୍ତ୍ରୀ ?



### ଯାଜପୁରରେ ହଇଜା ବ୍ୟାପିଛି, ମନ୍ତ୍ରୀଙ୍କ ଦେଖାନାହିଁ

### କେବଳ ଗୋଟିଏ ଜିଲ୍ଲାରେ ୧୫୧୬ ଆକ୍ରାନ୍ତ

### କେନ୍ଦୁଝର, ଭଦ୍ରକ ଓ କଟକରେ ବି ଝାଡାବାନ୍ତି ସଂକ୍ରମଣ



ଯାଜପୁର, ୧୪।୬ (ସଂଚାର ବ୍ୟୁରୋ): ଯାଜପୁରରେ ହଇଜାରେ ୧୫୧୬ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ପ୍ରାୟ ୨୦୦ ସଂକ୍ରମିତ ଏବେ ବି ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଯାଜପୁରରେ ଦେଖାଦେଇଥିବା ହଇଜା ଏବେ ଆଉ ଜିଲ୍ଲା ଭିତରେ ସୀମିତ ହୋଇ ରହିନାହିଁ। କେନ୍ଦୁଝର, ଭଦ୍ରକ ଓ କଟକରେ ମଧରେ ଝାଡାବନ୍ତିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଲେଣି। ଏଭଳି ଏକ ସମ୍ବେଦନଶୀଳ ସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନିର୍ବିକାର ସାଜିବ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ ଯାଜପୁରରେ ୧୦ଜଣ ହଇଜାରେ ମରିଥିବା ଆଶଙ୍କା କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ୩ଜଣ, ଭଦ୍ରକ ଓ କଟକରେ ଜଣେ ଲେଖାଏଁ ଝାଡାବାନ୍ତିରେ ପ୍ରାଣ ହରାଇଛନ୍ତି। ହେଲେ ମନ୍ତ୍ରୀଙ୍କ ଦେଖାନାହିଁ। ନା ନିଜେ ଗ୍ରାଉଣ୍ଡ ଜିରୋରେ ସ୍ଥିତିର ସମୀକ୍ଷା କରୁଛନ୍ତି ନା ଏ ସମ୍ପର୍କରେ ମୁହଁ ଖୋଲୁଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବାକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କ ଏଭଳି ➪ପୃଷ୍ଠା-୬



## କାନ ଡେରିଥା

ରଜ ପାଇଁ ଆଉ ସଜବାଜ ନାହିଁ
ସଭିଏଁ ଇନଷ୍ଟାରେ ବ୍ୟସ୍ତ
ଲୁଗାଟିଏ ବାନ୍ଧି ଛୁଆଟା ଖେଳୁଛି
ହେଲା ପରମ୍ପରା ନଷ୍ଟ
ସଭିଏଁ କୁହନ୍ତି କଷ୍ଟ...
ରଜ ଦୋଳି ଖେଳ ଭୁଲି ଯେ ଗଲେଣି
ମୋବାଇଲରେ ମନ ନ୍ୟସ୍ତ।

■ ଦେବାଶିଷ

## ଜିଲ୍ଲା ଗସ୍ତରେ ଯିବାକୁ ସଚିବ ଅମଙ୍ଗ

ଭୁବନେଶ୍ୱର, ୧୪।୬(ସଂଚାର ବ୍ୟୁରୋ): ସଚିବମାନେ ଜିଲ୍ଲାକୁ ଯିବେ। ପଞ୍ଚାୟତ ସ୍ତରରେ ଲୋକଙ୍କ ସହିତ ମିଶିବେ। ଆବଶ୍ୟକ ହେଲେ ସେଠାରେ ରାତ୍ରୀଯାପନ କରି ଲୋକଙ୍କ ଭଲ ମନ୍ଦ ଶୁଣି ତାହାର ପ୍ରତିକାର କରିବେ। ସଚିବମାନଙ୍କୁ ନେଇ ଏଭଳି ସରକାର ଦେଖିଥିବା ଏହି ସ୍ୱପ୍ନ ଏବେ ଏକ ପ୍ରକାର ମିଳେଇ ଯାଇଛି। କାରଣ ସଚିବମାନେ ଜିଲ୍ଲାକୁ ଯିବାକୁ ଅମଙ୍ଗ। ଗାଁ ଗହଳର ଲୋକଙ୍କ ସହିତ ମିଶିବା ତ ଦୂରରକଥା, ଜିଲ୍ଲା ସ୍ତରରେ ବି ଅଧିକାଂଶ ସଚିବଙ୍କ ପାଦ ପଡୁନି। ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବାପରେ ସଚିବମାନଙ୍କ ଜିଲ୍ଲା ଗସ୍ତ ପାଇଁ କହିଥିଲେ। ଇତି ମଧରେ ସରକାର ବର୍ଷପୂର୍ତ୍ତି ପାଳନ କରିଛନ୍ତି। ହେଲେ ଟାଣୁଆ ସଚିବମାନେ ଜିଲ୍ଲା ଗସ୍ତରରେ ଯିବା ସହିତ ସରକାରଙ୍କ କଥାମାନି ଲୋକଙ୍କ ଭଲ ମନ୍ଦ ଶୁଣିବା ଏକ ପ୍ରକାର ସ୍ୱପ୍ନ ପାଲଟିଛି। ଏହା ଫଳରେ ଜିଲ୍ଲାସ୍ତରରେ ପ୍ରଶାସନ କିଭଳି ଚାଲିଛି ତାହାର ଟେର୍ ଖୋଦ ସଚିବମାନେ ଜାଣିପାରୁ ନାହାନ୍ତି। ସରକାରକୁ ଆସିବାପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଘନ ଘନ ଜିଲ୍ଲା ଗସ୍ତ କରୁଛନ୍ତି। ଜିଲ୍ଲା ସ୍ତରରେ ସମୀକ୍ଷା କରୁଛନ୍ତି। ହେଲେ ସେହି ତୁଳନାରେ ସଚିବଙ୍କ ପାଦ ଜିଲ୍ଲାସ୍ତରରେ ପଡୁନାହିଁ। ଅଧିକାଂଶ ସଚିବ ରାଜଧାନୀରେ ସମୀକ୍ଷା ବୈଠକ କରି କାମ ସାରିଛନ୍ତି। ଅତି ବେଶି ହେଲେ




### ବାରମ୍ବାର ତାଗିଦା କାମ ଦେଉନି

### ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ଘନ ଘନ ଗସ୍ତ

କଟକ ନହେଲେ ପୁରୀ ପର୍ଯ୍ୟନ୍ତ ଯାଉଛନ୍ତି। ଆରଡିସି ସ୍ତରୀୟ ସମୀକ୍ଷାରେ ସଚିବମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁନାହିଁ। ଏହା ଫଳରେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ ନବାଗତ ଅଧିକାରୀମାନଙ୍କ ସହିତ ବରିଷ୍ଠ ସଚିବମାନଙ୍କର ସମ୍ପର୍କ ସେତେଟା ସୁଦୃଢ଼ ହେଉନାହିଁ। ପୂର୍ବରୁ କେନ୍ଦ୍ରୀୟ ସଚିବମାନେ ଆସି କ୍ଷେତ୍ର ସ୍ତରରେ ଆଙ୍କାକ୍ଷୀ ଜିଲ୍ଲା ପରିଦର୍ଶନ ସହିତ ସମୀକ୍ଷା କରୁଥିବାବେଳେ ରାଜ୍ୟର ବିଭିନ୍ନ ବିଭାଗର ସଚିବମାନେ ସେଠାରେ ଉପସ୍ଥିତ ରହୁଥିଲେ। ତେବେ ଗତ କିଛିଦିନ ହେଲା ଏହି ବ୍ୟବସ୍ଥାରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡିଥିବା ଲକ୍ଷ୍ୟ ➪ପୃଷ୍ଠା-୬

## କରୋନା ସଂକ୍ରମଣ: ୨୪ ଘଣ୍ଟାରେ ୯ ମୃତ

ନୂଆଦିଲ୍ଲ, ୧୪।୬: ଦେଶରେ ସାଙ୍ଘାତିକ ହେବାରେ ଲାଗିଛି କରୋନା ସଂକ୍ରମଣ। ପଜିଟିଭ ସଂଖ୍ୟା ପ୍ରତିଦିନ ବଢିବାରେ ଲାଗିଛି । ଇତିମଧ୍ୟରେ ଦେଶରେ କଂରୋନା ସଂକ୍ରମିତଙ୍କ ସଂଖ୍ୟା ୭୪୦୦ରେ ପହଞ୍ଚିଛି। ୨୪ ଘଣ୍ଟାରେ ୯ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟର ୱେବସାଇଟର ତଥ୍ୟ ଅନୁସାରେ ଦିନକୁ ଦିନ ପଜିଟିଭ ମାମଲା ବଢୁଥିବା ସ୍ପଷ୍ଟ ଜଣା ପଡୁଛି। ବର୍ତ୍ତମାନର ବୃଦ୍ଧିରେ କେରଳ ଆଗରେ ରହିଛି, ୫୪ଟି ନୂତନ ସଂକ୍ରମଣ ସହିତ ଏହାର ସକ୍ରିୟ ମାମଲା ସଂଖ୍ୟା ୨,୧୦୯କୁ ବୃଦ୍ଧି ପାଇଛି। ଯାହା ଦେଶର ମୋଟ ମାମଲା ସଂଖ୍ୟାର ଅଧିକାଂଶ। ଏହି ସମୟରେ ଦିଲ୍ଲୀରେ ୪୨ଟି ନୂତନ ସଂକ୍ରମଣ ରେକର୍ଡ ହୋଇଛି, ଯାହା ଏହାର ସକ୍ରିୟ ମାମଲା ସଂଖ୍ୟା ୬୭୨ରେ ପହଞ୍ଚିଛି। ➪ପୃଷ୍ଠା-୬



### ସଂକ୍ରମିତଙ୍କ ସଂଖ୍ୟା ୭୪୦୦

### ପଞ୍ଜାବରେ ଗାଇଡଲାଇନ ଜାରି

# ଚୋରା ମଦ ଜବତ, ମହିଳଙ୍କ ସମେତ ୭ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଭରତପୁର ସତ୍ୟମ କୁମାର ରାଉତଙ୍କ ଠାରୁ ୩୪ ଲିଟର ଦେଶୀ ମଦ, ପୁରୁଷୋତ୍ତମପୁର ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ୨୯ ଲିଟର ଦେଶୀ ମଦ, କନ୍ତଆ ଗ୍ରାମର ଜିତେନ୍ଦ୍ର କୁମାର ଜେନାଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, କଣଟି ଗ୍ରାମର ଅଲେଖ ମଳିକଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ଦାନପୁର ଗ୍ରାମର ନିର ଜେନାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଳିକଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ଓ କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୩୨ ଲିଟର ଦେଶୀ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୨୩୨ ଲିଟର ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ବେକରେ ଦଉଡ଼ି ବାନ୍ଧି ମହିଳାଙ୍କ ଆତ୍ମହତ୍ୟା



**ସାଲେପୁର,୧୪।୬ (ସଂଚାର ବ୍ୟୁରୋ):** ଆଜି ପ୍ରଥମ ରଜରେ ଜଣେ ବିଧବା ମହିଳା ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ବାରିଗୋଳ ଗ୍ରାମର ସ୍ୱର୍ଗତ ଅନୱାର ମହମ୍ମଦଙ୍କ ପତ୍ନୀ ତଇମୁନ୍ ବିବି(୪୭) ନିଜ ଘର ନିକଟରେ ଥିବା ଏକ ଲିମ୍ବ ଗଛରେ ବେକରେ ଦଉଡ଼ି ବାନ୍ଧି ଝୁଲୁଥିବାର ସ୍ଥାନୀୟ ଗ୍ରାମବାସୀ ଦେଖିଥିଲେ। ଏହାନେଇ ଗ୍ରାମବାସୀଙ୍କ ପକ୍ଷରୁ ସାଲେପୁର ପୁଲିସକୁ ଖବର ଦିଆଯାଇଥିଲା। ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ସାଲେପୁର ଥାନାରେ ୮/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇବା ସହ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟା କରିଥିବା ମହିଳା ଜଣକ କିଛିଦିନ ହେବ ପାରିବାରିକ ଅଶାନ୍ତି କାରଣରୁ ମାନସିକ ଚିନ୍ତାରେ ରହୁଥିବାବେଳେ ଆଜି ଘର ନିକଟରେ ଏକ ଲିମ୍ବ ଗଛରେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛି। ପାରିବାରିକ ଅଶାନ୍ତି କାରଣରୁ ସମ୍ପୃକ୍ତା ମହିଳା ଜଣକ ଆତ୍ମହତ୍ୟା କରିଥିବା କେତେକ ଗ୍ରାମବାସୀ ପ୍ରକାଶ କରିଛନ୍ତି। ମହିଳାଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ମଧରେ ଶୋକର ଛାୟା ଖେଳିଯାଇଛି।

# କାଉଙ୍କ ସହିତ ରଜ ପାଳିଲେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):** ଓଡ଼ିଆ ଜାତିର ଗଣ ପର୍ବ ରଜକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଦସ୍ୟମାନେ। ସଦସ୍ୟମାନେ କାଉ ମାନଙ୍କ ସହ ମିଶି ଗାଁ ମୁଣ୍ଡ ବର ଗଛ ତଳେ ରଜ ମନାଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ଖଡ଼ିଅଣ୍ଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆମ୍ବେର ଗାଁ ମୁଣ୍ଡ ବର ଗଛ ମୂଳେ ଦୀର୍ଘଦିନ ଧରି ଏହି ବରଗଛରେ କାଉ ମାନେ ରହି ଆସୁଛନ୍ତି। ବାଟରେ ଯାଉଥିବା ଛେନା ବେପାରୀଙ୍କ ଠାରୁ ଛେନା ଖାଇ ବେଶ ଆନନ୍ଦ ଅନୁଭବ କରନ୍ତି ଏମାନେ। ଖବର ପାଇ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ପ୍ରଚେଷ୍ଟାରେ ଟ୍ରଷ୍ଟର କର୍ମକର୍ତା ଗଣ ପହିଲି ରଜରେ ସେଠାରେ ପହଞ୍ଚି କାଉଙ୍କ ପାଇଁ ଗଛ ଡାଳରେ ସ୍ଥାୟୀ ବସା ତୋଳିବା ସହ ଦୋଳି ବାନ୍ଧିଛନ୍ତି। କାଉ ମାନଙ୍କ ପାଇଁ ରଜ ପିଠାର ଖାଦ୍ୟ ମଧ ବନ୍ଦୋବସ୍ତ କରିଛନ୍ତି ସଦସ୍ୟମାନେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ କୁମାର ତରାଇ, ଖଡ଼ିଅଙ୍କ ଗ୍ରାମ ପଂଚାୟତର ସରପଞ୍ଚ ଜୀବନ କୃଷ୍ଣ ରାୟ, ନୟନ କୁମାର ଗିରି, ସୁରେନ୍ଦ୍ର ପରିଡା, ସୁମିତ କୁମାର ମଲ୍ଲିକ, ଜ୍ଞାନରଂଜନ ରାଉତ, ଜଗନ୍ନାଥ ପାଣିଗ୍ରାହୀ, ରାକେଶ ବଳ, ଚିକୁ ମଲ୍ଲିକ, ମଦନ କୁମାର ଦାସ, ଦେବାଶିଷ ପରିଡା, ହେମନ୍ତ କୁମାର ସାମଲ ଏବଂ କାଳନ୍ଦୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ମାତିଛନ୍ତି ବାଲି ମାଫିଆ

# କୋରି ନେଉଛନ୍ତି ବିଭିନ୍ନ ନଦୀ ଶଯ୍ୟା



### ବିନା ଟ୍ରାନ୍‌ଜିଟ୍ ପାସ୍‌ରେ ପରିବହନ

### ମିଳିମିଶି ଲୁଟୁଛନ୍ତି, ବିପୁଳ ରାଜସ୍ୱ ହାନି

**କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):** ପ୍ରଶାସନ, ଖଣି ବିଭାଗ ଓ ପୁଲିସ୍ ଆଖିରେ ଆଙ୍ଗୁଠି ଗେଞ୍ଜି ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ । ବିନା ଲିଜ୍‌ରେ ବାଲି ମାଫିଆମାନେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ନଦୀ ଶଯ୍ୟାରୁ ବାଲି କୋରି ନେଉଛନ୍ତି। କୌଣସି ଲିଜ୍ ନଥିବା ସତ୍ୱେ ବିଭିନ୍ନ ଗ୍ରାମଗୁଡ଼ିକରେ ଥିବା ବାଲିଘାଟରୁ ବେଧଡ଼କ ଭାବେ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି । ଏଥିପାଇଁ ସେମାନଙ୍କୁ କୌଣସି ଟ୍ରାନ୍‌ଜିଟ୍ ପାସ୍‌ର ଆବଶ୍ୟକତା ପଡୁନି। ଏହା କୌଣସି ଉପାନ୍ତ ଅଞ୍ଚଳ ନୁହଁ, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ, ଡେରାବିଶ, ମାର୍ଶାଘାଇ, ମହାକାଳପଡା, ଗରଦପୁର ବ୍ଲକ ଅଞ୍ଚଳରେ ରହିଥିବା ବ୍ରାହ୍ମଣୀ, ବିରୂପା, ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା ନଦୀଘାଟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଅଞ୍ଚଳରୁ ମାଫିଆମାନେ ଦୈନିକ ଶତାଧିକ ଟ୍ରିପ୍ ବାଲି ଚୋରାଚାଲାଣ କରି ମାଲେମାଲ ହେଉଥିବାବେଳେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ସ୍ଥାନୀୟ ଅଞ୍ଚଳର ପରିବେଶ କ୍ଷତିଗ୍ରସ୍ତ ହେବା ସହ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି କାରବାରରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି, ଅସାଧୁ ସରକାରୀ କର୍ମଚାରୀ ଓ ଠିକାଦାର ରହିଥିବା କୁହାଯାଉଛି।

ବାଲି ଉତ୍ତୋଳନ ପାଇଁ ମାଫିଆମାନେ ନୂଆ ତରିକା ଆପଣେଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ବ୍ରାହ୍ମଣୀ ନଦୀ ଭିତରେ ଅତ୍ୟାଧୁନିକ ମେସିନ୍ ଖଞ୍ଜି ପାଇପ୍ ପକାଇ ନଦୀଗର୍ଭରୁ ବାଲିକୁ ଶୋଷାଯାଉଛି। ବ୍ରାହ୍ମଣୀ ନଦୀ ପାଣିର ସ୍ରୋତକୁ ବାଲି ଦ୍ୱାରା ଅବରୋଧ କରାଯାଇ ୮ରୁ ୧୦ଫୁଟ୍ ଉଚ୍ଚର ବାଲି ଠୁଳ କରାଯାଉଛି। ବାଲିରୁ ପାଣି ଛାଡ଼ିଗଲା ପରେ ସୁବିଧା ଦେଖି ସେଗୁଡ଼ିକୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ହାଇୱା ଯୋଗେ ସେଗୁଡ଼ିକୁ ଗ୍ରାମ୍ୟ ରାସ୍ତା ଦେଇ ପରିବହନ କରାଯାଉଛି। ସ୍ଥାନୀୟ ଲୋକେ ଏହାର ପ୍ରତିରୋଧ କଲେ ମାଫିଆଙ୍କ ଗୁଣ୍ଡାମାନେ ନାଲି ଆଖି ଦେଖାଉଛନ୍ତି। ଧମକଚମକ ଦେବା ସହ ମାରପିଟ୍ ମଧ କରୁଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ପୁଲିସ୍, ବ୍ଲକ୍ କାର୍ଯ୍ୟାଳୟ, ତହସିଲ୍ ପ୍ରଶାସନଠାରେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଦୈନିକ ଗୋଟିଏ କିମ୍ବା ଦୁଇଟି ଇ-ଟ୍ରାନ୍‌ଜିଟ୍ ପାସ୍ ତଥା ୱାଇ ଫର୍ମ ବ୍ୟବହାର କରି ୨୦୦ରୁ ଅଧିକ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ବ୍ରାହ୍ମଣୀ,ଲୁଣା - କରାଣ୍ଡିଆ, ପାଇକା, ଚିତ୍ରୋତ୍ପଳା,ବିରୂପା ନଦୀ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ହରାଉଛି। ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି। ରାସ୍ତାଘାଟ ଖାଲଖମାରେ ପରିଣତ ହେବା ସହ ଅଞ୍ଚଳର ଲୋକମାନେ ଅସୁରକ୍ଷିତ ମଣୁଛନ୍ତି। ପ୍ରଶାସନ ଯଦି ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି କେନ୍ଦ୍ରାପଡା ଜିଲ୍ଲା ମାଟି ବାଲି ପାଣି ସୁରକ୍ଷା ମଞ୍ଚର ସଭାପତି ଆଇନଜୀବୀ ବିଦ୍ଧୁ ଭୂଷଣ ମହାପାତ୍ର ଚେତାବନୀ ଦେଇଛନ୍ତି।

# ଛୋଟି ବଜାରରୁ ଜବରଜଖଲ ଉଚ୍ଛେଦ




**ଡେରାବିଶ,୧୪।୬ (ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅଧୀନରେ ଥିବା ଛୋଟି ପଞ୍ଚାୟତ ଅନ୍ତର୍ଗତ ସରକାରୀ ଜାଗା ଅବରୋଧ କରିଥିବା ଛୋଟି ବଜାରକୁ ଜେସିବି ମେସିନ ଦ୍ୱାରା ଭଙ୍ଗାଯାଇଛି। ଏହି ରାସ୍ତା ଅଣଓସାରିଆ ଥିବାରୁ ଯାତାୟାତ କରିବା ପାଇଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିଲା।

କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବିରୂପା ନଦୀରେ ଏକ ବ୍ରିଜ ନିର୍ମାଣ ହୋଇଛି । ଏହି ରାସ୍ତାଟି ଓସାର ହେବା ପରେ ଏହି ବ୍ରିଜର ଉଦଘାଟନ ହେବ ବୋଲି ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି । ପୂର୍ବରୁ ସରକାରୀ ଜାଗାକୁ ଚିହ୍ନଟ କରି ମାପ ସରିଥିଲା । ଡେରାବିଶ ତହସିଲ ପକ୍ଷରୁ ଶୁକ୍ରବାର ଦିନ ପ୍ରାୟ ୨୯ଟି ବିଭିନ୍ନ ପ୍ରକାରର ଦୋକାନ ଘର ରଙ୍ଗାଯାଇଥିବା ଦେଖୁବାକୁ ମିଳିଛି। ଏଥିରେ କେତେକ ଦୋକାନ ଗୃହ ନଷ୍ଟ ହୋଇଥିବାବେଳେ କେତେକ ଦୋକାନର ସାମାନ୍ୟ ପିଣ୍ଡା ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି ।ଆଜି ଅବରୋଧ ହଟାଇବା ପାଇଁ ତହସିଲଦାର ସରୋଜକାନ୍ତ ନାୟକଙ୍କ ସହ ନିକିରାଇ ଥାନା ପୁଲିସ ଓ ଏକ ପ୍ଲାଟୁନ ଫୋର୍ସ ମୁତପନ କରାଯାଇଥିଲା। ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିବର୍ଶକ ମାନସ ଚନ୍ଦ୍ର ନାଥ ରାଜସ୍ତ ନୀରିକ୍ଷକ ପ୍ରଦୀନ୍ନ ସ୍ୱାଇଁ ଓ ବିଶ୍ୱବିଜୟୀ, ଅମିନ ନିରଞ୍ଜନ ବେହେରା ଓ ଉମାକାନ୍ତ ବେହେରା, ଆରଡି ବିଭାଗ ଏଇ ଶୈଳେନ୍ଦ୍ର କୁମାର ବିଶାଳ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଛୋଟି ଆରାଇ ଙ୍କୁ ପଚାରିବାରୁ ସେ କହିଛନ୍ତି, ଦୋକାନୀଙ୍କୁ ତିନି ମାସ ପୂର୍ବେ ନୋଟିସ କରାଯାଇଥିଲା। ଆଜି ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଜବରଦଖ ଉଚ୍ଛେଦ କରାଗଲା । କେତେକ ଗରିବ ଲୋକଙ୍କ ଦୋକାନ ଭଙ୍ଗାଯାଇଥିବାରୁ ସେମାନେ କମିତି ପରିବାର ପୋଷଣ କରିବେ, ସେ ନେଇ ଚିନ୍ତାରେ ଦୋକାନୀ । ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦୋକାନୀମାନେ ନିବେବନ କରିଛନ୍ତି ।

# ବିକଶିତ ଭାରତର ସଙ୍କଳ୍ପ ସଭା ଅନୁଷ୍ଠିତ



**ମହାକାଳପଡ଼ା,୧୪।୬ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ସରକାର କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଦେଶରେ ବିକଶିତ ଭାରତ/ ଓଡ଼ିଆ ସଂକଳ୍ପ ସଭା ଆୟୋଜନ କରାଯାଉଛି। ଏହି ଅବସରରେ ଆଜି ବଳିପାଳ ପଞ୍ଚାୟତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ନେତୃତ୍ୱରେ ଆମର ଜନପ୍ରିୟ ଯୁବ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଙ୍କ ଆହ୍ୱାନରେ "ବିକଶିତ ଭାରତ ଅମୃତ କାଳ-ସେବା ସୁଶାସନ ଓ ଗରିବ କଲ୍ୟାଣର ୧୧ବର୍ଷ ଉପଲବ୍ଧି" ଘରେ ଘରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିବା ନେଇ ଏହି ସଭାର ଆୟୋଜନ କରାଯାଇଥିଲା। ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହିତ ଗ୍ରାମାଞ୍ଚଳର ପ୍ରତ୍ୟକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଧାୟକ ଡ଼ ନାୟକ ନୀଳକଣ୍ଠେଶ୍ୱର ପାର୍କକୁ ଲୋକମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ । ଏହି ସମାବେଶରେ ବିଧାୟକ ଡ଼ ନାୟକ ଙ୍କ ସହିତ ବରିଷ୍ଠ ନେତା ସୁନାକର ବେହେରା, ସରୋଜ କାନ୍ତ ସାହୁ, ମଣ୍ଡଳ ସଭାପତି ମାନସ ମହାନ୍ତି,ସତ୍ୟ ପ୍ରକାଶ ସାମଲ, ଶରତ ଚନ୍ଦ୍ର ମହାନ୍ତି, ରଶ୍ମି କାନ୍ତ ପଲାଇ, ବ୍ରଜ ସୁନ୍ଦର୍ ରାଉତ, ରାମଚନ୍ଦ୍ର ରାଉତ, କେଶବ ଭୋଳ, ଶ୍ରୀମନ୍ତ ଦାସ, କାଳିଆ ଜେନା, ସୁବାସ ସେଠୀ, ଦେବାସିଶ ମିଶ୍ର, ନିଗମାନନ୍ଦ ବେଉରା, ରୁଦ୍ର ନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ନୋଳସାହିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ କୋର୍ଟ ନିର୍ଦ୍ଦେଶ




**ଡେରାବିଶ,୧୪।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ୧୯୫୭ରେ ସ୍ଥାପିତ ହୋଇଥିବାବେଳେ ଏବେବି ପୁରୁଣା ଫଟା ଆଜବେଷ୍ଟ ଘରେ ଚାଲିଛି। ସରକାର ପଞ୍ଚାୟତ କାର୍ଯ୍ୟାଳୟ ପାଇଁ କୋଟି କୋଟି ଟଙ୍କା ଖର୍ଚ କରୁଥିବାବେଳେ ଏଠି ଜମି ସମସ୍ୟା ନେଇ ପଞ୍ଚାୟତ ଅଫିସ୍ ହୋଇପାରୁ ନଥିବା ବହୁବାର ଅଭିଯୋଗ ହେଉଛି। ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପୁରୁଣା ଆଜବେଷ୍ଟ ଘରେ ୬୬ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଚାଲିଛି। ୧୫ରୁ ଅଧିକ ସରପଞ୍ଚ ଦାୟିତ୍ୱରେ ଥାଇବି କେହି ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରିପାରିଲେ ନାହିଁ। ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ସଫଳତା ମିଳିଲା ନାହିଁ । ଜମି ସମସ୍ୟାକୁ ନେଇ କଥା ଅଦାଲତରେ ମାମଲା ପହଞ୍ଚିଥିଲା। କୋର୍ଟଙ୍କ ଅନୁମତି କ୍ରମେ ଆଗରୁ ଥିବା ନୋଳସାହିରେ ହିଁ ନୂତନ ପଞ୍ଚାୟତ ଗୃହ ହେବ ବୋଲି ପ୍ରଶାସନଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡ଼ିଛି।

ପଞ୍ଚାୟତ କାର୍ଯ୍ୟାଳୟ ନଥିବାରୁ ସରପଞ୍ଚ ହୋଇଥିଲେ ମଧ ବସିବା ପାଇଁ ଜାଗା ନ ଥିବାରୁ ସେଠାକୁ ଅଧିକାଂଶ ସମୟରେ ଆସୁ ନ ଥିବା ଓ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଆସୁଥିବା କମ୍ପ୍ୟୁଟର, ଫ୍ୟାନ, ଚେୟାର, ଟେବୁଲ୍ ପଞ୍ଚାୟତକୁ ମିଳୁନାହିଁ। ପଞ୍ଚାୟତର ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ପଶିଯିବା ଓ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି ଠିଆ ହୋଇଯାଏ । ଏ ସମ୍ପର୍କରେ ଡେରାବିଶ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଁ ଓ ତହସିଲଦାର ସରୋଜକାନ୍ତ ନାୟକ ଯାଇ ତଦନ୍ତ କରିଛୁ। ରଘୁଦେଇପୁର ସମବାୟ ସମିତି ଜାଗା ସେମାନେ ପଞ୍ଚାୟତ ନାମରେ ଜମିଦେଲେ ଶୀଘ୍ର ନୂତନ ଗୃହ ହୋଇଯିବ ବୋଲି କହିଛନ୍ତି। ପଞ୍ଚାୟତବାସୀ ଓ ବୁଦ୍ଧିଜୀବୀ ମହଲରେ ଖୁସିର ବାତାବରଣ ଦେଖିବାକୁ ମିଳିଥିଲା

# ମାର୍ଶାଘାଇରେ ବିକାଶ ବାହନକୁ ସ୍ୱାଗତ

**ମାର୍ଶାଘାଇ,୧୪।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ସରକାରଙ୍କ ବିକାଶ ମୂଳକ କାର୍ଯ୍ୟର ପ୍ରଚାର ପ୍ରସାର ପାଇଁ ଭ୍ରମଣ କରୁଥିବା ବିକାଶ ରଥ "ବିକାଶ ବାହନ "କୁ ସ୍ୱାଗତ କରାଯାଇଥିଲା । ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ରଥ, ବଳଭଦ୍ର ଦାସ ପ୍ରମୁଖ ସ୍ୱାଗତ କରିଥିଲେ। ମତ୍ସ୍ୟସମ୍ପଦ ସହ ଅଧିକାରିଣୀ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ କର୍ମୀ, ସିଆରପି, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।




ମାର୍ଶାଘାଇ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ନିହାର ସତ୍ୟଗୁରୁ, ଗ୍ରାମ ରୋଜଗାର ସେବକ ଶଶିକାନ୍ତ ଗୋଛାୟତ, ବ୍ଲକ ସଂଯୋଜକ ସୌଭାଗ୍ୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସରକାରଙ୍କ ଦ୍ୱାରା କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରାଯିବା ସହିତ ପ୍ରଧାନମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀ, ରାସନ କାର୍ଡ ହିତାଧିକାରୀ ଏବଂ ୮୦ବର୍ଷରୁ ଉର୍ଦ୍ଧ ଭତ୍ତା ହିତାଧିକାରୀଙ୍କୁ କାର୍ଡ ଏବଂ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

## ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର-୨୦୨୫

# ଆବେଦନ ଶେଷ ତାରିଖ ୩୧ ଜୁଲାଇ

କେନ୍ଦ୍ରାପଡା,୧୪।୬(ସଂଚାର ବ୍ୟୁରୋ): ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ "ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ବିକାଶ " ପୁରସ୍କାର ନିମନ୍ତେ ଅନଲାଇନ ଆବେଦନ ପ୍ରକ୍ରିୟା କରାଯାଉଛି । ସାହସିକତା, କ୍ରୀଡା, ସମାଜ ସେବା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବେ, ସେମାନେ କେବଳ ଅନଲାଇନ ଆବେଦନ କରିପାରିବେ । ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। ଆବେଦନର ଶେଷ ତାରିଖ ହେଉଛି ୩୧.୦୭.୨୦୨୫ । ଅଧିକ ସୂଚନା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କେନ୍ଦ୍ରାପଡ଼ାକୁ ୮୨୪୯୩୭୩୮୯୧ ରେ ଯୋଗାଯୋଗ କରିପାରିବେ ।

# ତାଲୁକ ଆଇନସେବା ସମିତି ପକ୍ଷରୁ ଶିଶୁ ଶ୍ରମିକ ନିରୋଧ ସଚେତନତା



**କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):** ଶନିବାର ଅପରାହ୍ନରେ ରାଜକନିକାର ପିମ୍ପୁଡିର ବଜ୍ର ମହାକାଳୀ ନୋଡାଲ ସ୍କୁଲ ପରିସରରେ ଶିଶୁ ଶ୍ରମିକ ଶୋଷଣ ବିପକ୍ଷରେ ବିଶ୍ୱବ୍ୟାପୀ ଚାଲିଥିବା ଜାଗରଣ ସୃଷ୍ଟି ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶ୍ରମିକ ପ୍ରଥା ବନ୍ଦ ସହ ଏହି ଶୋଷଣକୁ ପ୍ରତିରୋଧ କରିବାକୁ ଅଣା ଯାଇଥିବା ଆଇନ ସମ୍ପର୍କରେ ସଚେତନତା କରାଯାଇଛି ।

ଏହି ଶିବିରକୁ ଆଜି କୋର୍ଟର ଜେଏମଏଫସି ଦେବାନ ସତ୍ୟଦର୍ଶୀ ନନ୍ଦ, ବାର ଆସୋସିଏସନ ସଭାପତି ବସନ୍ତ ନାୟକ, ସମ୍ପାଦକ ଅକ୍ଷୟ କୁମାର ମଳିକ, ଆଡ଼ଭାକେଟ, ଶରତ ଚନ୍ଦ୍ର ମହାନ୍ତି,ପ୍ରଧାନଶିକ୍ଷକ ଦୀନବନ୍ଧୁ ବାରିକ, ଅବସରପ୍ରାପ୍ତ ଜନ୍ମେଜୟ ମହାନ୍ତି ପ୍ରମୁଖ ଏହି ଆଇନ ଶିବିରରେ ବକ୍ତବ୍ୟ ରଖି ସଚେତନ କରାଇଥିଲେ। ଆଡ଼ଭୋକେଟ ପ୍ରମୋଦ କୁମାର ସ୍ୱାଇଁ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିର ରେ ଆଡ଼ଭୋକେଟ ଦୟାନିଧି ରାଉତ, ଟିଏଏସସି ସୀତାକାନ୍ତ ସ୍ୱାଇଁ, ପିଏଲଭି ସୁକାନ୍ତ ଦାଶ, ଶିକ୍ଷକ କେଦାରସନ ତରାଇ ପ୍ରମୁଖ ଏହି ଶିବିର ପରିଚାଳନା କରିଥିବା ବେଳେ ଆଡ଼ଭାକେଟ ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଦେଇଥିଲେ।

# ସଂସାରଫଳ ଓ ଖଣତା ପଞ୍ଚାୟତରେ ବିକାଶ ରଥ ସଚେତନତା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୧୪।୬ (ସଂଚାର ବ୍ୟୁରୋ):** ସଂସାରଫଳ ପଂଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦମୟନ୍ତୀ



ସାମନ୍ତରାୟଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଅଶୋକ ମହାନ୍ତି, ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ,ସମିତି ସଭ୍ୟ ପର୍ଶୁରାମ ରାଉତରାୟ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ପି ଇ ଓ ତପନ ପ୍ରଧାନ,ସି ଆର ସି ସି ଆଶିଷ ମହାପାତ୍ର, ସି ଏଚ ଓ ନିବେଦିତା କର, ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ଜି ପି ଡି ଓ ରଂଜିତ ପରିଡ଼ା, ଡି ଇ ଓ ଦୀପ୍ତିମୟୀ ବେହେରା, ସି ପି ପ୍ରିୟ ରଞ୍ଜନ ସ୍ୱାଇଁ ସମାଜସେବୀ ସୁଶାନ୍ତ ସାମନ୍ତରାୟ ପ୍ରମୁଖ ବହୁ ସରକାରୀ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରାସନ, ଅନ୍ତୋଦୟ, ଭତ୍ତା କାର୍ଡ ବଣ୍ଟନ କରିଥିଲେ । ସେହିପରି ଖଣତା ପଞ୍ଚାୟତରେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନିଲ ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ।

## ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଅଙ୍ଗୁଲାଇକୁ ହରାଇ ମାର୍ଶାଘାଇ କ୍ରିକେଟ ଟିମ ଚାମ୍ପିଅନ



**ମାର୍ଶାଘାଇ,୧୪।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ସପ୍ତମ ବାର୍ଷିକ ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମାର୍ଶାଘାଇ କ୍ରିକେଟ ଟିମ ଅଙ୍ଗୁଲାଇ କ୍ରିକେଟ ଟିମ କୁ ହରାଇ ଚାମ୍ପିୟାନ ହୋଇଛି । ଫାଇନାଲ ମ୍ୟାଚରେ ଟସ ଜିତି ମାର୍ଶାଘାଇ ଟିମ ଅଧିନାୟକ ପ୍ରସନ୍ନ ସାହୁ ବ୍ୟାଟିଂ ନିଷ୍ପତି ନେଇଥିଲେ ଏବଂ ନିର୍ଦ୍ଧାରିତ ଦଶ ଓଭରରେ ଦୁଇ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା । ମାର୍ଶାଘାଇ ଟିମର ଅଭୟ କର ସର୍ବାଧିକ ୭୮ ରନ ସଂଗ୍ରହ କରିଥିଲେ। ଜବାବରେ ଅଙ୍ଗୁଲାଇ ଟିମ ୫ ଉଇକେଟରେ ୧୪୫ ରନ କରି ପାରିଥିଲା । ଅଙ୍ଗୁଲାଇ ଟିମର ବ୍ୟାଟ୍ସ ମ୍ୟାନ ଜୟନ୍ତ ମଲ୍ଲିକ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ୮୧ ରନ କରି ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ । ଭେଟେରାନ ଖେଳାଳି ତଥା କ୍ରାଇମବ୍ରାଞ୍ଚ ଡିଏସପି ପ୍ରେମାନନ୍ଦ ଲେଙ୍କା, ଇଞ୍ଜିନିୟର ସୌମ୍ୟରଞ୍ଜନ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଅଳଇଲୋ, ବୋଧଗାଁ, ଥାଉରୀ, ଅଙ୍ଗୁଲାଇ, ମାର୍ଶାଘାଇ, ଶିଳିପୁର ପ୍ରମୁଖ ୬ ଗୋଟି କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଶିକ୍ଷକ ନେତା ପାର୍ଥସାରଥୀ ସାହୁ, ଗୌରାଙ୍ଗ ଯେନା, ବିଭୁତି ଭୂଷଣ ଦାସ ଆମ୍ପାୟାର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ଭାବରେ ମନ୍ମଥ ମଲ୍ଲ, ସର୍ବେଶ୍ୱର ପଲେଇ, ରେଫରୀ ଭାବରେ ଓସିଏ ପ୍ୟାନେଲ ଆମ୍ପାୟର ପ୍ଲାବନ ସ୍ୱାଇଁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଭେଟେରାନ ଖେଳାଳି ଦିଲ୍ଲୀପ ସ୍ୱାଇଁ, ଶମ୍ଭୁନାଥ ବାରିକ, ନିଗମ ପ୍ରସାଦ ରଥ, ସମ୍ପଦ ସ୍ୱାଇଁ, ପିଚ ମେକର କେଶବ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜଗତସିଂହପୁର କ୍ରାଇମବ୍ରାଞ୍ଚ ଡ଼ିଏସପି ପ୍ରେମାନନ୍ଦ ଲେଙ୍କା, ସାମ୍ବାଦିକ ପ୍ରମୋଦ ଦାସ, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା ଅତିଥି ଭାବେ ଯୋଗଦେଇ ମାର୍ଶାଘାଇ ଭେଟେରାନ ଟିମ କୁ ଚମ୍ପିୟାନ୍ସ ଟ୍ରଫି ଏବଂ ରନର୍ସ ଟ୍ରଫି ପ୍ରଦାନ କରିଥିଲେ ।

# ମଣିପୁର ସ୍ଥିତି ବିଗିଡ଼ିଲା

ମଣିପୁରରେ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ ହେବା ବେଳେ ପୁଣି ରାଜ୍ୟରେ ହିଂସା ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ମୈତେଇ ସମ୍ପ୍ରଦାୟର ଜଣେ ନେତାଙ୍କୁ ପୋଲିସ ଗିରଫ କରିବା ପରେ ଏହାର ପ୍ରତିବାଦରେ ସେହି ସମ୍ପ୍ରଦାୟର ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ୫ଟି ଜିଲ୍ଲାରେ ସାନ୍ଧ୍ୟ ଆଇନ ଜାରି ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହିସବୁ ଜିଲ୍ଲା ଇଣ୍ଟରନେଟ ସେବା ବନ୍ଦ ରହିଛି। ତେଣୁ ରାଜ୍ୟରେ ଏକ ଗଣତାନ୍ତ୍ରିକ ସରକାର ଗଠନ ଆଶା ପୁଣି ମଉଳିଯାଇଛି। ଏହାର ଯାର୍ଥତା ମଧ ରହିଛି। ବର୍ତ୍ତମାନ ପରିସ୍ଥିତିରେ ମଣିପୁରରେ ରାଷ୍ଟ୍ରପତି ଶାସନର ଆବଶ୍ୟକତା ରହିଛି। ଉଲ୍ଲେଖ ଯୋଗ୍ୟ ଯେ, ମଣିପୁର ହିଂସା ଆରମ୍ଭ ହେବାର ପ୍ରାୟ ୨୧ ମାସ ପରେ ମୁଖ୍ୟମନ୍ତ୍ରୀ ପଦରୁ ଏନ ବୀରେନ ସିଂହ ଇସ୍ତଫା ଦେଇଛନ୍ତି। ହିଂସା ନିୟନ୍ତ୍ରଣରେ ବିଫଳତାରୁ ସେ ଇସ୍ତଫା ଦେଇ ନାହାଁନ୍ତି, ରାଜନୈତିକ ବାଧବାଧକତାରେ ପଡ଼ି ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ମଣିପୁର ବିଜେପିରେ ବୀରେନ ସିଂହଙ୍କ ନେତୃତ୍ୱ ବିରୋଧରେ ବିଦ୍ରୋହ ଆରମ୍ଭ ହେବା ପରେ ସେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି। ନଚେତ କଂଗ୍ରେସ ପକ୍ଷରୁ ପ୍ରସ୍ତାବିତ ଅନାସ୍ଥା ଭୋଟରେ ତାଙ୍କର ପରାଜୟ ସୁନିଶ୍ଚିତ ଥିଲା। ରାଜ୍ୟ ବିଜେପିର ୧୨ ଜଣ ବିଧାୟକ ଦଳୀୟ ହୁଇପକୁ ଅମାନ୍ୟ କରି ଅନାସ୍ଥା ଭୋଟ ବେଳେ ଗୃହରେ ଅନୁପସ୍ଥିତ ରହିବାକୁ ଯୋଜନା କରିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ବୀରେନ ସିଂହ ଦଳର ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ନଚେତ ସେ ଅପଦସ୍ତ ହୋଇଥାଆନ୍ତେ। କିଛି ଦିନ ତଳେ ବୀରେନ ସିଂହ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଯାହା ହୋଇଯାଇଛି ତାକୁ ଭୁଲି ଯାଇ ଆଗକୁ ଶାନ୍ତି ଏବଂ ବନ୍ଧୁତ୍ୱର ବାତାବରଣ ମଧରେ ରହିବା ଏବଂ ନୂଆ ମଣିପୁର ଗଢ଼ିବା ପାଇଁ ସେ ସବୁ ସମ୍ପ୍ରଦାୟକୁ ଆହ୍ୱାନ କରିଥିଲେ। କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ୨୦୨୩ ଏପ୍ରିଲ ୧୪ରେ ମଣିପୁର ହାଇକୋର୍ଟ ମୈତେଇ ସମ୍ପ୍ରଦାୟକୁ ଆଦିବାସୀ ବା ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସମ୍ପୂର୍ଣ୍ଣ ଅନ୍ଧ




ନିଷ୍ପତ୍ତି ଥିଲା। ହାଇକୋର୍ଟଙ୍କ ଏହି ଦାୟିତ୍ୱହୀନ ରାୟ ଯୋଗୁ ଦେଶର ବ୍ୟାପକ କ୍ଷତି ହେଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ର ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀଥିଲା। ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। କୁକି ଓ ମୈତେଇ ସମ୍ପ୍ରଦାୟ ମଧରେ ଭୁଲ ବୁଝାମଣା ଦୂର କରିବାକୁ ଉଦ୍ୟମ କରାଯିବା ଉଚିତ। ରାଷ୍ଟ୍ରପତି ଶାସନ ଜାରି ସତ୍ତ୍ୱେ ବିବଦର ସମାଧାନ ପାଇଁ ରାଜନୈତିକ ସ୍ତରରେ ଉଦ୍ୟମ ଜାରି ରହିବା ଉଚିତ। ମଣିପୁର ହିଂସା ସାରା ଦେଶ ପାଇଁ ଏକ ଶିକ୍ଷା। ଜାତିଗତ ଆଧାରରେ ସଂରକ୍ଷଣ ଏକ ସାମାଜିକ କଳଙ୍କ ଏବଂ ସଭ୍ୟ ସମାଜର ପରିଚାୟକ ନୁହେଁ। ସଂରକ୍ଷଣ ଏକ ଦୁର୍ନୀତି। ଏହା ଦ୍ୱାରା ପ୍ରକୃତ ଯୋଗ୍ୟ ବ୍ୟକ୍ତିମାନେ ଅନ୍ୟାୟର ଶିକାର ହୁଅନ୍ତି। ଅଯୋଗ୍ୟ ବ୍ୟକ୍ତିମାନେ ସେହି ସ୍ଥାନକୁ ଦଖଲ କରନ୍ତି ଯାହାକୁ ଦଖଲ କରିବାର ଯୋଗ୍ୟତା ଥିବା ବ୍ୟକ୍ତିକୁ ସୁଯୋଗରୁ ବଂଚିତ ହେବା ପଡ଼ିଥାଏ। ମଣିପୁର ହିଂସାକୁ ବିଦେଶରେ କିଛି ସଙ୍ଗଠନ ଏବଂ ବୈଦେଶିକ ରାଷ୍ଟ୍ର ସମାଲୋଚନା କରିବା ସହ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଏହାର କୋ÷ଣସି ଯଥାର୍ଥତା ନାହିଁ। ସେମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇବା ଅନୁଚିତ। କିନ୍ତୁ କେବଳ ମଣିପୁରରେ ମୈତେଇ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ସେମାନେ ଏହାକୁ ନେଇ ଇଦବେଗ ପ୍ରକାଶ କରିଛନ୍ତି। ନିଜକୁ ଧର୍ମନିରପେକ୍ଷ ବୋଲାଉଥିବା ଏହି ୟୁରୋପୀୟ ରାଷ୍ଟ୍ରମାନେ ବାସ୍ତବରେ ହିଂସାକାଣ୍ଡକୁ ବିରୋଧ କରୁ ନାହାଁନ୍ତି, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ସୁରକ୍ଷା ଏବଂ ସମର୍ଥନ କରୁଛନ୍ତି। ମଣିପୁରରେ ଏବେ ୬ ମାସ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ବଳବତ୍ତର ରହିବ। ଯଦି ଏହି ସମୟ ମଧରେ ବିକଳ୍ପ ସରକାର ଗଠନ ସମ୍ଭବ ନହୁଏ ତେବେ ରାଜ୍ୟରେ ସାନି ନିର୍ବାଚନ ଘୋଷଣା କରାଯିବା ଉଚିତ। କାରଣ କୋ÷ଣସି ପରିସ୍ଥିତିରେ ମଧ ଗ୍ଣତାନ୍ତ୍ରିକ ପ୍ରକ୍ରିୟା ବାଧା ପ୍ରାପ୍ତ ହେବା ଅନୁଚିତ।

# ଦେଶବନ୍ଧୁ ଓ ଯୁଗବନ୍ଧୁ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ମଧରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅନ୍ୟତମ। ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ। ସେ ଅବିଭକ୍ତ ଭାରତବର୍ଷର ଢ଼ାକ୍କା (ବର୍ତ୍ତମାନର ବାଙ୍ଗଲାଦେଶ) ନିକଟବର୍ତ୍ତୀ ବିକ୍ରମପୁରରେ ଏକ ସଂଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ। ଇଂଲଣ୍ଡରେ ଆଇନ ଶିକ୍ଷା କରି ସେ ବାରିଷ୍ଟର ହୋଇଥିଲେ। ଆଲିପୁର ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦଙ୍କ ପକ୍ଷରୁ ମାମଲା ପରିଚାଳନ କରି, ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ। ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ। ସେ ଫରୱାଡର୍ ନାମକ ଖବରକାଗଜ ପ୍ରକାଶ କରୁଥିଲେ। ପରେ ଏହାର ନାମ ବଦଳି ଲିବର୍ଟି ହୋଇଥିଲା। କଲିକତା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍। ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦ ତଥା ଦଳ ତ୍ୟାଗ କରିଥିଲେ। ତାହା ପରେ ମୋତିଲାଲ ନେହେରୁ ଓ ହୁସେନ ଶାହିଦ ସୁହ୍ରାୱର୍ଦୀଙ୍କ ସହ ମିଳିତ ଭାବେ ସ୍ୱରାଜ ଦଳ ପ୍ରତିଷ୍ଠା କରିଥିଲେ। ସେ ଅହିଂସାବାଦୀ ଥିଲେ ହେଁ କଠୋର ଆଭିମୁଖ୍ୟ ଯୋଗୁଁ ଗାନ୍ଧୀଙ୍କ ଠାରୁ ଦୂରେଇଯାଇଥିଲେ।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଆଧାତ୍ମିକ ଗୁରୁ ଯୁଗବନ୍ଧୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିଗ୍‌ଦର୍ଶନରେ ଦେଶବନ୍ଧୁଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଥିଲା। ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ କନିଷ୍ଠ ଭ୍ରାତା ଶ୍ରୀ ବାରୀନ୍ ଘୋଷ ଦୀପାନ୍ତର ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସାହଚର୍ଯ୍ୟରେ ପାବନା ହିମାଇତପୁର (ବାଂଲାଦେଶ) ସତ୍‌ସଙ୍ଗ ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କର ଚରିତ୍ରର ମାଧୁର୍ଯ୍ୟ ଓ ଆଧାତ୍ମିକ ଆଳାପ ଆଲୋଚନାରେ ଶ୍ରୀ ବାରୀନ୍ ଘୋଷ ଅତ୍ୟନ୍ତ ମୁଗ୍ଧ ହୋଇଥିଲେ। ସତ୍‌ସଙ୍ଗରୁ ଫେରି ଶ୍ରୀ ବାରୀନ୍ ଘୋଷ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କ କଥା କହିଥିଲେ ଓ ଦେଶବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ "ନାରାୟଣ' ପତ୍ରିକାରେ "ସତ୍‌ସଙ୍ଗର ମଧୁଚକ୍ର' ନାମକ ଏକ ପ୍ରବନ୍ଧ ପ୍ରକାଶ କଲେ। ଯୁଗବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରଥମ ସାକ୍ଷାତ ହୋଇଥିଲା କଲିକତା ମହାନଗରୀର ମାଣିକତଲାରେ ୧୯୨୪ ମସିହାର ମଇ ମାସରେ। ସତ୍ୟାଗ୍ରହ ଆନ୍ଦୋଳନ, ଚରଖା ଆନ୍ଦୋଳନ, ସ୍ୱରାଜ ଆନ୍ଦୋଳନ, ବିପ୍ଳବୀ କ୍ରିୟାକଳାପ, ଭାରତ ବର୍ଷର ସ୍ୱାଧୀନତା, ଦେଶର ଅର୍ଥନୈତିକ ସ୍ୱାଧୀନତା ଓ ମାନବୀୟ ମୂଲ୍ୟବୋଧର ଜାଗରଣ ଇତ୍ୟାଦି ବହୁ ପ୍ରସଙ୍ଗରେ ଦେଶବନ୍ଧୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଲୋଚନା କରିଥିଲେ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ, ସରଳ, ନିରଭିମାନ ବ୍ୟକ୍ତିତ୍ୱ, ଅନ୍ତହୀନ ଜ୍ଞାନ, ଉତ୍କୃଷ୍ଟ ଅନାବିଳ ପ୍ରେମ ଓ ସର୍ବୋପରି ଆଧାତ୍ମିକ ମୂଲ୍ୟବୋଧ ଓ ଭାରତମାତାର ଜାଗରଣ ନିମିତ୍ତ ଏକ ସୁପରିକଳ୍ପିତ ସମନ୍ୱିତ ଯୋଜନା ଯାହାକି ଶିକ୍ଷା, ଦୀକ୍ଷା, ସୁବିବାହ ଓ ମନୁଷ୍ୟର ଜୈବିକ ସଂସ୍ଥିତିର ଉନ୍ନୟନ ଉପରେ ପର୍ଯ୍ୟବେସିତ ଇତ୍ୟାଦି ଜ୍ଞାନର ଆଭାସ ପାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଶବନ୍ଧୁ ଗୁରୁ ରୂପେ ବରଣ କରିଥିଲେ ଓ ଜନନୀ ମନମୋହିନୀ ଦେବୀଙ୍କ ଠାରୁ ୧୪ ମଇ୧୯୨୪ ମସିହାରେ ସତ୍‌ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ। ଦୀକ୍ଷା ଗ୍ରହଣ ପରେ ଦେଶବନ୍ଧୁ ତାଙ୍କର ପୁତ୍ର ଚିରରଞ୍ଜନ ଓ ପୁତ୍ରବଧୂ ସୁଜାତା ଦେବୀଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇ ଶ୍ରୀମାନ ସୁନୀଲ ଚନ୍ଦ୍ର ମୁର୍ଖାଜୀଙ୍କ ସହିତ ସତ୍‌ସଙ୍ଗ ଆଶ୍ରମକୁ ପଠାଇ ଦେଇଥିଲେ ଓ ସେମାନେ ସୁଦୀର୍ଘ ଦିନ ଶ୍ରୀ ଶ୍ରୀ ଠାକୁରଙ୍କ ସାହଚର୍ଯ୍ୟରେ ଆଶ୍ରମରେ ଅବସ୍ଥାନ କରିଥିଲେ। ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଫରିଦ୍‌ପୁର ସମ୍ମିଳନୀ ଯିବା ପୂର୍ବରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ପତ୍ର ମାଧମରେ ତାଙ୍କୁ ଅନୁରୋଧ କରିଥିଲେ ଯେ ଆପଣ କିଛି ଦିନ ସତ୍‌ସଙ୍ଗ ଆଶ୍ରମରେ ରହି ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଶ୍ରୀ ଶ୍ରୀ ଠାକୁରଙ୍କର ଲୀଳାସହଚର ଭକ୍ତ ପ୍ରବଳ ସୁଶୀଲ ଚନ୍ଦ୍ର ବସୁ ଏହି ଚିଠିଟି ନେଇ ଦେଶବନ୍ଧୁଙ୍କୁ ଦେଲାପରେ ଦେଶବନ୍ଧୁ ଚିଠିଟିକୁ ମଥାରେ ଲଗାଇ ଖୋଲିଲେ ଏବଂ ପଢି କହିଲେ ଯେ ଫରିଦ୍‌ପୁର କନ୍‌ଫାରେନ୍ସରୁ ଫେରି ଦାର୍ଜିଲିଂ ଯିବା ପଥରେ ମୁଁ ସତ୍‌ସଙ୍ଗ ଆଶ୍ରମକୁ ଯିବି। ମହାତ୍ମା ଗାନ୍ଧୀ ମଧ ସେହି ଫରିଦ୍‌ପୁର କନ୍‌ଫାରେନ୍ସରେ ଉପସ୍ଥିତ ଥିଲେ। ୧୯୨୫ ମସିହା ୧୧ମେ ଦିନ ଦେଶବନ୍ଧୁ ସତ୍‌ସଙ୍ଗ ଆଶ୍ରମରେ ପଦ୍ମାତୀରରେ ଏକ ଛୋଟ ବଙ୍ଗଳାରେ ଯାଇ ରହିଲେ। ସେହିଠାରେ ଗଭୀର ରାତ୍ରି ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଳାପ ଆଲୋଚନା ଚାଲୁଥିଲା - ଆଧାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ ଓ ବିଜ୍ଞାନ ଇତ୍ୟାଦି ବିଷୟରେ ବହୁ ଆଲୋଚନା ହେଉଥିଲା। ଦାର୍ଜିଲିଂରୁ ଫେରି ସେ କେଉଁ କାର୍ଯ୍ୟରେ ମନ ଦେବେ, ସେ ସବୁ ବିଷୟରେ ଶ୍ରୀ ଶ୍ରୀ ଠାକୁର ପରାମର୍ଶ ଦେଇଥିଲେ। ଆଶ୍ରମରେ ତିନି ଚାରି ଦିନ ରହିବାପରେ ଅନେକ ସୁସ୍ଥବୋଧ କଲାପରେ ଆତ୍ମୀୟ ସ୍ୱଜନଙ୍କ ଇଛାନୁସାରେ ଦାର୍ଜିଲିଂ ଯିବା ପାଇଁ ଇଛା ପ୍ରକାଶ କଲେ। କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁମତି ନ ମିଳିବାଯୋଗୁଁ ଦୁଇଥର ଦାର୍ଜିଲିଂ ଯାତ୍ରା ବନ୍ଦ ହୋଇଥିଲା। କିନ୍ତୁ ପରେ ଅନିଚ୍ଛାସତ୍ତ୍ୱେ ମଧ ଶ୍ରୀ ଶ୍ରୀ ଠାକୁର ଅନୁମତି ଦେବାକୁ ବାଧ ହୋଇଥିଲେ। ପୁତ୍ରଚରିରଞ୍ଜନ, ପୁତ୍ରବଧୂ ସୁଜାତା ଦେବୀ ଓ ତାଙ୍କର କନ୍ୟାଗଣ ଆଶ୍ରମରେ ରହିଗଲେ। କିନ୍ତୁ ଦୁର୍ଭାଗ୍ୟବଶତଃ କାଳର କରାଳକ୍ରମେ ଦାର୍ଜିଲିଂ ଠାରେ ଗୁରୁତର ଶାରୀରିକ ଅସୁସ୍ଥତା ଯୋଗୁଁ ମାତ୍ର ପଞ୍ଚାବନ ବର୍ଷ ବୟସରେ ଦେଶବନ୍ଧୁଙ୍କର ମହାପ୍ରୟାଣ ହୋଇଥିଲା। କଲିକତାରେ ଦେଶବନ୍ଧୁଙ୍କ ଅନ୍ତିମ ଶୋଭାଯାତ୍ରାରେ ଜନନୀ ମନମୋହିନୀ ଦେବୀ ଓ ଜାତିର ପିତା ମହାତ୍ମାଜୀ ଉପସ୍ଥିତ ରହି ତାଙ୍କର ଗୁଣ ବଖାଣିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ ତାଙ୍କୁ ନିଜର ଗୁରୁ ହିସାବରେ ମାନନ୍ତି। ଦେଶବନ୍ଧୁଙ୍କ ପତ୍ନୀ ବାସନ୍ତୀ ଦେବୀଙ୍କୁ ମାଆ ଭାବେ ସମ୍ବୋଧିତ କରୁଥିଲେ। ଦେଶବନ୍ଧୁଙ୍କର ଶେଷ ବାକ୍ୟ ଥିଲା - ମୋ ଜୀବନର ସମସ୍ତ ଆଶା, ଆକାଂକ୍ଷା ଓ ଚିନ୍ତାଧାରା ଶ୍ରୀ ଶ୍ରୀ ଠାକୁରଙ୍କର ସାନ୍ନିଧ ଲାଭ କରି ପରିମାର୍ଜିତ ହୋଇଥିଲା। ୧୯୨୫ ମସିହା ଜୁନ୍ ୧୬ ତାରିଖରେ ପ୍ରବଳ ଜ୍ୱରରେ ପୀଡ଼ିତ ହେବା ଯୋଗୁଁ ଦେଶବନ୍ଧୁଙ୍କର ପ୍ରାଣହାନୀ ଘଟିଥିଲା।।

**ସହ-ପ୍ରତିରବ୍ଧିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭**

# ରଜ ପୋଡ଼ପିଠା

ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ



ପିଠା ଭିତରେ ସାର ରଜ ପୋଡ଼ ପିଠା। ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା। ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ। ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ। ପହିଲିରଜ ପୂର୍ବଦିନ ସଜବାଜା ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ। ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି। ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ। ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼। ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ। ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ। ସହଯୋଗ କରେ ଶାଶୂ। ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ। କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ। ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ। ପଲମରେ ଦିଆଯାଏ କଦଳୀପତ୍ର। ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି,



ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ। ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ। ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ। ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ। ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି। ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା। ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ। ଖୁସି କହିଲେ ନସରେ। ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ। ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ। ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ। ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ। ଚାରିପଟେ ବେଢ଼ିଯାନ୍ତି ପିଲାମାନେ।

କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ। ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା। ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି। ପିଲାଙ୍କର ମଧ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ। ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ। କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡ଼ୁ ପିଠା ପହଞ୍ଚିଯାଏ ତାଙ୍କ ଘରେ। ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା। ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ। ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ। ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ। ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି। ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର। ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ। ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି।

**ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

# କଟକୀ ରଜ

ଡାକ୍ତର ସମ୍ରାଟ କର



ରଜ ଓଡ଼ିଆ ଜନଜୀବନର ବାର୍ତ୍ତାବହ ପାର୍ବଣ। ଦଶହରା ପରେ ସହର ସଂସ୍କୃତିରେ ବିଶେଷକରି କଟକରେ ରଜର ସ୍ଥାନ ନିଆରା। କେବଳ ଗ୍ରାମାଞ୍ଚଳ ନୁହେଁ କଟକ ପରି ସର୍ବବୃହତ୍ତ ସହରରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ। ହଜାର ବର୍ଷର ସହର କଟକ। ଦଶହରା, ବାଲିଯାତ୍ରା ପରେ କଟକରେ ରଜ ଏକ ମହା ଯାକଜମକର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ବଜାରରେ ତ ସହଯେ ରଜର ଢ଼େର ପୂର୍ବରୁ ଗହଳି। ରଜ ପୋଡ଼ପିଠା ଠାରୁ ପାନ, ଦୋଳି ଖେଳ ଠାରୁ ପୁଚି ଖେଳ, ଫିଲ୍ମ ଦେଖା ଠାରୁ ବନ୍ଧୁଙ୍କ ସହ ଗମାତ ଆଉ ଖାଶି ମାଂସର ତୁଣ ଭିତରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ପିଲାଦିନରେ ବାପାଙ୍କ ସହ ରଜ ବୁଲିଛି। ହେତୁ ପାଇବା ପରେ ଜେଜଙ୍କ ସହରରେ ରଜ ବୁଲା ଭିତରେ ଝାପ୍‌ସା ମନେ ପଡ଼ୁଛି ଅନେକ କାହାଣୀର କଥା। ଚାନ୍ଦିନୀଚୌକରେ ଥିଲା ବସ୍‌ଷ୍ଟାଣ୍ଡ। ପ୍ରକାଣ୍ଡକାୟ ବରଗଛ ମୂଳେ ରୁବୁ ମିଆଁର ଖାଶି ମାଂସ ତାହା ପୁଣି ତାଳଗଛ ପତ୍ରରେ ପ୍ୟାକିଂ ହେଉଥିଲା। ପୋଡପିଠାର ବାସ୍ନା ସହର ସାରା ବାସର ସୁରଭି ମେଲାଇ ଥିବାବେଳେ ସହର ଭିତରେ ଅନେକ ପୋଖରୀ ଗାଡ଼ିଆ ଭିତରେ ମାଛ ଧରା ହୋଇ ଘରେ ଘରେ ରନ୍ଧା ହେଉଥିଲା। ସେତେବେଳେ କଟକ ସହର ନଥିଲା ଥିଲା ଏକା ଗାଁ। ମହାନଦୀର ଫ୍ୟାରେଦ ରୋଡ଼ରେ ଝିଅ ଝିଆଣୀମାନେ ଆସୁଥିଲେ ରଜ ବୁଲିବାକୁ। ସେତେବେଳେ କଉ ଫିଲ୍ମ ହଲ ଥିଲା ନା କଉ କେବୁଲ ଟିଭିରେ ଫିଲ୍ମ ଦେଖା। ନାଟକ ଦେଖା ଭିତରେ ଖୋଜା ପଡ଼ୁଥିଲା ଯାତ୍ରା ସୁଆଙ୍ଗ, ରାମଲୀଳା ଠାରୁ ଚମ୍ପୁର ଗାଆଣ ବଜାଣ। ହେଲେ ସେ ସବୁ ବର୍ତ୍ତମାନ ଇତିହାସର କାହାଣୀ। ବର୍ତ୍ତମାନର ରଜକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ସହର ସାରା ପ୍ରକାଣ୍ଡକାୟ ସପିଂ ମଲ୍‌ର ଡ୍ରେସ୍ ସୋରୁମ୍ ଭିତରେ ହଜିଯାଉଛି ରଜ ସମୟର ସେଦିନର କାସ୍ଥାଲୁଗା, ତନ୍ତୁବୁଣା ଶାଢ଼ୀ ନହେଲେ କଲିକତି ଗାମୁଛା। ସତରେ କୁଆଡ଼େ ଗଲା ସେଦିନର ରଜ ?

ସହର ସାରା ଭର୍ତ୍ତି ହୋଇଥିଲା ନାଳି ଗୋଡ଼ିରାସ୍ତା। ସଞ୍ଜ ହେଲେ ରାସ୍ତା କଡ଼ର ଖୁଣ୍ଟରେ ଲଗାଯାଉଥିଲା କିରୋସିନି ତେଲ ଭର୍ତ୍ତିର ଲଣ୍ଠନ ପରି ଆଲୁଅ ବତୀ। ବର୍ତ୍ତମାନ ତ ସବୁଠି ହାଇମାକ୍ସ ଲାଇଟ। ତଥାପି ବନ୍ଧୁବାନ୍ଧବଙ୍କ ସଙ୍ଖୁଳିବାର ଦିବସ ରଜ ନିଜର ପରିଚୟକୁ ହରାଇନାହିଁ। ବନ୍ଧୁବାନ୍ଧବ ଖୋଜା ପଡ଼ୁଥିଲେ ଏହି ଦିନରେ। ଆସୁଥିଲେ ବାଡ଼ିବଗିଚାର ଫଳଫୁଲୁରୀ ସହ ନିଜ ଅଞ୍ଚଳର ନାମଜାଦା ଜିନିଷ ନେଇ ବନ୍ଧୁଘରକୁ। ହେଲେ ବର୍ତ୍ତମାନ ମିଠା ଦରବ ଭିତରେ ଏଟିଏମ୍‌ରୁ ଟଙ୍କା ଉଠା ହୋଇ କ୍ଷଣିକ ଭିତରେ ରଜର ବେଭାର ଭର୍ତ୍ତି ହୋଇଯାଉଛି। ସେତେବେଳେ କଉ ଛିଡ଼ା ହୋଇଥିଲା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ? କ୍ୱଚିତ୍ ବସ ମୁଣ୍ଡ ଟେକି ଯାଉଥିଲେ ଚାନ୍ଦିନୀଚୌକ ଛକକୁ। ଖାଲି ପାଦରେ ଚାଲି ଚାଲି ଯିବାକୁ ପଡ଼ୁଥିଲା ଢ଼େର ବାଟ। ତେବେ କଟକ ସହରରେ ଅନେକ ସ୍ଥାନରେ ପ୍ରକାଣ୍ଡକାୟ ବରଓହଳ ଭିତରେ ତିଆରି ହେଉଥିଲା ରଜ ଦୋଳି। ଝିଅଝିଆଣୀମାନେ ସେଇଠି ହିଁ ସାରି ଦେଉଥିଲେ ଗୋଟିଏ ଦିନ। ମଜାମଜିଲିସ୍ ଭିତରେ ଖୋଜା ପଡ଼ୁଥିବା ରଜ ବର୍ତ୍ତମାନକୁ ଦେଖିଲେ ମନେପଡ଼ୁଛି ଢ଼େର କଥା। ମହାନଦୀ ଓ କାଠଯୋଡ଼ିରେ ଏହାଭିତରେ ବିତିଗଲାଣି ଅନେକ ଦିନ। ଦୁଇଟି



ନଈର ସୁଅରେ ବୋହିଗଲାଣି ଅନେକ ପାଣି ତଥାପି ଖୋଜା ପଡ଼ୁଛି ସେଦିନର ସମୟକୁ। ରଜରେ ଖାଣ୍ଟି କଟକିଆଣୀ ହାତରେ ତିଆରି କରୁଥିଲା ପୋଡପିଠା, କାକରା, ବିଭିନ୍ନ ପିଠାପଣା ସହ ରଜର ଖାନ୍‌ଦାନୀ ଶାଗୁଆତିର ଝୋଳ। ସପରିବାର ସହ ମଜା କାଟିବା ଭିତରେ ଝିଅଝିଆଣୀଙ୍କ ଗହଳ ଖୁସିର ମାହଲକୁ ବଢ଼ାଇ ଦେଉଥିଲା। ହେଲେ ସତରେ କୁଆଡ଼େ ଗଲା ସେ ଦିନ ଗୁଡ଼ା ? କଟକର ଦୁଇ ପଟରେ ଥିବା ମସ୍ତବଡ଼ ପଡ଼ିଆରେ କଟକିଆ ଯୁଆନ ଭେଣ୍ଡା ଟୋକାମାନେ ବାଗୁଡ଼ି ଖେଳରେ ତିନିଦିନ ନିଜକୁ ହଜାଇ ଦେଉଥିଲେ। ବର୍ତ୍ତମାନ ବାଗୁଡ଼ି ଖେଳ କଥା କହିଲେ ସମସ୍ତେ ଥରେ ଚିନ୍ତା କରିବେ ସତରେ ଏ ଜିନିଷଟି କ'ଣ ? ତଥାପି ରଜ ନିଜର ଗୌରବ ହରାଇନାହିଁ। କଟକି ସଂସ୍କୃତିରେ ଭାଇଚାରାର ସହର ଭିତରେ ହଜାରେ ବର୍ଷର ପରମ୍ପରାକୁ ନେଇ ଗଢ଼ି ଉଠିଥିବା ରଜ ପାର୍ବଣ ଦଶହରା ଓ ବାଲିଯାତ୍ରା ପରେ ଅନ୍ୟତମ ମହାପାର୍ବଣ ରୂପରେ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିଛି। ରଜକୁ ନେଇ କଟକିଆଣୀ ଦେଖିଥିବା ସ୍ୱପ୍ନକୁ ସାକାର କରିଥାଏ ତା ମରଦ ମଣିଷଟି। ଘରର ସବୁକିଛି ଖୋଜିଆଣି କିଣି ଦେଇ ଘରଣୀର ମନ ନେଇ ମଜା ମଜିଲିସ୍ ଭିତରେ ରଜ ପର୍ବକୁ କିପରି କାଟି ଦିଅନ୍ତି ଯେ କାହାକୁ ସତରେ ଜଣାପଡ଼େ ନାହିଁ। କଟକରେ ରଜ ସହର ନୁହେଁ ବରଂ ଗ୍ରାମ୍ୟ ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ। ସଂସ୍କୃତି ଓ ପରମ୍ପରା ଭିତରେ ମାଆ ଗଡ଼ଚଣ୍ଡୀ, କଟକଚଣ୍ଡୀ, କାଳିଗଳି କାଳୀ ଓ ଗଡେଶ୍ୱର ମହାଦେବଙ୍କୁ ନେଇ ପୂଜା ନୈବେଦ୍ୟ ଅର୍ପଣ କରିବାକୁ ରଜରେ କେହିବି ଭୁଲି ନଥାନ୍ତି। କର୍ମକ୍ଳାନ୍ତ ଜୀବନ ଭିତରେ ବିଶ୍ରାମର ଅବକାଶ ସୃଷ୍ଟି କରିଥାଏ ରଜ। ପ୍ରାଚୀନ ସଂସ୍କୃତିର ଗୌରବ ଗାଥାକୁ ବଜାୟ ରଖି ସ୍ୱତନ୍ତ୍ର ଭାବରେ ବନ୍ଧୁମେଳନର ଓ ମିତଣୀଙ୍କୁ ଭେଟ କରିବାର ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ ଏହି ରଜ। ବର୍ତ୍ତମାନର ଚାକଚକ୍ୟଭରା ସଂସ୍କୃତି ଓ ସୂଚନା ପ୍ରଯୁକ୍ତିର କୌଶଳ ଭିତରେ ରଜ କିନ୍ତୁ ନିଜର ସ୍ୱତନ୍ତ୍ରତା ହରାଇ ନାହିଁ। ତଥାପି ଖୋଜୁଛି ସେଦିନର ବନ୍ଧୁମାନଙ୍କୁ ସେ ସମୟର ଉଜାଣୀ ସୁଅରେ ହଜି ଯାଇଥିବା ମୁହୂର୍ତ୍ତକୁ। ତଥାପି ଭାଇଚାରାର ସହର କଟକରେ ହଜି ନାହିଁ ରଜର ମଉଜା ପୁଚିଖେଳ, ବାଗୁଡ଼ିର ଗୁରୁ ଗର୍ଜନ ଭିତରେ ଫିଲ୍ମ ହଲର ଡାଇଲକ୍ ଓ ସିଡ଼ି କ୍ୟାସେଟ୍‌ର ଅତ୍ୟାଧୁନିକ ମ୍ୟୁଜିକ୍ ଭିତରେ ମନଭିତରକୁ ଚାଲି ଆସୁଛି ସେ ସମୟର ସାଂସ୍କୃତିକ ମୁହୂର୍ତ୍ତ। ମୋ ବାପା ଦିବଂଗତ ପ୍ରଫେସର ଗୋପାଳ ଚନ୍ଦ୍ର କର ଯେ କି ସମଗ୍ର ଭାରତର ଜଣେ ସୁନାମଧନ୍ୟ ମାନସିକ ରୋଗ ଚିକିତ୍ସକ ତଥା ମନସ୍ତତ୍ତ୍ୱବିଦ୍ୟାର କୃତୀତ୍ୱ ବିଦ୍ୱାନବିମଣ୍ଡିତ ପ୍ରତିଭା ମା' ଡକ୍ଟର ଗାୟତ୍ରୀ ଦେବୀ ଜଣେ ପ୍ରଥିତ ଯଥା ସମାଜସେବିକା, ଲେଖିକା ଓ ଆଇନବିତ୍, ସେହିମାନଙ୍କ ଅଭୁଲା ସ୍ନେହ ଓ ମୋ କୁନି ଜୀବନକୁ ଚହଲାଇ ଦେଇଥିବା ଜୀବନ ସ୍ମୃତିର ମାର୍ଗପୁରୋଧାଙ୍କ ସ୍ନେହ ଏହି ରଜରେ ମୁଁ ଅନୁଭବ କରିଥାଏ। ମହାପାର୍ବଣର ସ୍ୱାକ୍ଷର ବହନ କରିଥିବା ରଜ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଥିବାବେଳେ ତଥାପି ସେ ଦିନର ସମୟ ଓ ବନ୍ଧୁବର୍ଗଙ୍କ ଭିତରେ ମନେ ପଡ଼ିଯାଉଛି ଅନେକ ସ୍ମୃତି। କାଳର କରାଳ ଗର୍ଭରେ ଇତିହାସ ପାଲଟିଯାଇଥିବା ରଜ ମହାପାର୍ବଣ ଭାବରେ କଟକିଆଙ୍କ ପାଖରେ ନିଜ ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଛି। ଏହାକୁ କେହି ବି ଭୁଲିପାରିବେ ନାହିଁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍: ୯୧୩୨୪୩୩୩୩୩**

# ଦକ୍ଷିଣ ଆଫ୍ରିକା ନୂଆ ବିଶ୍ୱ ଟେଷ୍ଟ ଚାମ୍ପିଅନ

## ୨୭ ବର୍ଷ ପରେ ଜିତିଲା ଆଇସିସି ଟ୍ରଫି

**ଲର୍ଡସ, ୧୪।୬:** ଇତିହାସ ସୃଷ୍ଟି କରିଛି ଦକ୍ଷିଣ ଆଫ୍ରିକା। ଲଣ୍ଡନର ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ୫ ଓ୍ୱିକେଟ ହରାଇ ଚାମ୍ପିୟନ ହୋଇଛି ଏହି ଆଫ୍ରିକୀୟ ଦଳ। ୨୮୨ ରନର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୫ ଓ୍ୱିକେଟ ହରାଇ ମ୍ୟାଚର ୪ର୍ଥ ଦିନରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆଇଡେନ ମାର୍କରାମ ୧୩୬ ରନ ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ସେହିପରି ଅଧିନାୟକ ତେମ୍ବା ବାଭୁମା ୬୬ ରନ ଓ ଓ୍ୱାଇନ ମୁଲଡର ୨୭ ରନ କରିଥିଲେ। ୧୯୯୮ ପରେ ଅର୍ଥାତ ୨୭ ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା।




୧୯୯୮ରେ ଏହି ଦଳ ଆଇସିସି ନକଆଉଟ ଜିତିଥିଲା। ଦକ୍ଷିଣ ଆଫ୍ରିକା ବିଶ୍ୱ କ୍ରିକେଟରେ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ବି ସବୁବେଳେ ଆଇସିସି ଟୁର୍ଣ୍ଣାମେଣ୍ଟରେ ବିଫଳ ହୋଇଥାଏ। କିନ୍ତୁ ଏଥର ଏହି ଦଳ ପୂର୍ବର ନୈରାଶ୍ୟକୁ ଦୂର କରି ଐତିହାସିକ ସଫଳତା ପ୍ରାପ୍ତ କରିଛି। ୧୯୯୮ ପରେ ଅର୍ଥାତ ୨୭ ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା। ୧୯୯୮ରେ ଏହି ଦଳ ଆଇସିସି ନକଆଉଟ ଜିତିଥିଲା। ଦକ୍ଷିଣ ଆଫ୍ରିକା ବିଶ୍ୱ କ୍ରିକେଟରେ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ବି ସବୁବେଳେ ଆଇସିସି ଟୁର୍ଣ୍ଣାମେଣ୍ଟରେ ବିଫଳ ହୋଇଥାଏ। କିନ୍ତୁ ଏଥର ଏହି ଦଳ ପୂର୍ବର ନୈରାଶ୍ୟକୁ ଦୂର କରି ଐତିହାସିକ ସଫଳତା ପ୍ରାପ୍ତ କରିଛି।

ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୭୩ ରନରେ ୭ଟି ଓ୍ୱିକେଟ ହରାଇଥିଲା। ତେବେ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ରନ ଓ ଅଲେକ୍ସ କେରିଙ୍କ ୪୩ ରନ ବଳରେ ଅଷ୍ଟ୍ରେଲିଆ ଏକ ସମ୍ମାନଜନକ ସ୍କୋର କରିବା ସହ ଦକ୍ଷିଣ ଆଫ୍ରିକାଠାରୁ ୨୮୧ ରନରେ ଅଗ୍ରଣୀ ହାସଲ କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ଆଗରେ ବିଜୟ ପାଇଁ ୨୮୨ ରନର ଲକ୍ଷ୍ୟ ଥିଲା।



## ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୧୯୦

**ନୂଆଦିଲ୍ଲୀ, ୧୪।୬:** ସଦ୍ୟ ସମାପ୍ତ ଆଇପିଏଲ୍‌ର ଚର୍ଚ୍ଚିତ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଗୁରୁବାର ଆଉ ଏକ ବିସ୍ଫୋରକ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ମାତ୍ର ୧୪ ବର୍ଷରେ ଆଇପିଏଲ୍ ପଦାର୍ପଣ କରିଥିବା ସୂର୍ଯ୍ୟବଂଶୀ ନିଜ ଦ୍ୱିତୀୟ ପାଳିରେ ହିଁ ୩୫ ବଲ୍‌ରୁ ଶତକ ହାସଲ କରି ଲିଗ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। ଗୁରୁବାର କିନ୍ତୁ ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସିଓଇ (ସେଣ୍ଟର୍ ଅଫ୍ ଏକ୍ସଲେନ୍ସ)ରେ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ମାତ୍ର ୯୦ ବଲ୍‌ରୁ ୧୯୦ ରନ୍ ସଂଗ୍ରହ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଭାରତୀୟ ୧୯ ବର୍ଷରୁ କମ୍ ଦଳର ଶିବିର ଅବସରରେ ସେ ଏହି ପାଳି ଖେଳିଛନ୍ତି, ଯାହାର ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ଆଇପିଏଲ୍‌ରେ ସେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷରେ ୩୮ ବଲ୍‌ରୁ ୧୦୧ ରନ୍ ସଂଗ୍ରହ କରିବା ସହ ଏକାଧିକ ବିସ୍ଫୋରକ ପାଳି ଖେଳିଥିଲେ। ପଦାର୍ପଣରେ ସେ ସମ୍ମୁଖୀନ ହୋଇଥିବା ପ୍ରଥମ ବଲ୍‌ରେ ଶାର୍ଦ୍ଦୁଳ ଠାକୁରଙ୍କୁ ବି ଛକା ମାରି ତତ୍‌କ୍ଷଣାତ ପ୍ରଭାବ ଛାଡ଼ିଥିଲେ। ସିଜନ୍ ଶେଷ ବେଳକୁ ୭ ମ୍ୟାଚ୍‌ରୁ ୨୫୨ ରନ୍ ସଂଗ୍ରହ କରି ଅନ୍ୟତମ ଶ୍ରେଷ୍ଠ ଯୁବ ଖେଳାଳିର ଗୌରବ ପାଇଛନ୍ତି। ସୂର୍ଯ୍ୟବଂଶୀଙ୍କ ପ୍ରଭାବୀ ପ୍ରଦର୍ଶନ କେବଳ ଟି-୨୦ରେ ସୀମିତ ରହିନାହିଁ। ପୂର୍ବରୁ ସେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ବିପକ୍ଷ ୪ ଦିନିଆ ମ୍ୟାଚ୍‌ରେ ୫୮ ବଲ୍‌ରୁ ଶତକ ଏବଂ ୨୦୨୪ ଏସିସି ଏସିଆ କପ୍ (୧୯ ବର୍ଷରୁ କମ୍)ରେ ଭାରତର ଫାଇନାଲ୍ ପ୍ରବେଶରେ ପ୍ରମୁଖ ଭୂମିକା ନେଇଥିଲେ।

## ଜାତୀୟ କରାଟେ: ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶାକୁ ୯ ପଦକ

**ଭୁବନେଶ୍ୱର, ୧୪।୬:** ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଉପକନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତାରେ ଦିତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶା ଖେଳାଳି ୨ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ କାଂସ୍ୟ ସହ ୯ ପଦକ କରାୟତ୍ତ କରିଛନ୍ତି। ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଯୁବ ୭୦ କେଜି ଫାଇଟିଂରେ ଏବଂ ଦିବ୍ୟ ପ୍ରସାଦ ନାୟକ କନିଷ୍ଠ ୭୬ କେଜିରୁ ଅଧିକ ଫାଇଟିଂରେ ସ୍ୱର୍ଣ ପଦକ ଜିତିଛନ୍ତି। ଗତ ଯୁବ ଏସିଆ ବାଳିକା କାଟାରେ କାଂସ୍ୟ ପଦକ ଜିତିଥିବା ଆଲିଶା ସୁବୁଦ୍ଧି, ଯୁବ ବାଳକ ୫୨ କେଜି ଫାଇଟିଂରେ ଓମ୍ ସତ୍ୟମ ମହାନ୍ତି ରୌପ୍ୟ ଜିତିଥିଲେ। ୬୧ କେଜି ବାଳିକା ଫାଇଟିଙ୍ଗ୍‌ରେ ତପସ୍ୱିନୀ ନାୟକ, କନିଷ୍ଠ ବାଳିକା କାଟାରେ ସୁପ୍ରିୟା ମହାନ୍ତି, କନିଷ୍ଠ ବାଳକ ୬୮ କେଜି ଫାଇଟିଂରେ ଆର୍ଯ୍ୟବ୍ରତ ବିଶ୍ୱାଳ, କନିଷ୍ଠ ବାଳକ କାଟା ଦଳ (ଶୁଭମ ଦାଶ , ଦୋଳଗୋବିନ୍ଦ ବେହେରା, ରିତେଶ ପାତ୍ର, ଅଂଶୁମାନ ମିଶ୍ର), ବାଳିକା ଦଳ (ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ତମନା ମେହେର, ସ୍ୱେତାଞ୍ଜନା ସାହୁ) କାଂସ୍ୟ ପଦକ ପାଇଛନ୍ତି। ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ଅଭିନନ୍ଦନ ଜଣାଇଛି।




### ବିସିସିଆଇକୁ ବଡ଼ ଝଟକା

# ଭାରତକୁ ମିଳିବନି ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ



## ୮ ବର୍ଷ କରିବାକୁ ପଡ଼ିବ ଅପେକ୍ଷା

**ନୂଆଦିଲ୍ଲୀ, ୧୪।୬:** ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ (ଡବ୍ଲ୍ୟୁଟିସି ଫାଇନାଲ୍) ଆୟୋଜନ କରିବାର ସ୍ୱପ୍ନ କିଛି ବର୍ଷ ପାଇଁ ଅଧୁରା ରହିପାରେ। ବିସିସିଆଇକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଠାରୁ ଏକ ବଡ଼ ଝଟକା ଲାଗିପାରେ। ଡବ୍ଲ୍ୟୁଟିସି ଆରମ୍ଭ ହେବା ଦିନଠାରୁ, ଫାଇନାଲ ମ୍ୟାଚ ଇଂଲଣ୍ଡରେ ଅନୁଷ୍ଠିତ ହେଉଛି। ବିସିସିଆଇ ଭାରତରେ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବା ବିଷୟ ଆଇସିସିକୁ ଚିଠି ପଠାଇଥିଲା, କିନ୍ତୁ ଇଂଲଣ୍ଡ ପରବର୍ତ୍ତୀ ତିନୋଟି ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ ଆୟୋଜନ କରିବ। ଯଦି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର କମାଣ୍ଡ ୨୦୨୯-୩୧ ସିଜିନ ପର୍ଯ୍ୟନ୍ତ ଇଂଲଣ୍ଡ ପାଖରେ ରହିବ, ତେବେ ଭାରତକୁ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବା ପାଇଁ ପ୍ରାୟ ୮ ବର୍ଷ ଅପେକ୍ଷା କରିବାକୁ ପଡିବ। ଜୁଲାଇ ୨୦୨୫ରେ ସିଙ୍ଗାପୁରରେ ଅନୁଷ୍ଠିତ ହେବାକୁ ଥିବା ଆଇସିସିର ବାର୍ଷିକ ସମ୍ମିଳନୀରେ ଘୋଷଣା କରାଯାଇପାରେ ଯେ, ଇଂଲଣ୍ଡ ଆଗାମୀ ତିନି ଥର ପାଇଁ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବ। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଗତ ଛଅ ବର୍ଷ ଧରି ଭାରତକୁ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବା ପାଇଁ ନିରନ୍ତର ଚେଷ୍ଟା କରିଆସୁଛି। କିନ୍ତୁ ବିଶ୍ୱ କ୍ରିକେଟ୍‌ରେ ବିସିସିଆଇର ପ୍ରଭାବ ବଢୁଥିବା ସତ୍ତ୍ୱେ, ଆୟୋଜନ ମିଳିପାରି ନାହିଁ। ସେହି ସମୟରେ, ପୂର୍ବତନ ବିସିସିଆଇ ସଚିବ ଜୟ ଶାହ ବର୍ତ୍ତମାନ ଆଇସିସିର ଅଧ୍ୟକ୍ଷ ଅଛନ୍ତି, ଏହା ସତ୍ତ୍ୱେ, ଏହି ସୁଯୋଗ ଭାରତର ହାତରୁ ଖସି ଯାଉଥିବା ପରି ମନେ ହେଉଛି। ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍‌ର ପ୍ରଥମ ଫାଇନାଲ ୨୦୨୧ ମସିହାରେ ଖେଳାଯାଇଥିଲା, ଯାହା ଇଂଲଣ୍ଡର ସାଉଥାମ୍ପଟନ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିଲା। ସେହି ସମୟରେ, ଦ୍ୱିତୀୟ ଡବ୍ଲ୍ୟୁଟିସି ଫାଇନାଲ ୨୦୨୩ ମସିହାରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା। ସେହି ସମୟରେ, ତୃତୀୟ ଫାଇନାଲ ଲର୍ଡସ୍‌ରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଉଛି।

# ନଭେମ୍ବର ୨୯ରୁ ଅଲଟିମେଟ୍ ଖୋ ଖୋ ସିଜନ-୩

## ପ୍ରଥମ ଥର ବିଦେଶୀ ଖେଳାଳି ହେବେ ସାମିଲ

**ନୂଆଦିଲ୍ଲୀ, ୧୪।୬:** ଦୁଇଟି ସଂସ୍କରଣ ସଫଳତାର ସହ ଆୟୋଜିତ ହେବା ପରେ ଆସନ୍ତା ନଭେମ୍ବର ୨୯ ତାରିଖରୁ ଅଲଟିମେଟ୍ ଖୋ ଖୋର ତୃତୀୟ ସଂସ୍କରଣ ଆରମ୍ଭ ହେବ। ଏ ବିଷୟରେ ଭାରତୀୟ ଖୋ ଖୋ ସଂଘର ସଭାପତି ସୁଧାଂଶୁ ମିତ୍ତଲ ଘୋଷଣା କରିଛନ୍ତି। ସିଜନ-୩ ବିଶେଷତ୍ୱ ହେଉଛି, ପ୍ରଥମ ଥର ବିଦେଶୀ ଖେଳାଳିଙ୍କୁ ସାମିଲ କରାଯିବ। ଯାହା ପ୍ରଥମ ସଂସ୍କରଣରୁ ଦାବି ହୋଇ ଆସୁଥିଲା। ଶ୍ରୀ ମିତ୍ତଲଙ୍କ ସୂଚନା ଅନୁସାରେ, ଅଲଟିମେଟ୍ ଖୋ ଖୋକୁ ଅଧିକ ପରିବ୍ୟାପ୍ତ କରାଯିବା ନେଇ ଯୋଜନା ହୋଇଛି। ତେଣୁ ବିଦେଶୀ ଖେଳାଳିଙ୍କୁ ସାମିଲ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଖେଳାଳି ନିଲାମୀ ଏବଂ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ସୂଚନା ଦିଆଯିବ। ଅଲଟିମେଟ୍ ଖୋ ଖୋ ପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିଅନ ହୋଇଥିଲା। ୨୦୨୩-୨୪ ସଂସ୍କରଣ କଟକରେ ଆୟୋଜିତ ହେବା ସହ ଗୁଜରାଟ ଜାଏଣ୍ଟସ ଟାଇଟଲ ହାସଲ କରିଥିଲା। ଓଡ଼ିଶା ଜଗରନଟ୍ସକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରୁଥିଲେ। ଆଗାମୀ ସଂସ୍କରଣରେ ଦଳ ଖେଳିବ କି ନାହିଁ ନୂଆ ସରକାର ନିଷ୍ପତ୍ତି ନେବେ। ଆଶା କରାଯାଉଛି ପାରମ୍ପରିକ କ୍ରୀଡ଼ା ଖୋ ଖୋର ପ୍ରଚାର ପ୍ରସାର ଦିଗରେ ରାଜ୍ୟ ସରକାର ଆଦୌ କୁଣ୍ଠା ପ୍ରକାଶ କରିବେ ନାହିଁ। ତେଣୁ ଜଗରନଟ୍ସ ଆଗାମୀ ସଂସ୍କରଣରେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୋଜନା ବର୍ଷା...

କରିବେ ଶୁଭାରମ୍ଭ। ଏଥିସହିତ ୫୦ ହଜାର ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବାଣ୍ଟିବାର କାର୍ଯ୍ୟକ୍ରମ ମଧ ରହିଛି। ମୋହନ ସରକାରଙ୍କ ବର୍ଷ ପୂର୍ତ୍ତୀ ଉତ୍ସବରେ ଯୋଗଦେବାକୁ ଆସୁଥିବା ପ୍ରଧାନମନ୍ତ୍ରୀଙ୍କ ଭବ୍ୟ ସ୍ୱାଗତ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ବଡ଼ ବ୍ଲୁ-ପ୍ରିଣ୍ଟ। ଅପରାହ୍ନ ୩ଟାରେ ବିମାନବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ପ୍ରଥମେ ତ୍ରିରଙ୍ଗାଯାତ୍ରାରେ ସାମିଲ ହେବେ ପ୍ରଧାନମନ୍ତ୍ରୀ। ବିମାନ ବନ୍ଦରରୁ ଏଜି ଛକ ପର୍ଯ୍ୟନ୍ତ କରାଯାଇ ପାରେ ତ୍ରିରଙ୍ଗା ଯାତ୍ରା। ପରେ ଜନତା ମଇଦାନ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ବିଶାଳ ରୋଡ ଶୋ କରିବେ ପ୍ରଧାନମନ୍ତ୍ରୀ। ଜନତା ମଇଦାନରେ ପହଁଚି ଓଡ଼ିଶାକୁ ବଡ଼ ଭେଟି ଦେବା ସହ ରାଜ୍ୟ ସରକାରଙ୍କ ଅନେକ ନୂଆ ଯୋଜନାର କରିବେ ଶୁଭାରମ୍ଭ। ସେହିପରି ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ୫୦ ହଜାର ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟାଯିବ। ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ ସହ ପ୍ରାୟ ୧୦୦ ଜଣ ମହାପୁରୁଷଙ୍କ ଗାଁକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯିବ। ଶେଷରେ ଜନତା ମଇଦାନରେ ଉପସ୍ଥିତ ପ୍ରାୟ ଲକ୍ଷାଧିକ ଲୋକଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ। ପୂର୍ବରୁ ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ ଏହିପରି ରୋଡ୍ ସୋ'କୁ ଗ୍ରାଣ୍ଡ ସକସେସ ମିଳିଥିବା ଦେଖାଯାଇଛି। ନିର୍ବାଚନ ସମୟରେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ'ରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି ପ୍ରଧାନମନ୍ତ୍ରୀ କି କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶାକୁ ଯେତେ ଅଧିକ ଆସିବେ ଜନତାଙ୍କ ଉପରେ ତାହାର ପ୍ରଭାବ ନିଶ୍ଚିତ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭରସା କରି ବିଜେପିକୁ ଭୋଟ ଦେଇଥିଲେ ଓଡ଼ିଶାବାସୀ। ପ୍ରଧାନମନ୍ତ୍ରୀ ମଧ ସେଇ ବିଶ୍ୱାସକୁ ବଜାୟ ରଖିବା ଲାଗି ଓଡ଼ିଶା ସହ ଚଟାଣ ଭଳି ଛିଡ଼ା ହୋଇଛନ୍ତି। ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ହେଉ କି ସୁଭଦ୍ରା ସମାରୋହ କିମ୍ବା ପୋଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ, ଉତ୍କର୍ଷ ଓଡ଼ିଶା ଭଳି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆଙ୍କ ପ୍ରତି ଥିବା ଭଲପାଇବା ଓ ଆତ୍ମୀୟତାକୁ ପ୍ରତିଥର ଦର୍ଶାଇଛନ୍ତି।

## ଓଡ଼ିଶା ଟପ୍ପର...

କିନ୍ତୁ ସର୍ବଭାରତୀୟ ସ୍ତରରେ ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ ଲକ୍ଷ ୨୨ ହଜାର ଝିଅ ରହିଛନ୍ତି। ୧୧ ଜଣ ତୃତୀୟଲିଙ୍ଗୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ ଜଣ ଡାକ୍ତରୀ ପାଠ୍ୟକ୍ରମ ପଢିବାକୁ ଯୋଗ୍ୟତା ହାସଲ କରିଛନ୍ତି। ନିଟ୍ ୟୁଜି ପରୀକ୍ଷାରେ ଓଡ଼ିଶା ଛାତ୍ରଛାତ୍ରୀ ମଧ ଉତ୍ତମ ପ୍ରଦର୍ଶନ କରିଛନ୍ତି। ସର୍ବଭାରତୀୟ ରାଙ୍କ ୬୦ରେ ରହିଥିବା ସ୍ନେହାଶିଷ ଦାସ ଓଡ଼ିଶା ଟପ୍ପର ହୋଇଛନ୍ତି। ପିଲାଟି ବେଳୁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ସ୍ନେହାଶିଷଙ୍କ ସ୍ୱପ୍ନକୁ ପୂରା କରିଛି ଏହି ଫଳାଫଳ। ୟୁଟ୍ୟୁବ୍‌କୁ ପାଠପଢ଼ା ସାଥୀ କରି ଏହି ସଫଳତା ପାଇଛନ୍ତି ସ୍ନେହାଶିଷ। ହ୍ୟୁମାନ ଆନାଟୋମି ଓ ଅନ୍ୟାନ୍ୟ ବିଜ୍ଞାନ ଭିତ୍ତିକ ଭିଡ଼ିଓ ଦେଖି ନିଜକୁ ନିଟ୍ ପାଇଁ ପ୍ରସ୍ତୁତ କରିଥିଲେ। ଭବିଷ୍ୟତରେ ଭଲ ନ୍ୟୁରୋସର୍ଜନ ହୋଇ ଲୋକଙ୍କ ସେବା କରିବି ବୋଲି କହିଛନ୍ତି ସ୍ନେହାଶିଷ। ଅନୁସୂଚିତ ଜାତି ବର୍ଗରେ ଓଡ଼ିଶାର ପବିତ୍ର ସେଠୀ ୬ ନମ୍ବର ସ୍ଥାନରେ ରହିଥିବା ବେଳେ ତାଙ୍କର ସର୍ବଭାରତୀୟ ରାଙ୍କ ୧୮୦ ରହିଛି। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ସୂତ୍ର ବୋଲି କହିଛନ୍ତି କୃତି ଛାତ୍ରଛାତ୍ରୀ। ଅନ୍ୟପଟେ ନାମଲେଖା ପାଇଁ କାଉନସେଲିଂ ପ୍ରକ୍ରିୟା କେବେ ଆରମ୍ଭ ହେବ ତାହା ଉପରେ ନଜର ରଖିଛନ୍ତି ଛାତ୍ରଛାତ୍ରୀ।

## ମୃତ୍ୟୁସଂଖ୍ୟା...

ସେଠାରେ ପ୍ରାୟ ୫୦ ରୁ ୬୦ ଜଣ ଉପସ୍ଥିତ ଥିଲେ। କେତେ ଲୋକଙ୍କ ମୃତ୍ୟୁ ହୋଇଛି ସେ ବିଷୟରେ କୌଣସି ଠୋସ୍ ସୂଚନା ନାହିଁ। ନିରନ୍ତର ମୃତ୍ୟୁ ନିଶ୍ଚିତ କରାଯାଉଛି। ଶନିବାର ସୁଦ୍ଧା ମୋଟ ମୃତ୍ୟୁ ସଂଖ୍ୟା ୨୭୪ରେ ପହଞ୍ଚିଛି। ବିମାନ ଦୁର୍ଘଟଣାରେ ମୃତକଙ୍କୁ ଚିହ୍ନଟ କରିବା ପାଇଁ ଡିଏନଏ ପରୀକ୍ଷା କରାଯାଉଛି। ଏପର୍ଯ୍ୟନ୍ତ ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲରେ ୨୭୦ ରୁ ଅଧିକ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଏହା ବ୍ୟତୀତ ୨୦୦ ରୁ ଅଧିକ ଲୋକଙ୍କ ଡିଏନଏ ପରୀକ୍ଷା ମଧ କରାଯାଇଛି। ମୃତଦେହ ଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆହତମାନଙ୍କୁ ଭେଟିଥିଲେ। ଦୁର୍ଘଟଣାରୁ ବଞ୍ଚିଯାଇଥିବା ଏକମାତ୍ର ବ୍ୟକ୍ତି ବିଶ୍ୱାସ କୁମାର ରମେଶଙ୍କୁ ଭେଟି ଆହତମାନଙ୍କ ଆରୋଗ୍ୟ କାମନା ମଧ କରିଥିଲେ। ଟାଟା ସନ୍ସର ଅଧକ୍ଷ ଏନ ଚନ୍ଦ୍ରଶେଖରନ୍ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରି ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ଯନ୍ତ୍ରଣା କଳ୍ପନା କରିବା କଷ୍ଟକର। ଟାଟା ସନ୍ସ ପରିବାର ସଦସ୍ୟଙ୍କୁ ହରାଇଥିବା ପ୍ରତ୍ୟେକଙ୍କୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବ।

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

କରିଥିଲେ ବି ମନ୍ତ୍ରୀମଣ୍ଡଳରେ ଏହି ଲୋକସଭା କ୍ଷେତ୍ରରୁ କେହି ପ୍ରତିନିଧିତ୍ୱ କରିନାହାଁନ୍ତି। ସେହିଭଳି ପୁରୀ ଲୋକସଭା କ୍ଷେତ୍ର ମଧ ମନ୍ତ୍ରୀମଣ୍ଡଳରେ ପ୍ରତିନିଧିତ୍ୱ କରିନି। କୋରାପୁଟ ଲୋକସଭା କ୍ଷେତ୍ର ବି ପ୍ରତିନିଧି ଶୂନ୍ୟ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଛଅ ଛଅଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ଖାଲିପଡିଥିବା ଛଅଟି ପଦର ଚାପ ବି ତାଙ୍କ ଉପରେ ରହିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଓ ରାଜନୈତିକ ଉଭୟ ଆଡୁ ଚାପରେ ଥିବା ବେଳେ ତାଙ୍କ ଉପରେ ଉପରେ ବିଭାଗ ଚାପ ରହିବା ଗ୍ରହଣୀୟ ହେଉନି। ତେଣୁ ମୁଖ୍ୟମନ୍ତ୍ରୀ ଯେଉଁ ସଂପ୍ରସାରଣ ଯୋଜନା କରୁଛନ୍ତି ସେଥିରେ କିଛି ଅଭିଜ୍ଞ ଓ ଅନୁଭୂତି ସମ୍ପନ୍ନ ନେତାଙ୍କୁ ସାମିଲ କରିବାକୁ ଚିନ୍ତା କରୁଥିବା ଜଣାପଡିଛି। ନିଜ ପାଖରେ ରଖିଥିବା କିଛି ବିଭାଗ ସାଙ୍ଗକୁ ଏକାଧିକ ବିଭାଗରେ ଭାରାକ୍ରାନ୍ତ କିଛି ମନ୍ତ୍ରୀଙ୍କ ଶ୍ରମଭାର ମଧ ଲାଘବ କରିବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରୁଥିବା ଜଣାପଡିଛି। ଆଗକୁ ପଂଚାୟତ ଓ ପୌର ନିର୍ବାଚନ ଆଉ ତାର ବର୍ଷେ ଦୁଇ ବର୍ଷ ପରେ ସାଧାରଣ ନିର୍ବାଚନ। ତେଣୁ ଏବେଠୁ ମୁଖ୍ୟମନ୍ତ୍ରୀ ନିଜର ଗଡ ମଜବୁତ ନକଲେ ବିରୋଧୀଙ୍କୁ ଚେକ ଦେବା କଷ୍ଟକର ହୋଇପଡିବ ବୋଲି ଆଶଙ୍କା କରି ମୋହନ ମାଝୀ ନିଜ କ୍ୟାବିନେଟର ସମ୍ପ୍ରସାରଣ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।

## ବିଶ୍ୱ ଶିକ୍ଷାର...

ୟର୍କ ବିଶ୍ୱବିଦ୍ୟାଳୟ, ଆବରଡିନ୍ ବିଶ୍ୱବିଦ୍ୟାଳୟ, ଓ୍ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ, ଇଲିନୋଇସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ଇନଷ୍ଟିଚ୍ୟୁଟ ୟୁରୋପୋ ଡି ଡିଜାଇନ୍ (ଆଇଇଡି), ଇଟାଲିରର ଶାଖା କ୍ୟାମ୍ପସ ପ୍ରତିଷ୍ଠା ଭାରତର ଶିକ୍ଷା ପରିସଂସ୍ଥାନ ପ୍ରତି ଗଭୀର ଏବଂ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳିତ କରୁଛି ଏବଂ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରୀ ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷାର ପେଣ୍ଠସ୍ଥଳୀ ଭାବରେ କଳ୍ପନା କରେ, ଯାହା ସୁଲଭ ମୂଲ୍ୟରେ ଗୁଣବତ୍ତା ଯୁକ୍ତ ଶିକ୍ଷା ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀଙ୍କ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାର ଦୃଷ୍ଟିକୋଣକୁ ସାକାର କରିବା ଆମର ଲକ୍ଷ୍ୟ ରହିଛି। ବିଶ୍ୱର ଶ୍ରେଷ୍ଠ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ ପ୍ରତିଷ୍ଠା କରିବା ପାଇଁ ମୋଦି ସରକାର ବିହିତ ପଦକ୍ଷେପ ନେଉଛନ୍ତି। ଐତିହାସିକ ମୁମ୍ବାଇ ହେଉଛି ସ୍ୱପ୍ନର ସହର ଏବଂ ଏହାକୁ ଜ୍ଞାନୀ ଏବଂ ଉଦ୍ୟମୀଙ୍କ ସହର ଭାବେ ବିବେଚନା କରାଯାଏ। ନାଭି ମୁମ୍ବାଇକୁ ଶିକ୍ଷା କୈନ୍ଦ୍ରିକ ସହର ଭାବେ କଳ୍ପନା କରାଯାଉଛି। ଆଗାମୀ ଦିନରେ ଶିକ୍ଷା ବିପ୍ଳବର ନେତୃତ୍ୱ ମୁମ୍ବାଇ ନେବ। ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ମୁମ୍ବାଇ/ ନେଭି ମୁମ୍ବାଇରେ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଉଛି। ଭାରତରେ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପ୍ରତିଷ୍ଠା ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତରେ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ଏବଂ ଅଧ୍ୟୟନ ସୁଯୋଗ ବିସ୍ତାର କରିବା ଏବଂ ଗବେଷଣା, ଜ୍ଞାନ ବିନିମୟ, ଉଦ୍ୟୋଗ ଏବଂ ନିବେଶ ପାଇଁ ଲାଭଦାୟକ ହେବ। ମୁମ୍ବାଇ/ନଭି ମୁମ୍ବାଇ/ଚେନ୍ନାଇ କ୍ୟାମ୍ପସ୍‌ରେ ପାଠ୍ୟକ୍ରମଗୁଡ଼ିକ ବ୍ୟବସାୟ, ଅର୍ଥନୀତି, କମ୍ପ୍ୟୁଟର ବିଜ୍ଞାନ, ଜନସ୍ୱାସ୍ଥ୍ୟ, ଡାଟା ବିଜ୍ଞାନ, ଡିଜାଇନ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଏନଏମଆଇଏମଏସର ମୁକେଶ ପଟେଲ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଇଞ୍ଜିନିୟରିଂ ଆଣ୍ଡ୍ ସ୍କୁଲ ଅଫ୍ ବିଜେନସ ମ୍ୟାନେଜମେଣ୍ଟର ନୂଆ ଭବନ ଉଦଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ସରକାରଙ୍କ ଉଚ୍ଚ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ, ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ ସଚିବ ଅସୀମ ଗୁପ୍ତା ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ଏବଂ ୟୁଜିସି ଅଧକ୍ଷ ଡକ୍ଟର ବିନୀତ ଯୋଶୀ ଉପସ୍ଥିତ ଥିଲେ।

## ଜିଲ୍ଲା ଗସ୍ତରେ...

କରାଯାଉଛି। ସେହିଭଳି ପୂର୍ବରୁ ସଚିବମାନେ ଯେଭଳି ନିଜ ନିଜ ବିଭାଗ ଅଧିନରେ ଥିବା କ୍ଷେତ୍ରସ୍ତରୀୟ ଦପ୍ତରଗୁଡ଼ିକୁ ଅଚାନକ ଗସ୍ତ କରୁଥିଲେ ତାହା ବି ଦେଖିବାକୁ ମିଳୁନାହିଁ। ଫଳରେ ତଳସ୍ତରରେ ସଚିବମାନଙ୍କ ପ୍ରତି ଯେଉଁ ଭୟ ରହୁଥିଲା ତାହା ଧିରେ ଧିରେ ଦୂର ହୋଇଯାଉଛି। ତେବେ ସଚିବମାନଙ୍କ ଜିଲ୍ଲା ଗସ୍ତକୁ ନେଇ ଯେଉଁ କେଁ ରହିଛି ତାହା ହେଉଛି ଜଣେ ଜଣେ ସଚିବ ଏକାଧିକ ବିଭାଗ ସମ୍ଭାଳୁଛନ୍ତି। ଏଥିଯୋଗୁଁ ସେମାନଙ୍କୁ ଜିଲ୍ଲା ଗସ୍ତରେ ଯିବାକୁ ସମୟ ମିଳୁନଥିବା କୁହାଯାଉଛି। ତେବେ ଯେଉଁ ସଚିବମାନେ ଗୋଟିଏ ଗୋଟିଏ ବିଭାଗ ଦାୟିତ୍ୱରେ ରହୁଛନ୍ତି ସେମାନେ ଜିଲ୍ଲା ଗସ୍ତରେ ଯିବାରେ କିଛି ଅସୁବିଧା ନାହିଁ ବୋଲି ପୂର୍ବତନ ପ୍ରଶାସକମାନେ ମତ ଦେଉଛନ୍ତି। ଏହାଛଡା ଏକାଧିକ ଦାୟିତ୍ୱ ଭିତରେ ସଚିବମାନେ କିଭଳି ଜିଲ୍ଲା ଗସ୍ତରେ ଯିବେ ସରକାର ସେ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ରାଜ୍ୟରେ ସ୍ୱାସ୍ଥ୍ୟସେବା, ପରିବହନ, ପାନୀୟଜଳ ଯୋଗାଣ, ରାସନକାର୍ଡ ପ୍ରସ୍ତୁତି, ଧାନ କିଣା, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠପଢାକୁ ନେଇ ନିଇତି ଅଭିଯୋଗମାନ ଗଣମାଧମରେ ପ୍ରକାଶ ପାଉଛି। ସଚିବମାନେ ଯଦି ନିୟମିତ ବ୍ୟବଧାନରେ ଜିଲ୍ଲାଗସ୍ତ କରି ଏହା ଉପରେ ନଜର ରଖନ୍ତେ ତେବେ ଅଭିଯୋଗର ମାତ୍ରା ଏତେ ରୁହନ୍ତାନାହିଁ ବୋଲି କୁହାଯାଉଛି।

## ଥ୍ରଷ୍ଟ ମିଳୁନି...

ଏଟିସିକୁ ବିମାନର ପାଇଲଟ୍ ଅପରାହ୍ଣ ୧.୩୯ ମିନିଟରେ ମେଡେ କଲ୍ କରିଥିଲେ, ଅର୍ଥାତ୍ ପୂରା ଏମର୍ଜେନ୍ସି। ଏହାପରେ ଯେତେବେଳେ ଏଟିସି ବିମାନ ସହ ଯୋଗାଯୋଗ ପାଇଁ ଉଦ୍ୟମ କରିଥିଲା କୌଣସି ଉତ୍ତର ମିଳିନଥିଲା' ଠିକ୍ ଗୋଟିଏ ମିନିଟ୍ ପରେ ବିମାନଟି ମେଘାନୀନଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସାମ୍ନାକୁ ଆସିଲା ଦୁର୍ଘଟଣା ପୂର୍ବରୁ ପାଇଲଟଙ୍କ ଶେଷ ମେସେଜ୍ । ୪ରୁ ୫ ସେକେଣ୍ଡ ମେସେଜ୍‌ରେ 'ମେଡେ...' 'ମେଡେ...' କହିଥିଲେ ପାଇଲଟ୍ ସୁମୀତ ସଭରୱାଲ୍ । ଥ୍ରଷ୍ଟ ମିଳୁନି, ପାୱାର କାମ କରୁନି, ପ୍ଲେନ୍ ଉଠୁନି, ଆଉ ବଞ୍ଚିବୁନି.. ଏମିତି କିଛି ଥିଲା ପାଇଲଟ ସୁମୀତଙ୍କ ୪.୫ ସେକେଣ୍ଡର ମେସେଜ୍ ।

## ବିମାନ ସୁରକ୍ଷାକୁ...

କରିବ। ଆସନ୍ତା ୩ମାସ ମଧ୍ୟରେ ରିପୋର୍ଟ ଦେବେ କମିଟି। ଡିଜିସିଏ ଏୟାର ଇଣ୍ଡିଆକୁ ଜେନେକ୍ସ ଇଞ୍ଜିନ ସହିତ ସଜ୍ଜିତ ସମସ୍ତ ବୋଇଂ ୭୮୭-୮ ଏବଂ ୭୮୭-୯ ବିମାନର ତୁରନ୍ତ ଯାନ୍ତ୍ରିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ବିମାନ ବାହକମାନଙ୍କ ମଧ୍ୟରେ ବର୍ତ୍ତମାନ ସେବାରେ ଥିବା ୩୩ଟି ଡ୍ରିମଲାଇନର ମଧ୍ୟରୁ ୮ଟି ଯାଞ୍ଚ ହୋଇସାରିଛି। ଅବଶିଷ୍ଟ ବିମାନର ଜରୁରୀକାଳୀନ ଯାଞ୍ଚ କରାଯାଉଛି। ଡିଜିସିଏ ଭାରତରେ କାର୍ଯ୍ୟ କରୁଥିବା ସମସ୍ତ ୱାଇଡ-ବଡି ବିମାନ ପାଇଁ ରକ୍ଷଣାବେକ୍ଷଣ ପ୍ରୋଟୋକଲ ଏବଂ ବିମାନ ଯୋଗ୍ୟତା ପ୍ରକ୍ରିୟାର ନିରୀକ୍ଷଣକୁ ମଧ ତ୍ୱରାନ୍ୱିତ କରିଛି ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ରାମ ମୋହନ ସୂଚନା ଦେଇଛନ୍ତି। କମିଟି ଗଠନ ପରେ ଆଜି ପୂରା ସ୍ଥିତିର ସମୀକ୍ଷା କରିଥିଲେ କେନ୍ଦ୍ର ମନ୍ତ୍ରୀ। ଏହାପରେ ସେ ଗଣମାଧମକୁ ସୂଚନା ଦେଇ ଦେଇଥିଲେ ଯେ, ଭୟଙ୍କର ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମସ୍ତଙ୍କୁ ଦୋହଲାଇ ଦେଇଛି। ପ୍ରିୟଜନଙ୍କୁ ହରାଇବାର ଦୁଃଖ ଓ ଯନ୍ତ୍ରଣାକୁ ଭୁଲି ପାରୁନାହାନ୍ତି ପରିବାର ଓ ସଂପର୍କୀୟ। ତେବେ ବର୍ତ୍ତମାନ ଜାରି ରହିଥିବା ତଦନ୍ତର ସ୍ଥିତି ଏବଂ ବିମାନ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭବିଷ୍ୟତରେ ସଂସ୍କାର ସମ୍ପର୍କରେ ସେ ସୂଚନା ଦେଇ ଦେଶରେ ବିମାନ ଚଳାଚଳନ ନେଇ କେନ୍ଦ୍ର ସରକାର ପ୍ରସ୍ତୁତ କରୁଥିବା ରୋଡମ୍ୟାପ ସମ୍ପର୍କରେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁରନ୍ତ ଦୁର୍ଘଟଣାସ୍ଥଳ ଏବଂ ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ ପରିଦର୍ଶନ କରିଥିଲେ। ସେଠାରେ ସେ ଆହତ ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହିତ ଆଲୋଚନା କରିଥିଲେ। ପରବର୍ତ୍ତୀ କାର୍ଯ୍ୟ ନିର୍ଦ୍ଦେଶ ଦେବା ପାଇଁ ସେ ବିମାନବନ୍ଦରରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧକ୍ଷତା ମଧ କରିଥିଲେ। ଗୃହମନ୍ତ୍ରୀ ଅମିତ ଶାହ ଘଟଣା ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ ଏବଂ ପୀଡିତ ପରିବାରକୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣା ପରେ ତୁରନ୍ତ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ, ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ଘଟଣାକୁ କେବଳ ଏକ ବୈଷୟିକ ତଦନ୍ତ ଭାବରେ ନୁହେଁ ବରଂ ଏକ ମାନବିକ ପ୍ରାଥମିକତା ଭାବରେ ବିଚାର କରାଯିବା ଉଚିତ। ଶୋକସନ୍ତପ୍ତ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ସେହି ଦିନ ଦୁର୍ଘଟଣାର ଏକ ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରିଥିଲା। ଏଏଆଇବି ର ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଦଳକୁ ତୁରନ୍ତ ପଠାଯାଇଥିଲା ଏବଂ ପରେ ଫୋରେନସିକ୍ ଓ ଚିକିତ୍ସା ବିଶେଷଜ୍ଞମାନଙ୍କୁ ଏଥିରେ ସାମିଲ କରାଯାଇଥିଲା। ଜୁନ୍ ୧୩ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ ବିମାନର ବ୍ଲାକ୍ ବାକ୍ସ ଉଦ୍ଧାର ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇଥିଲା।

## ଆଉ କେତେ ମଲେ...

ନିଷ୍କ୍ରିୟତାକୁ ନେଇ ବାରମ୍ବାର ଏଭଳି ପ୍ରଶ୍ନ ଉଠୁଛି। କନ୍ଧମାଳରେ ଆମ୍ବ ଟାକୁଆ ଖାଇ ଆଦିବାସୀ ଲୋକେ ମୃତ୍ୟୁବରଣ କଲେ। ସେଠାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପହଁଲେ ନାହିଁ। ନିକଟରେ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭୁଲ ଇଞ୍ଜେକ୍ସନ ପାଇଁ ୬ଜଣ ରୋଗୀ ପ୍ରାଣ ହରାଇଲେ। ବ୍ୟାପକ ସମାଲୋଚନା ହେବାରୁ ଦୁଇ ଦିନ ପରେ ସେଠାରେ ମନ୍ତ୍ରୀ ପହଁଚିଲେ। କିନ୍ତୁ ତଦନ୍ତରୁ କଣ ବାହାରିଲା ତାହା ଏଯାଏ ପଦାକୁ ଆସିଲାନି କି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ହେଲାନି। ସମ୍ବେଦନଶୀଳ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ସମୀକ୍ଷକମାନେ ସମାଲୋଚନା କରୁଛନ୍ତି। ସ୍ଥିତି ଏତେ ସଙ୍ଗୀନ ହୋଇଛି ଯେ କେନ୍ଦ୍ର ସରକାର ହସ୍ତକ୍ଷେପ କରିଛନ୍ତି। କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଅଧିକ ଲକ୍ଷ୍ୟଭେଦୀ କରିବା ନିମନ୍ତେ ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି ଟିମ୍ ପଠାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଏକ ୭ ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶାକୁ ପଠାଯାଇଛି । ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷଙ୍କ ତରଫରୁ ଏକ ୪ଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ପଠାଯାଇଛି । ଏହି ତିନୋଟି ଟିମରେ ସମୁଦାୟ ୧୪ ଜଣ ବିଶେଷଜ୍ଞ ଅଛନ୍ତି । ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନସ୍ୱାସ୍ଥ୍ୟ ସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ । ଗତ ୫ଦିନ ଧରି ଯାଜପୁରରେ ଝାଡାବାନ୍ତି ବ୍ୟାପିଥିବା ବେଳେ ଗତକାଲି ଜିଲ୍ଲାରୁ ସଂଗ୍ରହ କରାଯାଇଥିବା କିଛି ସାମ୍ପୁଲରୁ ହଇଜା ଭୂତାଣୁ ଚିହ୍ନଟ ହେବା ପରେ ସରକାରଙ୍କ ଚିନ୍ତା ବଢ଼ିଯାଇଥିଲା। ଆଜିସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାରୁ ସଂଗୃହିତ ୨୧ଟି ନମୂନା ମଧ୍ୟରୁ ୧୧ଟିରେ ପାଣିଜନିତ ହଇଜା ଭୂତାଣୁ ଚିହ୍ନଟ ହୋଇଛି। ତେଣୁ ଜିଲ୍ଲାରେ ବ୍ୟାପକ ଭାବେ ପାନୀୟ ଜଳ ଉତ୍ସଗୁଡ଼ିକୁ ବିଶୋଧିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପଟେ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ବିଭିନ୍ନ ହୋଟେଲ ଓ ରେସ୍ତୋରାଁରେ ଖାଦ୍ୟର ମାନ ଯାଞ୍ଚ କରିବାକୁ ଘନଘନ ଚଢ଼ାଉ କରୁଛନ୍ତି। କିଛି ସ୍ଥାନରେ ଖାଦ୍ୟକୁ ଜବତ କରାଯାଇଥିବା ବେଳେ କିଛି ହୋଟେଲକୁ ସିଲ କରାଯାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାର ଡାଇରିଆ ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି । ଆଜି ବିଭିନ୍ନ ହସ୍ପିଟାଲରେ ନୂଆ ରୋଗୀଙ୍କ ଆଡମିଶନ ସଂଖ୍ୟା ବହୁ ପରିମାଣରେ କମିଛି, ଏବଂ ନୂଆ ଅଂଚଳ କଲେରାରେ ପ୍ରଭାବିତ ହୋଇଥିବାର ସୂଚନା ମିଳିନାହିଁ । ଗତକାଲି ସୁଦ୍ଧା ଯେଉଁମାନେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ମେଡିକାଲରେ ଆଡମିଶନ ହୋଇଥିଲେ ସେମାନେ ଧିରେ ଧିରେ ଆରୋଗ୍ୟ ଲାଭ କରି ଘରକୁ ଫେରୁଛନ୍ତି ।

## କରୋନା...

ଗୁଜରାଟରେ ମଧ୍ୟ ସକ୍ରିୟ କୋଭିଡ ମାମଲାରେ ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳୁଛି, ଗତ ୨୪ ଘଣ୍ଟା ମଧ୍ୟରେ ୭୯ଟି ନୂତନ ସଂକ୍ରମଣ ସହିତ ସଂକ୍ରମଣର ମୋଟ ସଂଖ୍ୟା ୧,୪୩୭କୁ ବୃଦ୍ଧି ପାଇଛି।

## ବିଜେଡି କାର୍ଯ୍ୟାଳୟରେ ରଜ ଉତ୍ସବ

# ଟ୍ରାକ ସିଙ୍ଗର କଣ୍ଠ ସ୍ୱରରେ ଝୁମିଲେ ମହିଳା



**ନୟାଗଡ଼, ୧୪।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ରଜ ଉତ୍ସବ ପାଳନ କରାଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ଜନପ୍ରତିନିଧିଙ୍କ ସମେତ ଶତାଧିକ ଛାତ୍ରୀ ଓ ମହିଳା ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ସମସ୍ତ ମହିଳା ସରପଞ୍ଚ ଓ ମହିଳା ସମିତି ସଭ୍ୟା ପ୍ରମୁଖ ସାମିଲ ହୋଇଥିଲେ। ରଜ ପାନ, ସହ ଖାଦ୍ୟପେୟ ବ୍ୟବସ୍ଥା ହୋଇଥିଲା।

# ଆଜି ରଜ ସଂକ୍ରାନ୍ତି: ଗାଁ ଆମ୍ବ ତୋଟାରେ ସକାଳୁ ଶୁଭୁଛି ରଜ ଗୀତ



**କାକଟପୁର/ଅସ୍ତରଙ୍ଗ, ୧୪।୬ (ସଂଚାର ବ୍ୟୁରୋ):** ଆଜି ରଜ ସଂକ୍ରାନ୍ତି। ତିନି ଦିନିଆ ରଜ ଉତ୍ସବର ପ୍ରମୁଖ ଦିନ। ରଜ ସଂକ୍ରାନ୍ତିରେ ଗାଁ ଆମ୍ବତୋଟାରେ ସକାଳୁ ସକାଳୁ ଶୁଭୁଛି ରଜଗୀତ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁରେ ଦୋଳି, ପାନ ଓ ପୀଠା ଭିତରେ ରଜର ଆସର ଜମିଛି । ପରମ୍ପରା ସମ୍ପନ୍ନ ରଜଗୀତରେ ଉତ୍ସବମୁଖର ପୁରପଲ୍ଲୀ । ବିଭିନ୍ନ ସ୍ଥାନରେ ବାଜୁଛି ରଜଗୀତ, ଝିଅ ବୋହୂ ଦୋଳି ଖେଳୁଛନ୍ତି ।ତା ସହିତ ପୁଚି ଖେଳ, ତାସ୍ ଖେଳ, ଲୁଡୁ ଖେଳ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ ସ୍ଥାନରେ ଅନେକ ପ୍ରକାରର ପାରମ୍ପରିକ ପିଠା, ମିଠା, ପାନ ଏବଂ ଖାଦ୍ୟର ଧାଡି ଧାଡି ଷ୍ଟଲ ଲାଗିଛି । କିଛି କିଛି ସ୍ଥାନରେ ମଧ ଲାଗିଛି ରଜଦୋଳି। ସକାଳୁ ସକାଳୁ ଗାଁ ଗଛ ମୂଳରେ ରଜ ଦୋଳି ଖେଳର ମଜା ନେଉଛନ୍ତି ଝିଅ ମାନେ।ଅସ୍ତରଙ୍ଗ ବ୍ଲକ ଇନାୟିତପୁର ସମେତ ବିଭିନ୍ନ ସ୍ଥାନରେ ଛୋଟ ଧରଣର ପାଳିତ ହୋଇଛି ରଜ ମହୋତ୍ସବ। ଏଥିରେ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। କୁନି କୁନି ପିଲାଙ୍କ ନାଚ ଗୀତ ଅସ୍ତରଙ୍ଗ ଅଞ୍ଚଳ ରଜ ପର୍ବ କୁ ଆହୁରି ରଙ୍ଗୀନ କରିଥିଲା। ବର୍ଷ ବର୍ଷ ହେବ ରଜ ପର୍ବ ପାଳିତ ହୋଇଆସୁଛି । ଆଖପାଖର ପ୍ରାୟ ପଂଚାୟତର ଲୋକ ଏଠି ମିଳିତ ହୋଇ ରଜ ପର୍ବ ଆୟୋଜନ କରୁଛନ୍ତି।

# ସଂଖ୍ୟାଲଘୁ କଲ୍ୟାଣ ସଂଗଠନ ପକ୍ଷରୁ କୃତି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା



**ଗୋପ, ୧୪।୬ (ସଂଚାର ବ୍ୟୁରୋ) :** ଶନିବାର ଦିବା ୧୦ ଘଟିକା ସମୟରେ ଗୋପ, ଜାମା ମସଜିଦ ସମୁଖରେ ମୁସଲିମ ସଂଖ୍ୟା ଲଘୁ କଲ୍ୟାଣ ସଂଗଠନ ଆନୁକୂଲ୍ୟରେ ୩୩ ଗୋଟି ମୁସଲିମ ବସ୍ତିର କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କାରଯାଇଛି। ଏହି ଦ୍ୱିତୀୟ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମଟି ସଂଗଠନର ସ୍ଥାୟୀ ସଭାପତି ଜନାବ ହାଜି, ସୋରାବ ଅଲ୍ଲୀ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଦଶମ, ଦ୍ୱାଦଶ ଏବଂ ସ୍ନାତକରେ ଉର୍ତ୍ତିନ୍ନ ହୋଇଥିବା ୮୦ ଜଣ କୃତି ଛାତ୍ର, ଛାତ୍ରୀ ମାନଙ୍କୁ ସଂଗଠନ ତରଫରୁ ମାନ ପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ସଭା ରେ ସଭାପତି ଛାତ୍ର, ଛାତ୍ରୀ ମାନଙ୍କୁ ନିଷ୍କଳଙ୍କ, ନିରହଂକାରୀ, ଉଦ୍ଭାସିତ ଓ ଚରିତ୍ର ବାନ ମଣିଷ ହୋଇ ଦେଶ ଓ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଯୋଗଦେଇଥିବା ଗୋପ ଥାନାର ଆରକ୍ଷୀ ନିରୀକ୍ଷକ ପ୍ରଶାନ୍ତ କୁମାର ପଢ଼ୀଆରୀ, ସହ ନିରୀକ୍ଷକ ବୁଧରାଇ ମାଝିଙ୍କୁ ସଂଗଠନ ତରଫରୁ ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବୋର୍ଦ୍ଧିତ କରାଯାଇଥିଲା। ସଂଖ୍ୟାଲଘୁ କଲ୍ୟାଣ ସଂଗଠନ ସଭାରେ ଅତିଥି ଭାବେ ଯୋଗ ଦେଇଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ ପିଲାମାନଙ୍କୁ ସମାଜରେ ଭଲ ମଣିଷ ହୋଇ ସମାଜ ପ୍ରତି ଉତ୍ତମ ଯୋଗଦାନ ଏବଂ ଦେଶପାଇଁ ମାର୍ଗ ଦର୍ଶକ ହେବପାଇଁ ଉପଦେଶ ଦେଇଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡ଼କ୍ଟର ଉସୀମ ଉଦ୍ଦିନ ଅହେମଦ, ମୁଖ୍ୟ ବକ୍ତା ଜନାବ ମୀର ନାଶିର ଅଲ୍ଲୀ ଓ ମୁଖ୍ୟ ଉପଦେଷ୍ଟା ଅଧାପକ ସତାପୁଦ୍ଦିନ ଅହେମଦ ଯୋଗ ଦେଇଥିଲେ । ଗୋପ ଜୋନ-୩ର ସସମ୍ପାଦକ ଜନାବ ସେକ ନଜ଼ୀମୁଦ୍ଦିନ ଓ ସଭାପତି ମୋହସୀମ ଖାଁ ଉପସ୍ଥିତ ଥିଲେ ଉକ୍ତ ସଭାରେ ଅବଦୁଲ ମିସ୍କିନ ଖାଁ ସଭା ପରିଚାରଣ କରିଥିଲେ।

## ଡରାଇଲାଣି ଡ଼ାଇରିଆ

# ୨୦ରୁ ଉର୍ଦ୍ଧ୍ୱ ମେଡିକାଲରେ ଚିକିତ୍ସାଧୀନ



**ରୋଗୀଙ୍କ ମଧ୍ୟରେ ଅଧିକାଂଶ ବୟସ୍କ, ମହିଳା**

**ଖାଦ୍ୟ ବିଷାକ୍ତ କିମ୍ବା ଦୂଷିତ ଜଳରୁ ବ୍ୟାପୁଥିବା ସନ୍ଦେହ**

**କାକଟପୁର/ଅସ୍ତରଙ୍ଗ, ୧୪।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଶନିବାର ଦିନ ମଧାହ୍ନରେ କାର୍ଯ୍ୟରତ ଡକ୍ଟର ବିଶ୍ୱଭାରତ ମହାଲିକ କହିବା ଅନୁଯାୟୀ ୨୪ଘଣ୍ଟା ମଧରେ ୨୦ରୁ ଉର୍ଦ୍ଧ୍ୱ ଝାଡାବାନ୍ତି ରୋଗୀ ଚିକିତ୍ସା ହୋଇସାରିଲେଣି।

ଡରାଇଲାଣି ଡ଼ାଇରିଆ, ହସ୍ପିଟାଲରେ ଝାଡାବାନ୍ତି ରୋଗୀ ହାଉଯାଉ। କିଏ ଛଟପଟ ହେଉଛି ତ, ଆଉ କିଏ ବାନ୍ତି କରି ହାଲିଆ ହେଲାଣି। ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବେଡ଼ରେ ଯନ୍ତ୍ରଣାରେ ଏଭଳି କିଛି ଛଟପଟ ହେଉଛନ୍ତି ରୋଗୀ। ସମସ୍ତଙ୍କ ହାତରେ ଲାଗିଛି ସାଲାଇନ।

ଅନ୍ୟ ପଟେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କ ଲାଗିଛି ଲମ୍ବାଲାଇନ। ୨୪ଘଣ୍ଟାରେ ୨୦ରୁ ଉର୍ଦ୍ଧ ଚିକିତ୍ସା ହୋଇଥିବା ଜଣାପଡିଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଆକ୍ରାନ୍ତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ନୂଆଗଡ ଗ୍ରାମର ପ୍ରମୋଦ ମହାନ୍ତି (୬୨), ଅସନ କଳ୍ପନା ନାୟକ (୨୪) ସମେତ ୨୦ଜଣ ଚିକିତ୍ସା ହୋଇଛନ୍ତି। ଆକ୍ରାନ୍ତ ମଧ୍ୟରେ ଶିଶୁ, ମହିଳା ଓ ବୟସ୍କ ଅଛନ୍ତି। ଝାଡାବାନ୍ତି ବିଭିନ୍ନ ଗ୍ରାମାଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରକୃତ କାରଣ ଖୋଜା ଚାଲିଛି। ଅନ୍ୟ ପଟେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଡକ୍ଟର ବିଶ୍ୱଭାରତ ମହାଲିକ କହିଛନ୍ତି ଖାଦ୍ୟ ବିଷକ୍ରିୟା କିମ୍ବା ଦୂଷିତ ଜଳ ଯୋଗୁଁ ରୋଗ ବ୍ୟାପୁଥିବା ଜଣାପଡୁଛି ନଚେତ ହଠାତ ପାଗ ପରିବର୍ତ୍ତନ ଯୋଗୁଁ ଏପରି ହୋଇଥାଇ ପାରେ ବୋଲି ପ୍ରକାଶ କରିଛନ୍ତି। ଏହାସହ ଲୋକଙ୍କୁ ସଚେତନ ରହିବା ସହ ଭୋଜି ଭାତରେ ପରିଷ୍କାର ପରିଚ୍ଛନ୍ନତା ରହୁନଥିବାରୁ ଭୋଜିଖାଦ୍ୟ ନ ଖାଇବାକୁ ବାରଣ କରିଛନ୍ତି।



# ବ୍ୟବସାୟୀ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

**ରାଇଘର, ୧୪।୬ (ସଂଚାର ବ୍ୟୁରୋ) :** ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ସୁନା ବ୍ୟବସାୟୀ ଓ ତାଙ୍କ ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେମାନେ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ କୋଦଭଟା ଗାଁର ରାମ ଡାକୁଆ ଓ ପତ୍ନୀ ସଙ୍ଗୀତା । ଉଭୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଖଣ୍ଡା ଚୋଟ ବାଜି ରାମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଦୁର୍ବୃତ୍ତମାନେ ସେମାନଙ୍କ ପାଖରୁ ଟଙ୍କା ଓ ସୁନା ଗହଣା ଭରି ବ୍ୟାଗ୍ ଲୁଟି ନେଇଥିବା ଜଣାପଡ଼ିଛି। ଖବର ପାଇ ଆଇଆଇସି ରଘୁନାଥ ମାଝୀ ଘଟଣାର ତନାଘନା କରୁଛନ୍ତି। ଲୁଟେରାମାନଙ୍କ ପତ୍ତା ମିଳି ନାହିଁ। ସୂଚନା ଅନୁଯାୟୀ, ରାଇଘର ପଞ୍ଚାୟତ କୋଦଭଟା ଗାଁରେ ରାମଙ୍କ ଘର। ସୁନୀୟ ମେଡିକାଲ୍ ଛକରେ ତାଙ୍କର ସୁନା ଦୋକାନ ରହିଛି। ପ୍ରତିଦିନ ଭଳି ଶୁକ୍ରବାର ରାତି ୯ଟା ପରେ ସେ ଦୋକାନ ବନ୍ଦ କରିଥିଲେ। କାରରେ ପତ୍ନୀଙ୍କୁ ବସାଇ ଅଧା କିଲୋମିଟର ଦୂରରେ ଥିବା ଘରକୁ ଫେରିଥିଲେ। ଘର ତାଲା ଖୋଲି ଭିତରକୁ ଯିବା ସମୟରେ ପିଛା କରୁଥିବା ୫ରୁ ୬ଜଣ ଦୁର୍ବୃତ୍ତ ହଠାତ୍ ଧସେଇ ପଶି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଖଣ୍ଡାରେ ହାଣି, ବ୍ଲାଙ୍କ୍ ଫାୟାରିଂ କରି ୬ ଦୁର୍ବୃତ୍ତ ଲୁଟିନେଲେ ଟଙ୍କା ଓ ଗହଣା ଭର୍ତ୍ତି ବ୍ୟାଗ୍ ଗୁରୁତର ସ୍ୱାମୀ-ସ୍ତ୍ରୀ ଡାକ୍ତରଖାନାରେ ଭର୍ତ୍ତି ରାମ ଓ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଜାରି ରହିଛି । ଘଟଣାସ୍ଥଳରେ କେତେକ ଗୁଳି ପଡ଼ିଥିବା ପୁଲିସ ଦେଖିବାକୁ ପାଇଛି। ଅନ୍ୟପକ୍ଷରେ ଲୁଟେରା ଗ୍ୟାଙ୍ଗ୍‌କୁ ଧରିବା ଲାଗି ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି ।

# ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଘରେ ବିଜେପି ପାର୍ଟି ଅଫିସ

**କାକଟପୁର/ଅସ୍ତରଙ୍ଗ, ୧୪।୬ (ସଂଚାର ବ୍ୟୁରୋ):** ବିଜେପି ପାର୍ଟି ଅଫିସ କୁ ନେଇ ପୂର୍ବତନ ସରପଞ୍ଚ ଆଣିଲେ ଅଭିଯୋଗ। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ପାଟଳଦା ପଂଚାୟତରେ କିଛି ବର୍ଷ ପୂର୍ବେ ଦୁଗ୍ଧ ଉତ୍ପାଦନ ସମବାୟ କେନ୍ଦ୍ର ଥିବା ବେଳେ କିଛି ଦିନ ହେବ ବନ୍ଦ ହୋଇଥିବାରୁ ଜରାଜୀର୍ଣ୍ଣ ଘରକୁ ମରାମତି କରି ପାଟଳଦା ପଂଚାୟତ ବିଜେପି ପାର୍ଟି ଅଫିସ କରିବାକୁ ବିଜେପି କର୍ମ କର୍ତା ପ୍ରସ୍ତୁତ ହେଉଥିବା ବେଳେ ଦୁଗ୍ଧ ସମବାୟ ଘରେ

**ପୂର୍ବତନ ସରପଞ୍ଚ ସମେତ ଚାଷୀ ଆଣିଲେ ଅଭିଯୋଗ**

କିପରି ଭାବରେ ପାର୍ଟି ଅଫିସ କରାଯିବ ତାହାକୁ ନେଇ ଅଭିଯୋଗ ଆଣିଛନ୍ତି ପାଟଳଦା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରାଙ୍କ ସମେତ ଚାଷୀ। ଉକ୍ତ ଦୁଗ୍ଧ ସମବାୟ ସମିତି ଥିବା ଘରଟି ଜନବସତି ନିକଟରେ ଥିବାରୁ ପାର୍ଟି ଅଫିସ ହେବା ଅନୁଚିତ ମନେ କରିବା ସହ ଦୁଗ୍ଧ ସମବାୟ ସମିତି ଗୃହକୁ କାହିଁକି କିପରି ଭାବରେ କିଏ ଅନୁମତି ଦେଲା ଏକ ରାଜନୈତିକ ଦଳର ପାର୍ଟି କରିବାକୁ ପ୍ରଶ୍ନ କରିଛନ୍ତି ପୂର୍ବତନ ସରପଞ୍ଚ। ଏ ନେଇ ଲିଖିତ ଅଭିଯୋଗ ମଧ ଅସ୍ତରଙ୍ଗ ତହସିଲଦାରଙ୍କୁ ଦେଇଛନ୍ତି। ଏହାକୁ ଖଣ୍ଡନ କରି ପାଟଳଦା ପଂଚାୟତ ବିଜେପି ସଭାପତି ଅର୍ଜୁନ ମଲ୍ଲିକ କହିଛନ୍ତି ଉକ୍ତ ଘରକୁ ଜଣେ ବ୍ୟକ୍ତି ଭଡା ସୂତ୍ରରେ ଦେଇଛନ୍ତି ପାର୍ଟି ଅଫିସ କରିବାକୁ। ସ୍ଥାନୀୟ ପ୍ରଶାସନ ଘଟଣା ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବୀ ହୋଇଛି।

## ଭୁଲ୍ ଇଞ୍ଜେକସନରୁ ୬ ରୋଗୀଙ୍କ ମୃତ୍ୟୁ ଘଟଣା

# ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ଦାବି



**● ଦୁଇ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଲା ବିଜେଡି**

**ବୋରିଗୁମ୍ମା, ୧୪।୬ (ସଂଚାର ବ୍ୟୁରୋ) :** କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜଠାରେ ଭୁଲ୍ ଇଞ୍ଜେକସନ ଏବଂ ଚିକିତ୍ସାରେ ଅବହେଳା ଯୋଗୁଁ ୬ ରୋଗୀଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଥିଲେ ପରିବାରଲୋକେ। କ୍ଷତିଗ୍ରସ୍ତ ପରିବାରକୁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ ଏବଂ ଏହି ଅଘଟଣ ପାଇଁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜୁ ଜନତା ଦଳ। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜେଡି ଉପ ସଭାପତି ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳର ବରିଷ୍ଠ ନେତାମାନେ ଜୟପୁର ନିର୍ବାଚନ ମଣ୍ଡଳୀର ଦୁଇ ପୀଡ଼ିତ ପରିବାରଙ୍କୁ ସାକ୍ଷାତ କରିବା ସହ ସମବେଦନା ଜଣାଇଥିଲେ। ବିଜେଡି ପକ୍ଷରୁ ପ୍ରତ୍ୟେକ ପରିବାରକୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଚିକିତ୍ସାରେ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ୬ ଗରିବ ଓ ଆଦିବାସୀ ଶ୍ରେଣୀର ଲୋକଙ୍କ ଜୀବନ ଚାଲିଯାଇଥିଲା। ତେଣୁ ଏନେଇ ରାଜ୍ୟ ସରକାର ନିଜକୁ ଦୋଷୀ ଭାବେ ସ୍ୱୀକାର କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଦୋଷୀଙ୍କୁ ଦଣ୍ଡିତ କରିବାକୁ ବିଜେଡି ଉପସଭାପତି ଶ୍ରୀ ନନ୍ଦ ଦାବି କରିଛନ୍ତି।

# ମା' ରୁକ୍ମଣୀଙ୍କ ବିବାହ ଓ ଘରବାହୁଡ଼ା ଉତ୍ସବ ଉଦଯାପିତ



**ସାଲେପୁର, ୧୪।୬ (ସଂଚାର ବ୍ୟୁରୋ) :** ଏହି ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମ ଚୌକି ବଟ, କୁଣ୍ଡି ନଗ୍ର ଠାରେ ୭ଦିନ ବ୍ୟାପି ଅନୁଷ୍ଠିତ ହୋଇ ଆସୁଥିବା ମା ରୁକ୍ମଣୀ ବିବାହ ଓ ଘର ବାହୁଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଟାଙ୍ଗୀ-ସାଲେପୁର ଲୋକସେବା ଫାଉଣ୍ଡେସନ ଅଧ୍ୟକ୍ଷ ତଥା ଯୁବ ସମାଜ ସେବି ହିମାଂଶୁ ମହାନ୍ତି ଓ ବାସୁଦେବପୁର, ବାଲିଆ, ପୁରୁଷୋତ୍ତମପୁର, ବଳଭଦ୍ରପୁର, ଏହି ୪ ଟି ଗ୍ରାମର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତିଦିନ ସଂନ୍ଧ୍ୟାରେ ଆଳତୀ, ପ୍ରବଚନ ଓ ଭଜନ ସଂନ୍ଧ୍ୟା ଏବଂ ମହାପ୍ରଭୁଙ୍କ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ଉଦଯାପିତ ଉତ୍ସବରେ ବାବାଜୀ ଶ୍ରୀ ଶ୍ରୀ ଅମୃତ ନନ୍ଦ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଶୁଣିବା ପାଇଁ ନାହିଁ ନଥିବା ଜନ ସମାଗମ ହୋଇଥିଲା ।



# ବିଶ୍ୱ ରକ୍ତଦାତା ଦିବସ: ୪୧ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼, ୧୪।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ ଗୃହରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପୁଷ୍ପା ନିଳୀମା ଲାକାରା ଯୋଗ ଦେଇ ରକ୍ତ ଦାନ, ମହତ ଦାନ ଉପରେ ବକ୍ତବ୍ୟ ରଖିଥିଲେ । ରକ୍ତ ଜଣେ ରୋଗୀଙ୍କୁ ମରଣ ମୁଖରୁ ଜୀବନ ଦାନ ଦେଇଥାଏ। ସେହିପରି ରକ୍ତ ଦାନ କରିବା ଦ୍ୱାରା ରକ୍ତଦାତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଆଲୋଚନା କରିଥିଲେ । ସଭାରେ ଅଧକ୍ଷତା କରିଥିଲେ ବ୍ଲଡ଼ ବ୍ୟାଙ୍କ୍ ଅଧିକାରୀ ଡାକ୍ତର ପୀତବାସ ନାୟକ ରକ୍ତ ଦାନ କରିବାକୁ ସମସ୍ତେ ସେଚ୍ଛାକୃତ ଭାବେ ଆଗେଇ ଆସିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ସମ୍ମାନିତ ଅତିଥି ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ନୌଷଦ ଅଲ୍ଲୀ ଖାଁ , ଡାକ୍ତର ବନମାଳୀ ପ୍ରଧାନ , ଡାକ୍ତର ପ୍ରସନ୍ନ ପ୍ରସାଦ ସାହୁ ଓ ସମାଜ ସେବୀ ଦାମଦର ସାହୁ ସଭାରେ ଉପସ୍ଥିତ ଥିଲେ । ଅଧିକାରି ମାନେ ରକ୍ତଦାନର ନିୟମାବଳି ସମ୍ପର୍କରେ ଆଲୋଚନା କରିଥିଲେ। ୬୦ ଜଣ ରକ୍ତଦାତା ଏହି ସଭାରେ ଯୋଗଦାନ କରି ତାଙ୍କର ବକ୍ତବ୍ୟ ରଖିଥିଲେ। ଗାଁ ଗାଁରେ ସଚେତନତା ହୋଇପାରିଲେ ରକ୍ତଦାତା ସଂଖ୍ୟା ବୃଦ୍ଧି ପାଇବ। ରକ୍ତ ଦାନ କାର୍ଯ୍ୟରେ ବର୍ଷ ତମାମ ସହଯୋଗ କରୁଥିବା କିଛି ରକ୍ତ ଦାତାଙ୍କୁ ଏହି ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ରକ୍ତ ଦାନ ଶିବିରରେ ୪୧ ଜଣ ରକ୍ତ ଦାତା ରକ୍ତ ପ୍ରଦାନ କରିଥିଲେ । ଅତିରିକ୍ତ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅଶୋକ ସାହୁ, ଦୀପକ ଦଳବେହେରା, ଅଜୟ ପଟ୍ଟନାୟକ, ପବିତ୍ର ମୋହନ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାତ୍ୟାଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟକୁ ନେଇ ଗୋଷ୍ଠୀ ସଂଘର୍ଷ

# ୧୦ ଆହତ, ୫ ଗୁରୁତର; ବୁଲିଲା ଠେଙ୍ଗାବାଡ଼ି

**କାକଟପୁର/ଅସ୍ତରଙ୍ଗ, ୧୪।୬ (ସଂଚାର ବ୍ୟୁରୋ) :** ବାତ୍ୟା ଆଶ୍ରୟସ୍ଥଳୀରେ ମରାମତିକୁ କେନ୍ଦ୍ର କରି ଗୋଷ୍ଠୀ ସଙ୍ଘର୍ଷ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଞ୍ଚାୟତ ଅସନ ବାତ୍ୟା ଆଶ୍ରୟସ୍ଥଳୀରେ ମରାମତି କାର୍ଯ୍ୟକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧରେ ମରଣାନ୍ତକ ଆକ୍ରମଣ ସହ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା।



ଖବର ମୁତାବକ ଆପତ୍ତକାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟରେ ଅସନ ବାତ୍ୟା ଆଶ୍ରୟସ୍ଥଳୀକୁ ମରାମତି କରିବାକୁ ବ୍ଲକ ପ୍ରଶାସନ ସ୍ଥାନୀୟ ଅଞ୍ଚଳର ଠିକାଦାରଙ୍କୁ ଦେଇଥିଲେ। କିନ୍ତୁ ବାତ୍ୟା ଆଶ୍ରୟସ୍ଥଳୀର ସ୍ଥାନୀୟ କମିଟି ସଭାପତି ଆଳସାହି ସରପଞ୍ଚ ଶ୍ରୀୟା ବରାଳ ସେଠାରେ ଥିବା ୱାର୍ଡ ସଭ୍ୟାଙ୍କୁ ଦାୟିତ୍ୱ ଦେଇଥିଲେ। ଯାହା ଫଳରେ କି ମରାମତି କାର୍ଯ୍ୟକୁ ନେଇ କିଛି ଦିନ ପୂର୍ବେ ଉଭୟ ଗୋଷ୍ଠୀ ମଧରେ ତୀବ୍ର ଗଣ୍ଡଗୋଳ ହେବା ସହ ଅସ୍ତରଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। କିନ୍ତୁ ସରପଞ୍ଚ ଦେଇଥିବା ୱାର୍ଡ ସଭ୍ୟା କିଛି ବ୍ୟକ୍ତି ବିଶେଷଙ୍କୁ ନେଇ ଶନିବାର ଦିନ ମରାମତି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିବା ଶହ ତୀବ୍ର ଗଣ୍ଡଗୋଳ ହୋଇଥିଲା। କିନ୍ତୁ ପୁଲିସ ପ୍ରଶାସନ ଏକ ମାମଲା ରୁଜୁ କରି ଚୁପ ବସିଥିଲା। ଶନିବାର ଦିନ ବାତ୍ୟାଆଶ୍ରୟସ୍ଥଳୀରେ ସରପଞ୍ଚ ଦେଇଥିବା ଏକ ଗୋଷ୍ଠୀ ରଙ୍ଗ ମାରୁଥିବା ବେଳେ ପ୍ରତିଦ୍ୱନ୍ଦୀ ଗୋଷ୍ଠୀ ମଧରେ ବାକଯୁଦ୍ଧ ପରେ ମୁଖ୍ୟ ରାସ୍ତାରେ ଠେଙ୍ଗା ବାଡ଼ି ଶହ ମାରଣାସ୍ତ୍ରରେ ପରସ୍ପର ମଧରେ ଆକ୍ରମଣ ହୋଇଥିଲେ। ଆକ୍ରମଣରେ କ୍ଷତାକ୍ତ ହୋଇ ଅସନ ଗ୍ରାମର ମିଟୁ ଦାସ (୩୫), ବିଦୁ ଦାସ (୪୫), ବାବୁରାମ ମଲ୍ଲିକ (୩୯), କୁଞ୍ଜବିହାରୀ ଦାସ (୪୫), ଅନନ୍ତ ଦାସ (୧୮), ଜଟାଧାରୀ ଦାସ (୩୭), ପାଟସୁନ୍ଦରପୁର ଗ୍ରାମର ମଣ୍ଟୁ ବେହେରା (୪୮), ମୁନା ଦଳାଇ (୪୫)ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଅସନ ଗ୍ରାମର ୫ଜଣ ଗୁରୁତର ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଅସ୍ତରଙ୍ଗ ପୁଲିସ ଘଟଣା ସ୍ଥଳରେ ପହଂଚି ଚାପା ଉତ୍ତେଜନାକୁ ବନ୍ଦ କରିଛି। ରାଜନୈତିକ ଶତ୍ରୁତା ହେତୁ ଏଭଳି ସଂଘର୍ଷ ଦେଖିବାକୁ ମିଳୁଛି।

# ନକଲି ମଦ କାରାଖାନା ଉପରେ କେନ୍ଦ୍ରୀୟ ଗୁଇନ୍ଦା ବିଭାଗ ଚଢ଼ାଉ

**ନୟାଗଡ଼, ୧୪।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅଞ୍ଚଳ ଜଙ୍ଗଲ ମଧରେ ରହିଥିବା ଉକୁଟିକୁମ୍ପୀ ଗାଁରେ ଚାଲିଥିଲା ନକଲି ମଦ କାରାଖାନା। ଏହି ମଦ କାରଖାନା ଉପରେ ଆଜି କେନ୍ଦ୍ରୀୟ ଗୁଇନ୍ଦା ଅବକାରୀ ବିଭାଗ ଚଢ଼ାଉ କରି ବ୍ୟାପକ ପରିମାଣର ନକଲି ମଦ ଏବଂ ନିର୍ମାଣ ସାମଗ୍ରୀ ଜବତ କରିଛି ।



ସୂଚନାନୁସାରେ, ଡେପୁଟି କମିଶନର ଡମ୍ବୁରଧର ନାୟକଙ୍କ ନିର୍ଦ୍ଦେଶରେ ଡିଏସପି ବିକାଶ କୁମାର ନାୟକ, ଆଇଆଇସି ଧିରେନ କୁମାର ବେହେରା, ତଦନ୍ତକାରୀ ଅଧିକାରୀ ଅବନୀ କୁମାର ମହାପାତ୍ର ସଦଳବଳେ ଚଢ଼ାଉ କରିଥିଲେ। ଜଙ୍ଗଲ ମଧରେ ଏହି ବେଆଇନ ମଦ କାରଖାନା ଚାଲିଥିଲା। ସେଠାରୁ ୧୯.୮ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଛି । ଏହା ସହିତ ୨୯୦ ଲିଟର ସ୍ପିରିଟ, ୩୮୮ ନକଲି ଲେବୁଲ, ୭୬୮୦ ମ୍ୟାଡଲ ନମ୍ବର ୧ ନକଲି ଲେବୁଲ, ୧୦ ହଜାର ୫ ଶହ ଠିପି, ୨ ଶହ ଏମଏଲ୍ ମଦ ପ୍ରସ୍ତୁତକାରୀ ରଙ୍ଗ। ୫ ଏମ୍ଏଲ୍ ପରଫ୍ୟୁମ୍, ୫ ହଜାର ଖାଲି ବୋତଲ ଜବତ କରାଯାଇଛି । ରଣପୁର ଥାନା ଅନ୍ତର୍ଗତ ଲତାର ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାୟ ଏହି ବେଆଇନ ମଦ କାରଖାନା ଚଳାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି । ଏହାକୁ ନେଇ ଏକ ମାମଲା ରୁଜୁ କରାଯିବା ସହ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହା ପଛରେ ଜଣେ ବଡ଼ ମଦ ମାଫିଆଙ୍କ ହାତ ରହିଥିବା ଆଲୋଚନା ହେଉଛି। ଦୀର୍ଘଦିନ ଧରି ଏଠାରେ ନକଲି ମଦ ପ୍ରସ୍ତୁତ କରାଯାଇ ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାକୁ ପଠା ଯାଇଥାଏ । ରଣପୁର ଅବକାରୀ ବିଭାଗ ସବୁଜାଣି ନୀରବ ଦ୍ରଷ୍ଟା ସାଜିଥିଲା ।

# ସାର ଟ୍ରକରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

## ଗାଡି ଚାଳକ ଫେରାର, ଟ୍ରକ ମାଲିକ ଅଟକ

**କାକଟପୁର/ଅସ୍ତରଙ୍ଗ, ୧୪।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକଣ୍ଠ ଅଞ୍ଚଳରେ ଏକ ସାର ବୋଝେଇ ଟ୍ରକ ଭିତରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର, ଘଟଣାସ୍ଥଳରୁ ଗାଡି ଚାଳକ ଫେରାର। ଖବର ମୁତାବକ ଶନିବାର ସନ୍ଧ୍ୟା ସମୟରେ ଏକ ସାର ବୋଝେଇ ଟ୍ରକ ଜଟଣୀ ରୁ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଈଗୁଆଁ ପଞ୍ଚାୟତ ଖଣ୍ଡାସାହି ନିକଟରେ ଶ୍ରମିକ ୩ ଜଣଙ୍କ ମଧରେ ଖଣ୍ଡାସାହି ଗ୍ରାମର ଭଗବାନ ଦାସ, ବେଣୀପୁର ଗ୍ରାମର ଦୀପକ କାଣ୍ଡି, ମିଟୁ ଦାସ ଙ୍କ ଦ୍ୱାରା ୧୬୦ବସ୍ତା ସାର ଟ୍ରକରୁ କଢ଼ାଯାଇଥିଲା। ପରେ ଉକ୍ତ ଟ୍ରକ ଅବଶିଷ୍ଟ କିଛି ବସ୍ତା ସାର କାଢ଼ିବାକୁ ଶ୍ରମିକ ଜଣେ ଟ୍ରକ ଆଗରେ ବସିଥିବା ବେଳେ ଜଣେ ଶ୍ରମିକ ଟ୍ରକ ପଛରେ ବସିଥିଲେ, ଅନ୍ୟ ଜଣେ ବାଇକ୍‌ରେ ଆସିଥିଲେ। କିନ୍ତୁ ଉକ୍ତ ଟ୍ରକଟି କାହାଳ ଗାଁ ରେ ପହଂଚି ସାର କାଢ଼ିବା ସମୟରେ ତାର ମଧରୁ ଶ୍ରମିକ ମିଟୁ ଦାସଙ୍କ ମୃତ ଦେହ ମିଳିଥିଲା। ଖବର ପାଇଁ କାକଟପୁର ଥାନା ଟ୍ରକ୍‌ଟିକୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ରଜ ପିଠା ପ୍ରତିଯୋଗିତା

**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ) :** ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ଶୁକ୍ରବାର ରଜ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଝିଅ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୪୦ ଜଣ ମହିଳା ଓ ଝିଅ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଏଥିରେ ପୋଡପିଠା, ସପୁରୀ ଚାଉଳ ପୋଡପିଠା, କଖାରୁ ପୋଡପିଠା, ଚାଉଳ ପୋଡପିଠା, କ୍ଷୀର ପୋଡପିଠା, ବିରି ପୋଡପିଠା, ଛତୁ ପୋଡପିଠା, ମହୁଲ ପୋଡପିଠା, ମାଣ୍ଡିଆ ପୋଡପିଠା, ଅମୃତ ଭଣ୍ଡା ପୋଡପିଠା ଓ ଲାଉ ପୋଡପିଠା ସହ ବିଭିନ୍ନ ପ୍ରକାରର ପିଠା ପରିବେଷିତ ହୋଇଥିଲା। ଏହି ମହିଳାମାନଙ୍କର ରୋଷେଇ ଦକ୍ଷତାକୁ ପରଖିବା ପାଇଁ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଛପନ ଭୋଗର ପ୍ରତିଷ୍ଠାତା ଶ୍ରୀ ସତ୍ୟବ୍ରତ ମହାନ୍ତି, ସେଫ୍ ଶ୍ରୀ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ବିଚାରକ ଭାବେ ଯୋଗଦେଇ ଖାଦ୍ୟର ମାନ ନିରୂପଣ କରିଥିଲେ।



ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ମାନଙ୍କର ଖାଦ୍ୟର ସ୍ୱାଦ, ପ୍ରସ୍ତୁତି, ରୂପ, ପରିବେଷଣ ଓ ଏହାର ଭିନ୍ନତାକୁ ନେଇ ବିଚାର କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଛପନ ଭୋଗର ପ୍ରତିଷ୍ଠାତା ଶ୍ରୀ ମହାନ୍ତି କହିଥିଲେ ଯେ ନାରୀମାନେ ସ୍ୱାବଲମ୍ବୀ ହେବା ଏବଂ ସେମାନଙ୍କ ପାଖରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଜରୁରୀ। ପ୍ରତିଯୋଗୀମାନଙ୍କର ଇନୋଭେଟିଭ୍ ଚିନ୍ତାଧାରା ପାଇଁ ସେମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ରଥରେ ଅଣସେବକ ଚଢ଼ିଲେ ରୁଜୁ ହେବ ମାମଲା

- ରଥ ଉପରକୁ ମୋବାଇଲ ମନା
- ଭିତର ରତ୍ନ ଭଣ୍ଡାର ମରାମତି ସାରିବାକୁ ଏଏସଆଇକୁ ଚିଠି



**ପୁରୀ, ୧୪।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷ ରଥଯାତ୍ରାକୁ ସୁରୁଖୁରୁରେ ସଂପନ୍ନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥର ରଥ ଉପରେ ମୋବାଇଲ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିପରି ଅଣସେବାୟତ ଚଢିଲେ ନିଆଯିବ ଦୃଢ କାର୍ଯ୍ୟାନୁଷ୍ଠାନ। ଦଇତାପତିମାନଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ନିଆଗଲା ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦଇତାପତି ନିଯୋଗ ସଭାପତି ଓ ସମ୍ପାଦକଙ୍କ ସହ ବାଡଗ୍ରାହୀ ଓ ଯୁବ ଦଇତାପତିମାନ ଯୋଗ ଦେଇଥିଲେ। ଚଳିତବର୍ଷ ଗୋଟିଏ ଦିନରେ ନବଯୌବନ ଓ ନେତ୍ରୋତ୍ସବ ଥିବାରୁ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦ ସେବନ ଉପରେ ଗୁରୁତ୍ୱ ଦିଆଯାଇଛି। ପହଣ୍ଡି ଅଘଟଣ ଏଡାଇବାକୁ ସ୍ୱତ୍ୱଲିପି ଅନୁଯାୟୀ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍। ୩ ଜଣିଆ କମିଟିର ପରାମର୍ଶକ୍ରମେ ପହଣ୍ଡି କାର୍ଯ୍ୟ କରାଯିବ।

ଅନ୍ୟ ସମସ୍ତ ନିଯୋଗର ସୂଚୀ ଆସିବା ପରେ ପହଣ୍ଡି ନେଇ ଫାଇନାଲ ଲିଷ୍ଟ ପ୍ରସ୍ତୁତ ହେବ। ସେବକଙ୍କ ସହାୟକ କେବଳ ଆବଶ୍ୟକ ସମୟରେ ରଥ ଉପରକୁ ଯାଇପାରିବେ। ରଥ ଉପରକୁ ଛଦ୍ମବେଶୀ ଚଢିଲେ ହେବ ଫୌଜଦାରୀ ମାମଲା। ସେପଟେ ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣାର ଚାଲିଛି ତଦନ୍ତ। ଭିଡିଓ ଫୁଟେଜର ଯାଞ୍ଚ୍ ପରେ ନି ଆଯିବ କାର୍ଯ୍ୟାନୁଷ୍ଠାନ। ଜୁନ ୨୮ ତାରିଖଠାରୁ ୬ ଜୁଲାଇ ୬ ତାରିଖ ରଥଯାତ୍ରା ସମୟରେ ଭିତର ରତ୍ନ ଭଣ୍ଡାର ମରାମତି ସାରିବାକୁ ଏଏସଆଇକୁ ଲେଖାଯାଇଛି ଚିଠି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଭସାଡ ଲାଇଟ୍ ଆହୁରି ସୁଦୃଢ଼ୀକରଣ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିରରେ ବାହାର ସୋନ୍ଦର୍ଯ୍ୟକରଣ, ସୂଚନା କେନ୍ଦ୍ର, ସିଂହଦ୍ୱାର ଓ ନାକଚଣା ଦ୍ୱାରରେ ହୋଇଛି ସୌନ୍ଦର୍ଯ୍ୟକରଣ। ଭକ୍ତଙ୍କୁ ଶ୍ରୀମନ୍ଦିର ନୀତିକାନ୍ତି ବିଷୟରେ ସୂଚନା ଦେବାକୁ ନୂଆକରି ଲାଗିଛି ଏଲଇଡି। ସେପଟେ ଦିବ୍ୟାଙ୍ଗ ଦର୍ଶନକୁ ବ୍ୟବସ୍ଥିତ କରିବାକୁ ଉତ୍ତରଦ୍ୱାରରେ ସରିଛି ରାମ୍ପ। ପରମ୍ପରା ନଭାଙ୍ଗି ହେବ ଦିବ୍ୟାଙ୍ଗ ଦର୍ଶନ ବ୍ୟବସ୍ଥା। ଆବଶ୍ୟକ ପଡିଲେ ନିୟୋଜିତ ହେବେ ଅଧିକରୁ ଅଧିକ ସ୍ୱେଚ୍ଛାସେବୀ। ଶ୍ରୀମନ୍ଦିର ନାଟମଣ୍ଡପରେ ଖୁବଶୀଘ୍ର ଏସି ବ୍ୟବସ୍ଥା ପାଇଁ ଏଏସଆଇର ଅନୁମତି ଲୋଡ଼ିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସେପଟେ ସୁନାବେଶରେ ଶ୍ରୀପୟର, ଶ୍ରୀଭୁଜକୁ ଭକ୍ତଙ୍କ ଦର୍ଶନ ପାଇଁ ଅବରୋଧ ନକରିବାକୁ ପରାମର୍ଶ ଦିଆଯାଇଛି।

# କମ୍ବିଂ ଅପରେସନ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ, ସିଆର୍‌ପିଏଫ ଅଧିକାରୀ ଶହୀଦ



**ବଣାଇଁ,୧୪।୬(ସଂଚାର ବ୍ୟୁରୋ):** ସର୍ଚ୍ଚ ଅପରେସନ୍ ବେଳେ ହେଲା ବ୍ଲାଷ୍ଟ। ଆଇଇଡି ବିସ୍ଫୋରଣରେ ସହିଦ୍ ହୋଇଗଲେ ସିଆରପିଏଫ୍ ଯବାନ। ହଠାତ୍ ଘଟିଥିଲା ବିସ୍ଫୋରଣ। ସବୁକିଛି ଅନ୍ଧାର ଦିଶିଥିଲା। ଠିକ୍ ଏହି ସମୟରେ ସିଆରପିଏଫ ଯବାନ ଏଏସଆଇ ସତ୍ୟବାନ କୁମାର ସିଂ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଅନ୍ୟ ଯବାନ ମାନେ ଉଦ୍ଧାର କରି ରାଉରକେଲାରେ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ସହିଦ ଯବାନଙ୍କୁ ଏୟାର ଲିଫଟିଂ ଯୋଗେ ରାଞ୍ଚି ସ୍ଥାନାନ୍ତରିତ କରାଯାଉଛି।

କେ ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ - ଲଙ୍ଗଲକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିଲେ ଲ୍ୟାଣ୍ଡ ମାଇନ। ବିସ୍ଫୋରଣ ପରେ ଗୁରୁତର ଆହତ ଅବସ୍ଥାରେ ସତ୍ୟବାନ କୁମାର ସିଂ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏବେ ତାଙ୍କ ଦେହାନ୍ତ ହେବା ନେଇ ସି ଆର୍ ପି ଏଫ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସହିଦ ଯବାନଙ୍କ ଘର ଉତ୍ତର ପ୍ରଦେଶରେ। ସି ଆର୍ ପି ଏଫ୍ ୧୩୪ ନମ୍ବର ବାଟାଲିୟନରେ ଜଣେ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଭାବେ ଝାରଖଣ୍ଡରେ କାର୍ଯ୍ୟରତ ଥିଲେ। ସହିଦ ଯବାନଙ୍କ ମୃତ ଶରୀରକୁ ହେଲିକପ୍ଟର ଯୋଗେ ରାଞ୍ଚିକୁ ନେଇ ଗାର୍ଡ ଅଫ ଅନର ଦେବେ ତାପରେ ନିଜ ପରିବାରକୁ ହସ୍ତାନ୍ତର କରିବେ ବୋଲି ସୂଚନା ମିଳିଛି। ତାଙ୍କ ମୃତ୍ୟୁ ଖବର ଶୁଣି ଅପରେସନ ସ୍ଥଗିତ ରଖି ନୂଆ ରଣନୀତି ପ୍ରସ୍ତୁତ କରୁଛି ପୋଲିସ। ସମସ୍ତ ଯବାନ ଏବେ ଫେରିଥିବା ସୂଚନା। ତେବେ ଅଞ୍ଚଳରେ ମାଓବାଦୀ ସୁପ୍ତ ବୋଲି ଥିବା ପ୍ରଚାରକୁ ଚ୍ୟାଲେଞ୍ଜ କରି ମାଓ ସଂଗଠନ ଗତ ମାସ ୨୭ ତାରିଖରେ କେ ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ସ୍ପଷ୍ଟ ଦିବାଲୋକରେ ପାଞ୍ଚ ଟନ ବିସ୍ଫୋରକ ଲୁଟି ନେଇଥିଲେ। ପରେ ଓଡିଶା ଓ ଝାରଖଣ୍ଡ ପୋଲିସ ମିଳିତ ଅପରେସନ କରୁଥିଲେ ଚାରି ଟନ ପାଖାପାଖି ଉଦ୍ଧାର ମଧ୍ଯ ହେଲା। କିନ୍ତୁ ପାଲଟା ଜବାବରେ ସେମାନେ ମେ ମାସ ୩୦ ତାରିଖ କୋବ୍ରା ବାଟାଲିୟନର ଜଣେ ଯବାନ ସୁନୀଲ କୁମାର ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଆହତ ହୋଇଥିଲେ। ସେହିଭଳି ପରଦିନ ଅର୍ଥାତ୍ ମେ ୩୧ ତାରିଖ ଦିନ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ସାହୁ ବାର୍ଜୋ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ରେ ଗୁରୁତର ଆହତ ହୋଇଥିଲେ। ଆଜି ପୁଣି ଜଣେ ଯବାନ ସହିଦ ହୋଇଛନ୍ତି। ପୂର୍ବରୁ ବଣାଇ ଉପଖଣ୍ଡରେ ମାଓ ଉପଦ୍ରବ ବୋଲି ଚାଲିଥିବା ବେଳେ କିଛି ବର୍ଷ ମାଓବାଦୀଙ୍କ ନିରାବତାକୁ ତାଙ୍କ ଅନ୍ତ ଭାବି ପୋଲିସ ବିଭାଗ ଏଠାରୁ ସିଆରପିଏଫ୍ କେମ୍ପକୁ ଉଠାଇଦେଇଥିଲେ। କିନ୍ତୁ ସମାପ୍ତ ନୁହେଁ ବୋଲି ସୁପ୍ତ ଥିବା ମାଓବାଦୀ ଗତ ୨୭ ତାରିଖରେ ୫ ଟନ ବିସ୍ଫୋରକ ଲୁଟି ପୁଣି ଜାହିର କରିଛନ୍ତି। ଆଜି ଠାରୁ ସ୍ଥଗିତ କମ୍ବିଂ ଅପରେସନ ପୁଣି ନୂଆ ରଣନୀତିରେ ଆରମ୍ଭ କରିବେ ଅପରେସନ ବୋଲି ସୂଚନା ମିଳିଛି। ଏବେ ଆଗକୁ ଦେଖିବାକୁ ଅଛି ପୋଲିସ କେଉଁ ରଣନୀତି କରି ମାଓ ଦମନ କରିବ।



## ଡ଼କାୟତି ଯୋଜନା ପଣ୍ଡ

# ୬ ଡକାୟତ ଗିରଫ, ବହୁ ମାରଣାସ୍ତ୍ର ଜବତ

**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ):** ୬ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନନ୍ଦନକାନନ ଥାନା ପୋଲିସ। ଭୁବନେଶ୍ୱର ଜୋନ୍ ୬ ଏସିପି ସୋନାଲି ସିଂ ପରମାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଶୁକ୍ରବାର ରାତି ସାଢ଼େ ୧୨ଟାରେ ନନ୍ଦନକାନନ ପୋଲିସ ପାଟ୍ରୋଲିଂ କରିଥିବା ବେଳେ ବିଶେଷ ସୂତ୍ରରୁ ଏକ ଖବର ମିଳିଥିଲା। କିଛି ଲୋକ ଏକ ନିକାଞ୍ଚନ ସ୍ଥାନରେ ଡ଼କାୟତି ପାଇଁ ଯୋଜନା କରୁଛନ୍ତି। ନନ୍ଦନକାନନ ଥାନା ଅଧିକାରୀ ସମିତା ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ପହଞ୍ଚି ଚଢ଼ାଉ କରି କରିଥିଲେ। ପୋଲିସ ସେଠାରୁ କଲ୍ୟାଣପୁର ଗ୍ରାମର ସୁମିଲ କୁମାର ସାହୁ ଓରଫ ଗଣେଶ, ସନ୍ତୋଷ ବେହେରା ଓରଫ ଶନ୍ତୁ, ଜିତେନ୍ଦ୍ର ସ୍ୱାଇଁ ଓରଫ ଜିତୁ, ମନୋଜ ସ୍ୱାଇଁ ଓରଫ ମଣ୍ଟୁ, ପ୍ରତାପ ସ୍ୱାଇଁ ଓ ଗଣେଶ ଜେନାକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଡକାୟତିରେ ବ୍ୟବହାର ପାଇଁ ରଖିଥିବା ଗୋଟିଏ ଦେଶୀ ବନ୍ଧୁକ, ୬ଟି ଅଫୁଟା ଖୋକା, ଗୋଟିଏ ତେଲେଙ୍ଗା କଟୁରୀ, ଏକ ଖଣ୍ଡା, ୨ଟି ରଡ଼, ଗୋଟିଏ କଳା ରଙ୍ଗର ସ୍କର୍ପିଓ, ୨ଟି ବାଇକ, ୬ଟି ମୋବାଇଲ, ଗୋଟିଏ ସୁନା ଚେନ ସହ ମଦ ବୋତଲ, ବ୍ୟବହୃତ ପାଣି ବୋତଲ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ନନ୍ଦନକାନନ ଥାନାରେ ମାମଲା ରୁଜୁ କରାଯାଇ ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଲେ ଭୁବନେଶ୍ୱର ଜୋନ୍ ୬ ଏସିପି ସୋନାଲି ସିଂ ପରମାର।

# ଭୁବନେଶ୍ୱର ବିମାନ ବନ୍ଦରରେ ହବ ରିହାର୍ସଲ




**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ) :** ଅହମ୍ମଦାବାଦରେ ବିମାନ ଦୁର୍ଘଟଣା ପରେ ଆଲର୍ଟରେ ଭୁବନେଶ୍ୱର ଏୟାରପୋର୍ଟ। ଭୁବନେଶ୍ୱର ବିମାନବନ୍ଦରରେ ହେବ ରିହର୍ସାଲ। ଜରୁରିକାଳୀନ ରିହର୍ସାଲ କରିବାକୁ ନିର୍ଦ୍ଦେଶ ଦେଇଛି ଡିଜିସିଏ। ଫୁଲସ୍କେଲ ରିହର୍ସାଲ ସମୟରେ ପୋଲିସ, ମେଡିକାଲ ଟିମ ଓ ଅଗ୍ନିଶମବାହିନୀ ଉପସ୍ଥିତ ରହିବେ। ବେଆଇନ କୋଠା ଉଚ୍ଛେଦ ଓ ଗଛ କାଟିବାକୁ ବିଏମସିକୁ କୁହାଯିବ। ଏହି ରିହାର୍ସଲ ଜୁନ୍ ୩୦ରେ ହେବ। ଏଥିରେ ପୋଲିସ, ମେଡିକାଲ ଓ ଅଗ୍ନିଶମ ଉପସ୍ଥିତ ରହିବେ। ଅହମ୍ମଦାବାଦ ପ୍ଲେନ କ୍ରାସ ପରେ ଭୁବନେଶ୍ୱର ବିମାନ ବନ୍ଦରରେ ଏଭଳି ସିକ୍ୟୁରିଟି ପ୍ରୋଗ୍ରାମ କରାଯିବ। ବିମାନ ବନ୍ଦର ଆଖପାଖରେ ସର୍ଭେ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ।

# ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଏଏସଆଇକୁ ଶ୍ରୀମନ୍ଦିର ପ୍ରଶାସନର ଚିଠି

**ପୁରୀ, ୧୪।୬ (ସଂଚାର ବ୍ୟୁରୋ):** ଏଏସଆଇକୁ ଶ୍ରୀମନ୍ଦିର ପ୍ରଶାସନର ଚିଠି। ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଏଏସଆଇକୁ ଚିଠି ଲେଖିଛନ୍ତି ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ। ରଥଯାତ୍ରା ସମୟରେ ଜୁନ୍ ୨୮ ରୁ ଜୁଲାଇ ୬ ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି ମୁଖ୍ୟ ପ୍ରଶାସକ। ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରେ ଅଗ୍ରାଧିକାର ଭିତ୍ତିରେ କାମ ଶେଷ କରିବାକୁ କୁହାଯାଇଛି। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସଆଇ ଉପ-ମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି। ଏପଟେ ରଥଯାତ୍ରାକୁ କିଭଳି ଶୃଙ୍ଖଳିତ ଭାବେ ଶେଷ କରାଯିବ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଥଯାତ୍ରା ପରିଚାଳନା ନେଇ ବୈଠକ ବସିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଦଇତାପତି, ସମସ୍ତ ବାଡ଼ଗ୍ରାହୀ ଓ ନିଯୋଗର ସଦସ୍ୟ ବୈଠକରେ ଉପସ୍ଥିତ ଅଛନ୍ତି।

# ପାଣି ନୁହେଁ ଡିହାଇଡ୍ରେସନରୁ ହୋଇଛି ହଇଜା: ପାନୀୟ ଜଳ ମନ୍ତ୍ରୀ



**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ) :** ଯାଜପୁର ଡାଇରିଆ ହଇଜା ରୂପ ଧାରଣ କରିଛି। ଏହା ଆଖପାଖ ଜିଲ୍ଲାକୁ ମଧ୍ୟ ବ୍ୟାପିଲାଣି। ଏହାକୁ ନେଇ ନାକେଦମ ସରକାର ଓ ପ୍ରଶାସନ। ଏପଟେ ହଇଜା ନେଇ ପ୍ରତିକ୍ରିୟା ରଖିଛନ୍ତି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ପାଣି ପାଇଁ ହଇଜା ହୋଇନାହିଁ ବରଂ ଭୋଜି ଭାତରେ ଡିହାଇଡ୍ରେସନ ଯୋଗୁଁ ଏପରି ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଆନନ୍ଦପୁରରୁ କୋରେଇ ଓ ବଡ଼ଚଣାରେ ପାଣିର ପରୀକ୍ଷଣ ପରେ ଏହି ତଥ୍ୟ ଆସିଥିବା ମନ୍ତ୍ରୀ କହିଛନ୍ତି। ପ୍ରଭାବିତ ଅଞ୍ଚଳ ଓ ଆଖପାଖରେ ଜଳ ଉତ୍ସକୁ ବ୍ଲିଚିଂ ଦ୍ୱାରା ବିଶୋଧନ କରାଯାଇଛି। ରାଜ୍ୟରେ ବଳକା ଥିବା ଥିବା ଅବଶିଷ୍ଟ ନଳକୂପ ନିର୍ମାଣ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, 'ଯାଜପୁର ଓ ଆଖପାଖ ଜିଲ୍ଲାରେ ଘଟିଥିବା ଘଟଣା ଉପରେ ବିଭାଗ ନଜର ରଖିଛି। କାରଣ ଏହି ଘଟଣା ମୋ ବିଭାଗ ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ମୋ ବିଭାଗ ମୋତେ ଦେଇଥିବା ତଥ୍ୟ ଅନୁଯାୟୀ ପାଣି ଦ୍ୱାରା ହଇଜା ହୋଇଛି ବୋଲି କୁହାଯାଉଛି, ତଥା ସତ୍ୟ ନୁହେଁ। ପାଣି ଦ୍ୱାରା ହଇଜା ହୋଇନାହିଁ। ଦୁଇ ତିନିଟି ସ୍ଥାନରେ ଭୋଜି ଭାତ ଖାଇବା ଓ ଡିହାଇଡ୍ରେସନ ଯୋଗୁଁ ଏହି ଅବସ୍ଥା ହୋଇଛି। ୫ଟି ମାମଲା ସାମ୍ନାକୁ ଆସିଥିବା ବେଳେ ପାନୀୟ ଜଳ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଘଟଣା ଉପରେ ନଜର ରଖି ତଦାରଖ କରୁଥିଲେ। ଯନ୍ତ୍ରୀମାନେ ତୁରନ୍ତ ପଦକ୍ଷେପ ନେଇଛନ୍ତି। ଆନନ୍ଦପୁରରୁ କୋରେଇ, ପରବର୍ତ୍ତୀ ସମୟରେ ବଡ଼ଚଣା ଅଞ୍ଚଳରୁ ପାଣି ସଂଗ୍ରହ କରାଯାଇ ପରୀକ୍ଷଣ କରାଯାଇଛି।'

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, 'ଅତୀତର ଅଭିଜ୍ଞତା କହୁଛି ପାଣି ଜରିଆରେ ହଇଜା ବ୍ୟାପି ଥାଏ। ଏହାକୁ ମୁଁ କିମ୍ବା ଆଉ କେହି ଅସ୍ୱୀକାର କରିବେ ନାହିଁ। କିନ୍ତୁ ବର୍ତ୍ତମାନ ଘଟଣାରୁ ସେଭଳି କିଛି ତଥ୍ୟ ଆସିନାହିଁ। କିନ୍ତୁ ମୋ ବିଭାଗ ସଜାଗ ରହିଛି। ଅଞ୍ଚଳର ନଳକୂପ, କୂଅ ଓ ଅନ୍ୟାନ୍ୟ ସ୍ଥାନରୁ ଅଣାଯାଉଥିବା ପାଣିରେ ବ୍ଲିଚିଂ ପକେଇବା ସହ ବିଶୋଧନ କରିବାର ସମସ୍ତ ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇଛି। ବ୍ୟାପିଥିବା ଝାଡ଼ାବାନ୍ତିକୁ ସ୍ୱାସ୍ଥ୍ୟ ବିଭାଗ ହଇଜା ବୋଲି ଗତକାଲି ଘୋଷଣା କରିଛି। ଏହା ପରେ ପାନୀୟ ଜଳ ବିଭାଗ ଆହୁରି ସଚେତନ ହୋଇଛି। ବିଶୋଧନ ହୋଇନଥିବା ଜଳ ଉପରେ ନଜର ରଖାଯାଇଛି।'

ସେ ଏହା ମଧ୍ୟ କହିଛନ୍ତି, 'ଆଜି ବିଭାଗୀୟ କମିଶନର ଓ ନିର୍ଦ୍ଦେଶକଙ୍କ ସହ ମୁଁ ଆଲୋଚନା କରିଛି। ସାରା ରାଜ୍ୟରେ ୨୪ ହଜାର ନଳକୂପ ଖୋଳିବା ପାଇଁ ମଞ୍ଜୁର ହୋଇଛି। ସେଥିରୁ ୧୮ ହଜାର ନଳକୂପ କାମ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ପାଇଁ ଏଭଳି ସମସ୍ୟା ନହେଉ ବୋଲି ବିଭାଗ ତତ୍ପର ଅଛି।' ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କ ସୂଚନା ଅନୁସାରେ, ରାଜ୍ୟରେ ୪୧ଟି ନମୂନାରୁ ୮ଟି ନମୂନା କଲେରା ପଜିଟିଭ ଆସିଛି। ସରକାର ଏଥିପାଇଁ ସଜାଗ ଅଛନ୍ତି। ଆସନ୍ତାକାଲି କେନ୍ଦ୍ର ୧୪ ଜଣିଆ ଟିମ୍ ଯାଜପୁର ଗସ୍ତ କରିବେ। ହଇଜା ସ୍ଥିତି ଅନୁଧ୍ୟାନ କରିବେ। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଭୟଭୀତ ହେବାର କିଛି କାରଣ ନାହିଁ। ସ୍ଥିତି ନିୟନ୍ତ୍ରଣାଧିନ ଅଛି।

# ଏଣିକି ପାଣିପାଗ ବାବଦରେ ପୂର୍ବାନୁମାନ କରିବ ଏଆଇ, ସୂଚନା ଦେଲା ଆଇଏମ୍‌ଡି



**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ) :** ଏଣିକି ପାଣିପାଗ ବାବଦରେ ପୂର୍ବାନୁମାନ କରିବ ଏଆଇ। ସୂଚନା ଦେଲେ ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ସକ୍ରିୟ ହେବ। ଏବେ ଦକ୍ଷିଣ ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ଅଛି। ଅନ୍ୟପଟେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ୧୬ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରିସ୍ଥିତି ସୁହାଇଲେ ଏହା ପ୍ରଭାବରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ଏମିତି ହେଲେ ରାଜ୍ୟରେ ମୌସୁମୀ ସକ୍ରିୟ ହେବା ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ଶେଷ ରଜ ଅର୍ଥାତ ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ପାରାଦୀପରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ, ଟ୍ରାକ୍‌ରୁ ଖସିଲା ୪ ବଗି




**ପାରାଦୀପ, ୧୪।୬ (ସଂଚାର ବ୍ୟୁରୋ) :** ପାରାଦୀପ ପୁରୁଣା ରେଲୱେ ଷ୍ଟେସନରେ ଲାଇନଚ୍ୟୁତ ହେଲା ଟ୍ରେନର ୪ ଟି ବଗି। ପାରାଦୀପ ବନ୍ଦରରୁ ଆସି ପୁରୁଣା ଷ୍ଟେସନରେ ରଖାଯାଉଥିବା ବେଳେ ଏହି ଟ୍ରେନର ବଗି ଲାଇନଚ୍ୟୁତ ହୋଇଥିଲା। ସୌଭାଗ୍ୟ ବଶତଃ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହେବା ପୂର୍ବରୁ ଏହା ଅଟକି ଯାଇଥିଲା। ତେବେ ଘଟଣା ସ୍ଥଳରେ କୌଣସି ରେଲୱେ ଅଧିକାରୀ ପହଞ୍ଚି ନ ଥିବା ବେଳେ କାହାର କିଛି କ୍ଷତି ହୋଇନାହିଁ। ଟ୍ରେନର ଟ୍ରାକ୍ ଉପରେ କୋଇଲା ଗଦା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁଁ କୋଇଲା ଗୁଡିକ ଟାଇଟ ହୋଇଯାଇଥିବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଗତ ଦୁଇଦିନ ତଳେ ମଧ୍ୟ ଏହି ରେଲୱେ ଟ୍ରାକ୍ ରେ ଗୋଟିଏ ଟ୍ରେନର ଦୁଇଟି ବଗି ଲାଇନଚ୍ୟୁତ ହୋଇଥିଲା। ଫଳରେ ଏହି ଟ୍ରାକ ସଫା ନହେବା ପର୍ଯ୍ୟନ୍ତ ଏହି ଟ୍ରାକ୍ ରେ ଟ୍ରେନ୍ ଚଳାଚଳ ନକରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ରଜରେ ଉଜୁଡ଼ିଗଲା ସୁନା ସଂସାର, ଅଜଣା ଗାଡି ଧକ୍କାରେ ୩ ମୃତ

**କେନ୍ଦୁଝର, ୧୪।୬ (ସଂଚାର ବ୍ୟୁରୋ) :** କେତେ ଖୁସି ମନରେ ବ୍ୟାଙ୍କରୁ ଟଙ୍କା ଉଠାଇ ଡ୍ରେସ୍ କିଣିବାକୁ ଯାଉଥିଲେ ୩ ସାଙ୍ଗ। ରଜରେ ନୂଆ ଡ୍ରେସ୍ ପିନ୍ଧି ରଜ ମନାଇଥାନ୍ତେ। ଗୋଟିଏ ବାଇକରେ ୩ ଜଣ ହସଖୁସିରେ କଥାବାର୍ତ୍ତା ହୋଇ ଯାଉଥାନ୍ତି। କିନ୍ତୁ ରାସ୍ତା ମଝିରେ ଜଗି ବସିଥିଲା କାଳ। ହଠାତ ପଛ ପଟୁ ଧକ୍କା ଦେଲା ଏକ ଟ୍ରକ୍। ରକ୍ତାକ୍ତ ହୋଇଗଲେ ୩ ସାଙ୍ଗ। ଏଣେ ତେଣେ ଛିଟକି ହୋଇପଡ଼ିଲେ ସମସ୍ତେ। ଘଟଣାସ୍ଥଳରେ ହିଁ ଜଣଙ୍କ ପ୍ରାଣ ବାୟୁ ଉଡ଼ିଗଲା। ଏତେ ବଡ଼ ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ଅନ୍ୟ ଦୁଇ ଜଣଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଲେ। କିନ୍ତୁ ନିୟତି ଆଗରେ କିଏ ବା କଣ କରି ପାରିବ। ମେଡିକାଲରେ ଦୁଇ ସାଙ୍ଗଙ୍କୁ ପହଞ୍ଚାଇଥିଲେ ବି ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣଙ୍କ ଜୀବନ ଗଲା। କେନ୍ଦୁଝରରେ ଘଟିଛି ଏଭଳି ଭୟଙ୍କର ସଡ଼କ ଦୁର୍ଘଟଣା। ଆଉ ଏହି ଦୁର୍ଘଟଣାରେ ୩ଜଣଙ୍କ ଜୀବନ ଯାଇଛି। ସଦର ଥାନା ୪୯ ନମ୍ବର ଜାତୀୟ ରାଜପଥ ଠାକୁରଡ଼ିହି ଛକରେ ଅଜଣା ଗାଡ଼ି ଧକ୍କାରେ ବାଇକ୍ ରେ ଆସୁଥିବା ୩ ସାଙ୍ଗଙ୍କର ମୃତ୍ୟୁ ଘଟିଛି। ଶୁଆକାଟୀ ମାଇନିଂ ଛକ ଅଞ୍ଚଳରେ ରହୁଥିବା ଏହି ୩ ସାଙ୍ଗ ରଜ ପାଇଁ ଡ୍ରେସ୍ କିଣିବାକୁ ଯାଉଥିଲେ। କିନ୍ତୁ ସେମାନଙ୍କୁ ପଛରୁ ଏକ ଟ୍ରକ୍ ଏମିତି ଧକ୍କା ଦେଲା ଯେ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଜଣଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ମୃତକ ୩ ଜଣ ହେଉଛନ୍ତି ବିଭୁ ବାରିକ, ସିପୁନ ନାୟକ ଏବଂ ବାଦଲ ନାୟକ। ରଜ ସମସ୍ତଙ୍କ ପାଇଁ ଖୁସି ଆଣି ଦେଇଥିବାବେଳେ ୩ଟି ପରିବାରରେ ଏବେ ଦୁଃଖର କଳା ବାଦଲ ଖେଳିଯାଇଛି। ପୁଅମାନଙ୍କୁ ହରାଇ ବେସାହାର ହୋଇପଡ଼ିଛନ୍ତି ପରିବାର ଲୋକେ।

# ମାଓବାଦୀଙ୍କ ଗୁପ୍ତ ବାସ ସ୍ଥାନ ଉପରେ ଚଢ଼ାଉ, ବିପୁଳ ପରିମାଣର ବିସ୍ଫୋରକ ଜବତ



**ବାଲିଗୁଡ଼ା, ୧୪।୬ (ସଂଚାର ବ୍ୟୁରୋ) :** ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଗୁପ୍ତ କରିଡର। ଘଞ୍ଚ ଜଙ୍ଗଲ ରେ ଗହ୍ୱର ଭିତରେ ଚଳାଇଥିଲେ ମାଓ କ୍ୟାମ୍ପ। ବଡ଼ ଧରଣର ମାଓ ହାମଲା ପାଇଁ କରୁଥିଲେ ବଡ଼ ଯୋଜନା। ମାଓବାଦୀଙ୍କ ସମସ୍ତ ଯୋଜନା କୁ ପଣ୍ଡ କଲା ବିଏସଏଫ। ମାଟି ତଳେ ଥିବା ଏହି ସିକ୍ରେଟ କରିଡରକୁ ପଥର ଓ ବଡ଼ ଗଛ ସହାୟତାରେ ଘୋଡାଇ ରଖିଥିଲେ ଲାଲବାହିନୀ। ମାଟି ଉପରେ ପଥର ଓ ଗଛ ରହିଥିବା ବେଳେ ମାଟିତଳେ ବଡ଼ ଗହ୍ୱର ମଧ୍ୟରେ ନିଜର ଗୁପ୍ତ କରିଡରରେ ରହୁଥିଲେ ମାଓବାଦୀ। ସୁଉଚ୍ଚ ବନ ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ଭିତରେ ଥିବା ଏହି ସିକ୍ରେଟ କରିଡରରେ ରହି କିଛି ଦିନ ହେବ ମାଓବାଦୀ ଚଳାଇଥିଲେ ନିଜର ବେସକ୍ୟାମ୍ପ। କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଖମଣଖୋଲ ପଂଚାୟତର କଂଜାଲଘୁ ନିକଟବର୍ତ୍ତୀ କାଣିବାଲି ଜଙ୍ଗଲରେ କିଛିଦିନ ହେବ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇଥିଲା ବିଏସଏଫ ୧୩୬ ବାଟାଲିୟନ। ଗୁଇନ୍ଦା ସୂଚନା ଆଧାରରେ ବାଲିଗୁଡା ବିଏସଏଫ ୧୩୬ ବାଟାଲିୟନର କମାଣ୍ଡେଣ୍ଟ ମାନସ ରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କାଣିବାଲି ଓ କଂଜାଲଘୁ ଜଙ୍ଗଲରେ ସ୍ୱତନ୍ତ୍ର କମ୍ବିଙ୍ଗ ଅପେରସନ ପାଇଁ ଓହ୍ଲାଇଥିଲେ ବିଏସଏଫ ଯବାନ। କମ୍ବିଙ୍ଗ ଅପରେସନ ବେଳେ କାଣିବାଲି ଜଙ୍ଗଲ ରେ ଏକ ନାଳ ନିକଟରେ ମାଓବାଦୀଙ୍କ ସିକ୍ରେଟ କରିଡର ଉପରେ ନଜର ପଡିଥିଲା। ଅତି ସତର୍କତା ସହ ହାଇଟେକ ଇଲେକ୍ଟ୍ରୋନିକ ଉପକରଣ ସହାୟତାରେ ଉକ୍ତ କରିଡର ଉପରେ ସର୍ଚ୍ଚ ଅପେରସନ ବେଳେ ମାଓବାଦୀଙ୍କ ବେସକ୍ୟାମ୍ପ ଠାବ କରିଥିଲେ ବିଏସ୍ଏଫ୍ ଯବାନ। ଏଥିସହ ସିକ୍ରେଟ କରିଡର ଉପରେ ସର୍ଚ୍ଚ କରାଯିବା ବେଳେ ଯବାନଙ୍କ ଶବ୍ଦ ରେ ତଳକୁ ଖସି ଯାଇଥିଲା ମାଓବାଦୀଙ୍କ ମାଟି ତଳେ ଥିବା ସିକ୍ରେଟ ଅଡ୍ଡା। ତେବେ ଏହି ସିକ୍ରେଟ କରିଡର ମଧ୍ୟରେ ଯବାନ ମାନେ ସର୍ଚ୍ଚ ଅପେରସନ କରିବା ବେଳେ ବିପୁଳ ପରିମାଣର ଆଇ.ଇ.ଡି ବିସ୍ଫୋରକ ଉପାଦାନ ଜବତ କରିଥିଲେ ବିଏସଏଫ ଯବାନ। ଏହି କ୍ୟାମ୍ପ ରୁ ବିପୁଳ ପରିମାଣରେ ଡିଟୋନେଟର, ଜିଲେଟିନ,ବ୍ୟାଟେରୀ, ବାସନ କୁସନ, ମେଡ଼ିସିନ ଆଦି ବିଏସଏଫ ପକ୍ଷରୁ ଜବତ କରାଯାଇଛି।

# ଛେଳି ଚୋରକୁ ପିଟିପିଟି ମାରି ରାସ୍ତାରେ ଫିଙ୍ଗିଦେଲେ



**ପାଟଣା,୧୪।୬(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଛେଳି ଚୋରିକୁ ନେଇ ଘଟିଛି ହତ୍ୟାକାଣ୍ଡ। ଜଣେ ଯୁବକଙ୍କୁ ଲୋକେ ଶୁକ୍ରବାର ରାତିରେ ପିଟିପିଟି ମାରି ଦେବା ପରେ ମୃତଦେହକୁ ରାସ୍ତାକଡ଼ରେ ପକାଇ ଦେଇଛନ୍ତି। ମୃତକ ଜଣକ ହେଉଛନ୍ତି ଶଙ୍ଖୁଆ ଗ୍ରାମର ପରମାନନ୍ଦ ନାଏକଙ୍କ ପୁଅ ବିପିନ ବିହାରୀ ନାଏକ। ଶଙ୍ଖୁଆ ଗୋରାଣ୍ଡିଯୋଡ଼ି ରାସ୍ତାର ଶଙ୍ଖୁଆ ହାଇସ୍କୁଲ ନିକଟରେ ମୃତଦେହ ପଡ଼ି ରହିଥିବା ବେଳେ ଘଟଣାସ୍ଥଳରେ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ଓ ସାହାରପଡ଼ା ଫାଣ୍ଡି ଅଧିକାରୀ ପାତ୍ର ଓରାମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଛେଳି ଚୋରି କରିଥିବା ଅଭିଯୋଗରେ ତାଙ୍କୁ କିଛି ଲୋକ ପିଟିପିଟି ମାରିଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ସୂଚନା ଥାଉକି, ରଜପର୍ବ କେନ୍ଦୁଝରର ଏକ ଗଣପର୍ବ ହୋଇଥିବା ବେଳେ ପ୍ରବଳ ଖାସି ମାଂସର ଚାହିଦା ସହ ଆସର ହୁଏ।

# ହଇଜା ସଂକ୍ରମଣ: ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥିତି କଣ ?



**ଭୁବନେଶ୍ୱର, ୧୪।୬:** ରାଜ୍ୟର ଦୁଇ ଦୁଇଟି ଜିଲ୍ଲାରେ ହଇଜାର ଭୂତାଣୁ ଚିହ୍ନଟ ହେବା ଏବଂ ଝାଡାବାନ୍ତିରେ ୧୦ରୁ ଅଧିକ ଲୋକଙ୍କ ଜୀବନ ଯିବାପରେ ଏବେ ପାନୀୟଜଳ ପ୍ରକଳ୍ପକୁ ନେଇ ପ୍ରଶ୍ନବାଚୀ ଉଠିଛି। କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ପ୍ରଭାବିତ ଅଞ୍ଚଳରେ ଏହା କିଭଳି କାର୍ଯ୍ୟକାରୀ ହେଉଛି ତାହାର ତୁରନ୍ତ ସମୀକ୍ଷା ପାଇଁ ଦାବି ଉଠିଲାଣି।

ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡାବାନ୍ତି ଏବେ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରୁ ବ୍ୟାପିବା ସହିତ ସେଠାରେ ମୁଣ୍ଡ ନେଲାଣି। ପାନୀୟଜଳ ଦୂଷିତ କାରଣରୁ ହଇଜା ବ୍ୟାପିଛି ବୋଲି କହିବା ସହିତ ସ୍ୱାସ୍ଥ୍ୟ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏହା ମୁକାବିଲା କରିବାରେ ଲାଗିଛି। ହେଲେ ଝାଡାବାନ୍ତି କିନ୍ତୁ ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି।

ବିଶେଷଜ୍ଞମାନେ ଏଭଳି ରୋଗ ପାଇଁ ପାନୀୟଜଳକୁ ଦାୟୀ କରୁଥିବାବେଳେ ଯେଉଁସବୁ ଅଞ୍ଚଳରେ ଏହା ବ୍ୟାପିଛି ସେଠାରେ ପାନୀୟଜଳର ସ୍ଥିତି କ'ଣ ସେଥିନେଇ କୌଣସି ସମୀକ୍ଷା ହେଉନାହିଁ। ବିଶେଷକରି ସେହିସବୁ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି କି ନାହିଁ, ଯଦି ହୋଇଛି ତେବେ ଲୋକେ ଦୂଷିତ ପାଣି ବ୍ୟବହାର କାହିଁକି କଲେ ତାହା ବଡ ପ୍ରଶ୍ନବାଚୀ ହୋଇଛି।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ଧାର୍ଯ୍ୟ ସମୟରେ ଏହା ସରୁନାହିଁ। ସରକାର ସମୟ ପରେ ସମୟ ବଢାଇ ଚାଲିଛନ୍ତି। ଇତି ମଧ୍ୟରେ ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା କେତେକ ସଂସ୍ଥା ଆଗୁଆ ପଇସା ନେଇ ପ୍ରକଳ୍ପକାର୍ଯ୍ୟ ଧିମା କରୁଥିବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

ସେହିଭଳି ରାଜ୍ୟର ବହୁ ଅଞ୍ଚଳରେ କୋଟିକୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ପାନୀୟଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ। ପାଣିଟାଙ୍କି ହୋଇଛି, ପାଇପ୍ ବିଛା ଯାଇଛି, ମୋଟର ବି ଲାଗିଛି, ହେଲେ ଲୋକଙ୍କ ଘରକୁ ପାଣି ଆସୁନାହିଁ। ଉପକୂଳ ଜିଲ୍ଲାର ଅନେକ ସ୍ଥାନରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଠାରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଯେଉଁ ଲକ୍ଷ୍ୟ ରହିଥିଲା ତାହା ଘୁଞ୍ଚି ଘୁଞ୍ଚି ଯାଉଛି। ଯେହେତୁ ପ୍ରକଳ୍ପକାମ ସାରି ଠିକାଦାର ଅର୍ଥ ନେଇ ପଳାଇଲେଣି ତେଣୁ ସେହିସବୁ ସ୍ଥାନରେ ଲୋକେ ଆଉ ପାନୀୟଜଳ ପ୍ରକଳ୍ପ ଜରିଆରେ ବିଶୁଦ୍ଧ ପାଣି ପାଇବେ କି ନାହିଁ ସେହି ଚିନ୍ତାରେ ରହିଛନ୍ତି।

ଝାଡାବାନ୍ତି ପ୍ରଭାବିତ ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗ ଏକାଧିକ ଟିମ୍ ପଠାଉଥିବାବେଳେ ପାନୀୟଜଳ ପ୍ରକଳ୍ପର ତଦାରଖ ସହିତ ଜଳ ଯୋଗାଣର ସମୀକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି। ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ରାଜ୍ୟର ସମସ୍ତ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପର ସମୀକ୍ଷା ସହିତ ଲୋକେ ଯେଭଳି ବିଶୁଦ୍ଧ ପାନୀୟଜଳ ପାଇପାରିବେ ତାହା ଉପରେ ପଦକ୍ଷେପ ନନେଲେ ଅନ୍ୟ ଅଞ୍ଚଳରେ ଯାଜପୁର ସ୍ଥିତି ଉପୁଜିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପୁଣି ଉଚ୍ଛୁଳିଲା ବୈଦେଶିକ ମୁଦ୍ରାଭଣ୍ଡାର ୬୯୬.୬୫ ବିଲିୟନ ଡଲାରକୁ ପହଞ୍ଚିଲା

ନୂଆଦିଲ୍ଲୀ,୧୪।୬: ଭାରତର ବୈଦେଶିକ ମୁଦ୍ରାଭଣ୍ଡାରରେ ପୁଣି ଅଭିବୃଦ୍ଧି ହୋଇଛି। ୬ ଜୁନ ୨୦୨୫ରେ ସମାପ୍ତ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ଅର୍ଥାତ ଫରେକ୍ସ ରିଜର୍ଭରେ ୫.୧୭ ବିଲିୟନ ଡଲାର ଅଭିବୃଦ୍ଧି ସହ ଏହା ୬୯୬.୬୫ ବିଲିୟନ ଡଲାରକୁ ପହଞ୍ଚିଛି। ତେବେ ସପ୍ତାହକ ପୂର୍ବରୁ ଅର୍ଥାତ ମେ ୩୦ ତାରିଖରେ ସମାପ୍ତ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାରରେ ୧.୨୪ ବିଲିୟନ ଡଲାର ହ୍ରାସ ଦେଖାଯାଇଥିଲା।

ବୈଦେଶିକ ମୁଦ୍ରାଭଣ୍ଡାର ୨୭ ସେପ୍ଟେମ୍ବର ୨୦୨୪ରେ ୭୦୪.୮୮୫ ବିଲିୟନ ଡଲାର ସହିତ ରେକର୍ଡ ଉଚ୍ଚତମ ସ୍ତରକୁ ପହଞ୍ଚିଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅନୁସାରେ ୬ ଜୁନରେ ଶେଷ ହୋଇଥିବା ସପ୍ତାହରେ ଗୋଲ୍ଡ ରିଜର୍ଭ ୧.୫୮୩ ବିଲିୟନ ଡଲାରର ଅଭିବୃଦ୍ଧି



ହୋଇଛି। ଏହା ସହିତ ଗୋଲ୍ଡ ରିଜର୍ଭ ୮୫.୮୮୮ ବିଲିୟନ ଡଲାରକୁ ପହଞ୍ଚିଛି। ତେବେ ଏହା ପୂର୍ବରୁ ମେ ୩୦ରେ ସମାପ୍ତ ହୋଇଥିବା ସପ୍ତାହରେ ଏହି ବୃଦ୍ଧି ୭୨୩ ମିଲିୟନ ଡଲାରକୁ ପହଞ୍ଚିଥିଲା।

କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁସାରେ ବିଦେଶୀ ମୁଦ୍ରା ଆସେଟ୍ ୩.୪୭ ବିଲିୟନ ଡଲାର ବଢି ୫୮୭.୬୮ ବିଲିୟନ ଡଲାର ହୋଇଯାଇଛି। ଏଥିରେ ପାଉଣ୍ଡ, ୟୁରୋ, ୟେନ ଭଳି ଅଣ ଆମେରିକୀୟ ମୁଦ୍ରା ମଧ ରହିଛି। ସେହିପରି ଗତ ସପ୍ତାହରେ ଫରେନ କରେନ୍ସୀ ଆସେଟ୍ ୩.୪୭ ବିଲିୟନ ଡଲାର ବୃଦ୍ଧି ସହିତ ଏଫସିଏ ବଢି ୫୮୭.୬୮ ବିଲିୟନ ଡଲାରକୁ ପହଞ୍ଚି ଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏପରି ଅଭିବୃଦ୍ଧିକୁ କୌଣସି ଦେଶର ଅର୍ଥ ବ୍ୟବସ୍ଥା ନିମନ୍ତେ ଏକ ଭଲ ସଂକେତ ଭାବେ ଦେଖାଯାଏ। କୌଣସି ଦେଶର ଆର୍ଥିକ କ୍ଷମତା ଆକଳନ ପାଇଁ ଏହି ଭଣ୍ଡାର ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ହୋଇଥାଏ। ଯେଉଁଥିରୁ ବିଦେଶୀ ଋଣ ସୁଝା,ଆମଦାନୀ ଖର୍ଚ୍ଚ ଓ ମୁଦ୍ରାର ମୂଲ୍ୟ ସ୍ଥିର ରଖିବାରେ ସହାୟକ ହୋଇଥାଏ।



# ସୁନା ଦର ଲକ୍ଷେ ଟପିଲା

ଭୁବନେଶ୍ୱର, ୧୪।୬: ଇରାନ-ଇସ୍ରାଏଲ୍ ଉତ୍ତେଜନା ପ୍ରଭାବରେ ଭୁବନେଶ୍ୱରରେ ସୁନା ଦାମ୍ ୧ ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦାମ୍ ଦିନକରେ ୨୧୨୦ ଟଙ୍କା ବୃଦ୍ଧି ପାଇ ୧,୦୧,୪୦୦ ଟଙ୍କା ହୋଇଛି। ସେହି ସମୟରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦାମ୍ ଶୁକ୍ରବାର ୧୯୫୦ ଟଙ୍କା ବୃଦ୍ଧି ପାଇ ୯୨,୯୫୦ ଟଙ୍କା ହୋଇଛି। ଗତ ତିନି ଦିନରେ ୨୨ କ୍ୟାରେଟ୍ ସୁନା ଦାମ୍ ୩୫୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦାମ୍ ୩୮୨୦ ଟଙ୍କା ବୃଦ୍ଧି ପାଇଛି। ରୁପା କେଜି ମଧ ୧୧୦୦ ଟଙ୍କା ମହଙ୍ଗା ହୋଇ ୧,୨୦,୦୦୦ ଟଙ୍କା ହୋଇଛି। ତେବେ ନୂଆଦିଲ୍ଲୀରେ ସୁନା ୧୦ ଗ୍ରାମ୍ ପିଛା ଦାମ୍ ୧୬୦୩ ଟଙ୍କା ବୃଦ୍ଧି ପାଇ ୯୯,୦୫୮ ଟଙ୍କା ହୋଇଥିବା ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି। ରୁପା କେଜି ମଧ ୬୬୯ ଟଙ୍କା ବୃଦ୍ଧି ପାଇ ୧,୦୬,୧୬୭ ଟଙ୍କା ହୋଇଛି।

## ଅହମଦାବାଦ ବିମାନ ଦୁର୍ଘଟଣା

# ବୀମା ଦାବି ୨୪୦୦ କୋଟି ଟପିବ

ନୂଆଦିଲ୍ଲୀ,୧୪।୬: ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୪୧ ପ୍ରାଣ ହରାଇବା ପରେ ବୀମା ରାଶିକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ଉଭୟ ଧନ ଓ ଜୀବନ ହାନି ହୋଇଛି। ତେଣୁ ୨୪୦୦ କୋଟି ଟଙ୍କାରୁ ଅଧିକ ବୀମା ରାଶି ପାଇବା ଲାଗି ଦାବି ଆସିପାରେ ବୋଲି ଅନୁମାନ କରାଯାଉଛି। ତାହା ଭାରତ ବିମାନ ଚଳାଚଳ ଇତିହାସର ସର୍ବବୃହତ୍ ବୀମା ଦାବି ହେବ। ସମଗ୍ର ବୀମା ଶିଳ୍ପରୁ ପ୍ରିମିୟମ୍ ଭାବେ ବୀମା କମ୍ପାନିଗୁଡ଼ିକ ଯେତିକି ଆୟ କରିନାହାନ୍ତି, ଏହି ଘଟଣାରେ ସେମାନେ ତା'ଠାରୁ ଅଧିକ ବୀମାରାଶି ପ୍ରଦାନ କରିବେ। ଅନ୍ୟପକ୍ଷରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ବିମାନ ଦୁର୍ଘଟଣାରେ ମୃତବ୍ୟକ୍ତିଙ୍କୁ ବୀମାରାଶି ପ୍ରଦାନ ପ୍ରକ୍ରିୟାକୁ କୋହଳ କରାଯାଇଛି। ଯଦି ମୃତ୍ୟୁ ପ୍ରମାଣପତ୍ର ନଥାଏ ତା'ହେଲେ ସରକାରଙ୍କ ରେକର୍ଡରେ ପଲିସିଧାରକଙ୍କ ମୃତ୍ୟୁ ନେଇ ରହିଥିବା ରିପୋର୍ଟ କିମ୍ବା କେନ୍ଦ୍ର, ରାଜ୍ୟ ସରକାର କିମ୍ବା ଏୟାରଲାଇନ୍ ଦସ୍ତାବିଜ୍‌କୁ ମଧ ମୃତ୍ୟୁ ପ୍ରମାଣପତ୍ର ଭାବେ ଗ୍ରହଣ କରାଯିବ। ଅହମଦାବାଦରେ ଘଟିଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆର ସମସ୍ତ ବୋଇଂ ୭୮୭-୮/୯ ବିମାନଗୁଡ଼ିକର ସୁରକ୍ଷା ଅଡିଟ୍ କରିବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣାରେ ପ୍ରାୟ ୨୬୫ ଜଣଙ୍କ ମୃତ୍ୟୁ ହୋଇଛି। ଏକ ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ କମ୍ପାନିର ଥିବା ବୋଇଂ ବିମାନଗୁଡ଼ିକର ସୁରକ୍ଷା ଅଡିଟ୍ କରାଯିବ। ଚଳିତ ମାସ ୧୫ରୁ ଭାରତରୁ ଉଡ଼ାଣ କରୁଥିବା ବିମାନଗୁଡ଼ିକୁ ଅନ୍ତତଃ ଗୋଟିଏ ଥର ଯାଞ୍ଚ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛନ୍ତି।




# ୨୭ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ମୁଖ୍ୟଙ୍କୁ ଭେଟିବେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୧୪।୬: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ମାସ ୨୭ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ। ସେ ବ୍ୟାଙ୍କ ଗୁଡ଼ିକର କାର୍ଯ୍ୟଧାରା ଏବଂ ଋଣ ଯୋଗାଣ ସ୍ଥିତିର ସମୀକ୍ଷା କରିବା କରିବେ। ସେହିଭଳି ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନରେ ବ୍ୟାଙ୍କଗୁଡ଼ିକର ଭୂମିକା ନେଇ ମଧ ଏହି ବୈଠକରେ ଆଲୋଚନା ହେବ। ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ୫୦ ବେସିସ ପଏଣ୍ଟ ହ୍ରାସ କରିବା ପରେ ଏହା ଅର୍ଥମନ୍ତ୍ରୀଙ୍କ ପ୍ରମୁଖ ସମୀକ୍ଷା ବୈଠକ। ତେବେ ଆଗାମୀ ବୈଠକରେ ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ଚଳିତ ଆର୍ଥିକ ବର୍ଷ ଲାଗି ନୂଆ ଟାର୍ଗେଟ ଦେବେ। ମନ୍ଥର ଅର୍ଥନୀତିକୁ ତ୍ୱରିତ କରିବା ଲାଗି ଋଣ ଯୋଗାଣ ଧାରାକୁ ଆହୁରି ଦୃଢ଼ କରିବା ଲାଗି ମଧ ଅର୍ଥମନ୍ତ୍ରୀ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ ପ୍ରଦାନ କରିବେ। ଏଥିରେ କିଶାନ କ୍ରେଡିଟ କାର୍ଡ ସ୍କିମ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନଶନ ଯୋଜନାର ସମୀକ୍ଷା ହେବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ବର୍ଷ



୨୦୨୪-୨୫ରେ ରେକର୍ଡ ୧.୭୮ ଲକ୍ଷ କୋଟିର ଲାଭ ହାସଲ କରିଥିବା ବେଳେ ଏଭଳି ସ୍ଥିତିରେ ଅର୍ଥମନ୍ତ୍ରୀଙ୍କ ସମୀକ୍ଷା ବୈଠକ ହେଉଛି। ଏବେ ରେପୋ ରେଟ୍ ୫.୫% ସ୍ତରରେ ଥିବା ବେଳେ କ୍ୟାଶ ରିଜର୍ଭ ରେସିଓ (ସିଆର୍ଆର୍) ୧୦୦ ବେସିସ ପଏଣ୍ଟ ହ୍ରାସ ହୋଇ ୩%

**ଋଣ ଯୋଗାଣ ଦୃଢ଼ୀକରଣ ଉପରେ କରିବେ ସମୀକ୍ଷା**

ସ୍ତରରେ ରହିଛି। ସିଆର୍ଆର୍‌ର ପରିବର୍ତ୍ତିତ ନିଷ୍ପତ୍ତି ପର୍ଯ୍ୟାୟ ଭିତ୍ତିରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହା ଦ୍ୱାରା ବଜାର ବ୍ୟବସ୍ଥାକୁ ୨.୫ ଲକ୍ଷ କୋଟି ଟଙ୍କା ଆସିବ। ଫଳରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ଏବଂ ଏହା ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧକ୍ଷତାରେ ୬ ଜଣିଆ ମୁଦ୍ରାନୀତି କମିଟି ରେପୋ ରେଟ୍ ହ୍ରାସ ନେଇ ଭୋଟ କରିଥିଲେ। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନେଇଛି ଆର୍‌ବିଆଇ। ରେପୋ ରେଟ୍ ହ୍ରାସ ପରେ ଏହା ୪ ବର୍ଷର ସର୍ବନିମ୍ନ ସ୍ତରକୁ ହ୍ରାସ ହୋଇଛି।

# ଷ୍ଟ୍ରେଟ୍ ଅଫ୍ ହରମୁଜ ଜଳପଥ ବନ୍ଦ କରିପାରିବନି ଇରାନ



ନୂଆଦିଲ୍ଲୀ, ୧୪।୬: ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପରେ ଦୁଇ ଦେଶ ମଧରେ ଉତ୍ତେଜନା ବୃଦ୍ଧି ପାଇଛି। ଉଭୟ ପକ୍ଷରୁ ଆକ୍ରମଣ ପ୍ରତି ଆକ୍ରମଣ ଜାରି ରହିଛି। ଦୁଇ ରାଷ୍ଟ୍ର ଯୁଦ୍ଧ ମଧରେ ସାରା ବିଶ୍ୱକୁ ଚିନ୍ତା ଘାରିଛି ଇରାନର ଷ୍ଟ୍ରେଟ୍ ଅଫ୍ ହରମୁଜ୍ ଜଳପଥକୁ ନେଇ। ଏହା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ରପ୍ତାନୀ ମାର୍ଗ ମଧରୁ ଗୋଟିଏ। ପର୍ସିଆନ୍ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରୁଥିବା ହର୍ମୁଜ୍ ଜଳପଥ ଦେଇ ପ୍ରତିଦିନ ପ୍ରାୟ ୨୦ ନିୟୁତ ବ୍ୟାରେଲ ତୈଳ ଏବଂ ତୈଳ ଉତ୍ପାଦ ଆମଦାନୀ ଓ ରପ୍ତାନୀ କରାଯାଉଛି। ଯାହା ବିଶ୍ୱ ତୈଳ ପରିବହନର ପ୍ରାୟ ଏକ-ପଞ୍ଚମାଂଶ ଭାଗ। ତେଣୁ ଏହି ଜଳପଥକୁ ଇରାନ ଅବରୋଧ କଲେ ବିଶ୍ୱ ଏନର୍ଜି ମାର୍କେଟ୍‌ରେ ଭୟଙ୍କର ଝଡ଼ ସୃଷ୍ଟି ହେବ। ବିଶ୍ୱ ବଜାର ମହଙ୍ଗା ହୋଇଯିବା ସହ ଅର୍ଥନୀତି ଦୁର୍ବଳ ହୋଇଯିବ। ତେବେ ବଜାର ପର୍ଯ୍ୟବେକ୍ଷକମାନଙ୍କ ମତରେ ଜଳପଥ ବନ୍ଦ କରି ବିଶ୍ୱ ତୈଳ ପ୍ରବାହରେ ସମ୍ପୂର୍ଣ୍ଣ ବାଧା ସୃଷ୍ଟି କରିବା ପ୍ରାୟତଃ ଅସମ୍ଭବ।ଏନେଇ ଟ୍ରାନ୍ସଭର୍ସାଲ୍ କନସଲ୍ଟିଂର ସଭାପତି ଏଲେନ୍ ୱାଲ୍ଡ କହିଛନ୍ତି ଯେ ହର୍ମୁଜ୍ ଜଳପଥ ବନ୍ଦ କରିବା ଦ୍ୱାରା ଇରାନର କୌଣସି ଲାଭ ହେବ ନାହିଁ। ବରଂ ଏଇ ରାସ୍ତା ଦେଇ ଇରାନ ଚୀନକୁ ସର୍ବାଧିକ ତୈଳ ରପ୍ତାନୀ କରୁଥିବାରୁ ଏହା ବନ୍ଦ ହେଉ ବୋଲି ଚୀନ ଆଦୌ ଚାହିଁବନି। ଆଉ ଇରାନ ବି ଏହା ବନ୍ଦ କରି ଯୁଦ୍ଧ ସମୟରେ ନିଜର ଅର୍ଥନୀତି ଦୁର୍ବଳ କରିବାକୁ ଚାହିଁବନି ବୋଲି ବିଶେଷଜ୍ଞ କହିଛନ୍ତି।

# ମଣିପାଲ ହସ୍ପିଟାଲ୍‌ରେ ଜଟିଳ ଅସ୍ଥିମଜା ଚିକିତ୍ସା

ଭୁବନେଶ୍ୱର, ୧୪।୬: ମଣିପାଲ୍ ହସ୍ପିଟାଲ୍‌ରେ ମଧ୍ୟପ୍ରଦେଶର ଇନ୍ଦୋର୍‌ର ଜଣେ ୨୦ ବର୍ଷୀୟ ଯୁବକଙ୍କ ଜଟିଳ ଅସ୍ଥିମଜା ଚିକିତ୍ସା କରାଯାଇଛି। ଇନ୍ଦୋରର ବିଭିନ୍ନ ହସ୍ପିଟାଲ୍‌ରେ ଦେହ ଦେଖାଇ ନିରାଶ ହେବା ପରେ ଯୁବକ ଜଣଙ୍କୁ ତାଙ୍କ ଅଭିଭାବକ ମଣିପାଲ୍ ହସ୍ପିଟାଲ୍ ଆଣିଥିଲେ। ସେଠାରେ କ୍ଲିନିକାଲ୍ ହେମାଟୋଲୋଜି, ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟର କନ୍‌ସଲ୍‌ଟାଣ୍ଟ ଡାକ୍ତର ସନ୍ଦୀପ ଅଭିଜିତ ପଟ୍ଟନାୟକ ତାଙ୍କ ଚିକିତ୍ସା କରିଥିଲେ। ତାଙ୍କ ଅସ୍ଥିମଜା ରିପୋର୍ଟରୁ ସେ ଏକ ବିରଳ ରୋଗରେ ପୀଡ଼ିତ ଥିବା ଓ ଏଚ୍ଏଲ୍ଏଚ୍ ବିକାଶ ହେଉଥିବା ଜଣାପଡ଼ିଥିଲା। ଡାକ୍ତର ପଟ୍ଟନାୟକଙ୍କ ନେତୃତ୍ୱରେ ସଂକ୍ରାମକ ରୋଗର ଆସୋସିଏଟ୍ କନ୍‌ସଲ୍‌ଟାଣ୍ଟ ଡାକ୍ତର ଶୁଭଶ୍ରୀ ସାମନ୍ତରାୟ, ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡାକ୍ତର ସମ୍ବିତ କୁମାର ଭୂୟାଁ ଓ ଭେଷଜ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ ନାରାୟଣ ସାହୁଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ତାଙ୍କ ଚିକିତ୍ସା କରିଥିଲେ। ଡାକ୍ତର ପଟ୍ଟନାୟକ କହିଛନ୍ତି ଯେ ସଠିକ୍ ଆଣ୍ଟିବାୟୋଟିକ୍ ଓ ଟିବି ଔଷଧ ନିୟମିତ ବ୍ୟବହାର କରିବା ଫଳରେ ମାତ୍ର ୧୦ ଦିନରେ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିଲା। ଏହି ସଫଳତା ପାଇଁ ହସ୍ପିଟାଲ୍ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଡାକ୍ତରୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



## ଜର୍ମାନୀରେ ଅଜବ ସଂକଟ

# ୪୨% ବ୍ୟବସାୟ ପରିବାରରେ ଯୋଗ୍ୟ ଉତ୍ତରାଧିକାରୀ ନାହାନ୍ତି

ନୂଆଦିଲ୍ଲୀ,୧୪।୬: ଜଣେ ବ୍ୟକ୍ତି ଜୀବନ ଯାକ ପରିଶ୍ରମ କରି ବ୍ୟବସାୟ ସାମ୍ରାଜ୍ୟ ଛିଡ଼ା କରନ୍ତି ଆଉ ଯେତେବେଳେ ବୁଢ଼ା ହୋଇଯାଆନ୍ତି ବ୍ୟବସାୟର ମଙ୍ଗ ଧରିବାକୁ ମିଳନ୍ତିନି ଉପଯୁକ୍ତ ଉତ୍ତରାଧିକାରୀ। ଏଭଳି ସ୍ଥିତିରେ ତାଙ୍କ କାରବାର ବନ୍ଦ ହେବା ସ୍ଥିତିକୁ ଚାଲିଯାଏ। ଜର୍ମାନିରେ ଏଭଳି ଏକ ଅଜବ ସଂକଟ ଦେଖିବାକୁ ମିଳୁଛି। ଏ ଦେଶରେ ୪୨% ବ୍ୟବସାୟ ପରିବାରରେ ଯୋଗ୍ୟ ଉତ୍ତରାଧିକାରୀ ମିଳୁନାହାନ୍ତି।

ଗଣମାଧମ ରିପୋର୍ଟ ଅନୁସାରେ, ଜର୍ମାନୀର ରୁଡୋଲ୍‌ଫ କିସ୍‌ଲିଙ୍ଗ୍ ଏବେ ଅବସର ନେବାକୁ ଚାହାନ୍ତି। ବହୁ ବର୍ଷର କଠିନ ପରିଶ୍ରମ ପରେ ସେ ହିଟିଂ, ଭେଣ୍ଟିଲେସନ ଏବଂ ଏୟାର୍ କଣ୍ଡିସନିଂର ବିଶାଳ କାରବାର ଛିଡ଼ା କରିଛନ୍ତି। ତେବେ ତାଙ୍କ ସାମ୍ନାରେ ଏବେ ବଡ଼ ଆହ୍ୱାନ ହେଉଛି ଉତ୍ତରାଧିକାରୀ। ଯୋଗ୍ୟ ଉତ୍ତରାଧିକାରୀ ପାଉନାହାନ୍ତି ସେ। ୬୨ ବର୍ଷୀୟ କିସ୍‌ଲିଙ୍ଗ୍‌ଙ୍କ ପୁଅ ତାଙ୍କ କାରବାରରେ ଆଦୌ ରୁଚି ରଖୁନାହାନ୍ତି। ସେ ଅନ୍ୟ ପେସାରେ ଅଛନ୍ତି। ଏହି ସମସ୍ୟା କେବଳ କିସ୍‌ଲିଙ୍ଗ୍‌ଙ୍କର




ନାହିଁ, ଦେଶରେ ହଜାର ହଜାର ବ୍ୟବସାୟୀ ପରିବାରରେ ଉତ୍ତରାଧିକାରୀ ମିଳୁନାହାନ୍ତି। ଏଭଳି କ୍ଷେତ୍ରରେ ବ୍ୟବସାୟ ବନ୍ଦ ହେବା ଉପରେ। ଜର୍ମାନୀର ପ୍ରାୟ ୯୯% କମ୍ପାନି କ୍ଷୁଦ୍ର ଏବଂ ମଧମ(ଏସ୍ଏମ୍ଇ)। ଜର୍ମାନି ଅର୍ଥନୀତିର ଇଞ୍ଜିନ ହେଉଛନ୍ତି ଏହି ଏମ୍ଏସ୍ଇ। ଦେଶର ଜିଡିପିରେ ଏହି କ୍ଷେତ୍ରର ଯୋଗଦାନ ପ୍ରାୟ ଅଧା। ଏହାବ୍ୟତୀତ ୬୦% ଲୋକଙ୍କୁ ଏହା ରୋଜଗାର ଦେଇଥାଏ। ଏଗୁଡ଼ିକୁ ଘରୋଇ ନିବେଶର ଇଞ୍ଜିନ ବି କୁହାଯାଇଥାଏ। କିନ୍ତୁ ଉତ୍ତରାଧିକାରୀ ଅଭାବରୁ ଏହି କମ୍ପାନିଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ମଧକୁ ଯାଉଛି। ଜର୍ମାନିର ଜନସଂଖ୍ୟା ରିପୋର୍ଟ କହୁଛି ଯେ, ଏଠାରେ ଅଧା ଏସ୍ଏମ୍ଇ ମାଲିକଙ୍କ ବୟସ ୫୫ ବର୍ଷରୁ ଅଧିକ। ଏବେ ସେମାନେ କାର୍ଯ୍ୟରୁ ଅବସର ନେବାକୁ ଚାହାନ୍ତି। କିନ୍ତୁ ଯୋଗ୍ୟ ଉତ୍ତରାଧିକାରୀ ଅଭାବରୁ ସେମାନେ କାର୍ଯ୍ୟମୁକ୍ତ ହୋଇପାରୁନାହାନ୍ତି। ୟୁରୋପର ସର୍ବବୃହତ୍ ଅର୍ଥବ୍ୟବସ୍ଥା ଆଗରେ ଏହା ଏକ ବଡ଼ ସଂକଟ ଭାବେ ଉଭା ହୋଇଛି। ବର୍ତ୍ତମାନ ଜର୍ମାନୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ସବୁଠାରୁ ଲମ୍ବା ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି।

## ଆଜିର ସୁନା ଦର



ଆଜି ପୁଣି ବଢ଼ିଲା ସୁନା ଦର। ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୧, ୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୧,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୯୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୦୧,୦୧,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨, ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୦୧, ୦୧,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୦୧, ୦୧,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨, ୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୦୧, ୦୧,୪୦୦ ଓ ୯୨, ୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଜଳିଗଲା ବିଜୁଳି ଖୁଣ୍ଟ, ଅଳ୍ପକେ ବଞ୍ଚିଗଲା ପଥଚାରୀଙ୍କ ଜୀବନ



**ତିର୍ତ୍ତୋଲ,୧୪।୬ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ନରୁଆ ଛକ, ସାଗବାରିଆ ଠାରେ ଗତକାଲି ରାତ୍ରି ପ୍ରାୟ ୧୧ଟା ସମୟରେ ଅଚାନକ ବିଜୁଳି ଖୁଣ୍ଟ ନିଆଁ ଲାଗି ଜଳି ଯିବାରୁ ବାଟରେ ଯାଉଥିବା ଜଣେ ଏରସମା ଅଞ୍ଚଳର ବାଇକ ଆରୋହି ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସ୍ଥାନୀୟ ଲୋକେ ଏହାକୁ ଆୟତ୍ତ କରିବା ପାଇଁ ସ୍ଥାନୀୟ କର୍ମଚାରୀଙ୍କୁ ଫୋନ କରିଥିଲେ ମଧ ନିଘୋଡ଼ ନିଦ୍ରାରେ ଶୋଇଥିଲେ କର୍ମଚାରୀ। ବିଜୁଳି ବିଭାଗର କର୍ମଚାରୀଙ୍କ ବେପରୁଆ ମନୋବୃତ୍ତି ପାଇଁ ଏଠାରେ ସାଧାରଣ ଲୋକଙ୍କ ଜୀବନ ବାଜିରେ ଲାଗିଛି । ବର୍ଷାଦିନରେ ଓହଳି ରହିଥିବା ଗଛଡାଳ କାଟିବା ସହିତ ଅଳିଆ ଆବର୍ଜନା ସଫା କରିବା ଇତ୍ୟାଦିର ନାମ ଧରୁନାହାଁନ୍ତି ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧିକାରୀ। ଯାହାଫଳରେ ଲୋକଙ୍କ ଜୀବନ ବାଜିରେ ଲାଗିଛି। କେବଳ ଖୁଣ୍ଟି ଜଳିଛି ତା ନୁହେଁ ବହୁ ଉପଭୋକ୍ତାଙ୍କ ତାର ମଧ ପୋଡିଯିବା ସହ କେବୁଲ ଓ ଇଣ୍ଟରନେଟ କନେକ୍ସନ ମଧ ବାଧାପ୍ରାପ୍ତ ହୋଇଛି । ନିକଟରେ ଏଠାକାର ସ୍ଥାନୀୟ ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ବାବଦରେ ସମ୍ବାଦ ପ୍ରସାରଣ ହୋଇଥିଲା । କିନ୍ତୁ ଏହା ସବୁ ଜାଣିଶୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବିଦ୍ୟୁତ ବିଭାଗ। ଦେଖଯାଉ ଆଗକୁ ଆଉ କେତେ ଅଘଟଣ ହୋଇ ଲୋକଙ୍କ ଜୀବନ ଗଲାପରେ ଚେତିବ ପ୍ରଶାସନ।

# ବୋଲେରୋ ଓଲଟି ପାଞ୍ଚ ଗୁରୁତର



**ବୈଶିଙ୍ଗା,୧୪।୬ (ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ଓଲଟି ପଡ଼ିଲା ବୋଲେରୋ ଗାଡି । ବୋଲେରୋ ଗାଡ଼ିରେ ଥିବା ପାଞ୍ଚ ଜଣ ବ୍ୟାକ୍ତି ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱରରୁ ବାରିପଦା ଯାଇଥିବା ୧୮ନଂ ଜାତୀୟ ରାଜପଥର ବେତନଟୀ ଛକ ନିକଟରେ ଏହିପରି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗାଡ଼ିରେ ଆଇଓସିଏଲ କମ୍ପାନୀର ପାଞ୍ଚ ଜଣ କର୍ମଚାରୀ ରହିଥିଲେ, ସେମାନଙ୍କ ମଧ୍ୟରୁ ତିନି ଜଣ ଅଣଓଡିଆ ଥିବା ବେଳେ ଅନ୍ୟ ଦୁଇଜଣ ଓଡ଼ିଆ ବ୍ୟକ୍ତି ରହିଥିଲେ। ବାଲେଶ୍ୱରରୁ ବାରିପଦା ଅଭିମୁଖେ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ଜାତୀୟ ରାଜପଥ ରେ ଏକ ଗାଈ ସାମ୍ନାକୁ ଆସିଯିବା ହେତୁ ଗାଡ଼ିଟି ଗାଈକୁ ରକ୍ଷା କରିବାକୁ ଯାଇ ଓଲୋଟି ପଡ଼ିଥିବା କୁହାଯାଇଛି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ବେତନଟୀ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବାରିପଦା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ରାସ୍ତା ଉପରୁ ହଟାଇଛ।

● ଭେଡେନ ପୁଲିସକୁ ବଡ଼ ସଫଳତା

# ମଟର ସାଇକେଲ ଚୋରି ଗ୍ୟାଙ୍ଗର ୬ ଗିରଫ, ୧୪ ଗାଡି ଜବତ



**ଭେଡେନ,୧୪।୬ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ପୁଲିସକୁ ବଡ଼ ସଫଳତା ମିଳିଛି। ଏକ ମଟର ସାଇକେଲ ଚୋରି ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିବା ସହ ୧୪ଟି ଚୋରା ମଟର ସାଇକେଲ ଜବତ ଜବତ କରିଛି। ଏ ନେଇ ଭେଡେନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଦେଇଥିବା ସୂଚନା ମୁତାବକ ଭେଡେନ ପୁଲିସର ଏକ ଟିମ ରେମଣ୍ଡା ଛକ ଠାରେ ଗାଡି ମଟର ଯାଞ୍ଚ କରୁଥିବା ବେଳେ ମଛେନ୍ଦ୍ର ରାଉତିଆ(୨୪) ରେମଣ୍ଡା ଓ ବିକି ସେଟ(୨୪) ବରପାଲି ଏକ ସ୍ପୋର୍ଟ ମଟର ସାଇକେଲରେ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଯାଞ୍ଚ କରିଥିଲା ଓ ତାଙ୍କ ନିକଟରୁ ୧୦ଟି କଫ ସିରପ ଜବତ କରିବା ସହ ଗାଡିର କାଗଜପତ୍ର ମଧ ନଥିବାରୁ ସନ୍ଦେହ କରିଥିଲେ। ସେମାନଙ୍କୁ ଭେଡେନ ଥାନାକୁ ଆଣି ତଦନ୍ତ କରିବାରୁ ଏକ ମଟର ସାଇକେଲ ଚୋରି ଗ୍ୟାଙ୍ଗର ସୁରାକ ମିଳିଥିଲା। ଏହାପରେ ଭେଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ଦୁଇଟି ଟିମ ଗଠନ କରି ବ୍ୟାପକ ତନାଘନା ପରେ ଉଭୟଙ୍କ ସହିତ ସରୋଜ କଲେତ(୨୯), ମଗସିର ମିରିକ(୨୩), ଆକାଶ କୁମ୍ଭାର(୧୯), ଯୋଗେଶ୍ୱର ରାଉତିଆ(୩୭)କୁ ଗିରଫ କରିଛି। ପୁଲିସ ସମସ୍ତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚୋରି ହୋଇଥିବା ସମସ୍ତ ୧୪ ମଟର ସାଇକେଲକୁ ଜବତ କରିଛି।

## ଫେଲ ମାରୁଛି ରାଜ୍ୟ ସରକାରଙ୍କ ଯୋଜନା

# ଦାଦନ ଶ୍ରମିକଙ୍କୁ ମିଳୁନି ଆବାସ ଘର



**ଖପ୍ରାଖୋଲ,୧୪।୬ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକ ଏକ ପଛୁଆ ଅଞ୍ଚଳ ଖପ୍ରାଖୋଲ ବ୍ଲକର ୨୧ ଗୋଟି ପଞ୍ଚାୟତରୁ ପ୍ରତି ବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିଯାଇଥାନ୍ତି। ବାହାର ରାଜ୍ୟରେ କେତେ ଜଣ ଶ୍ରମିକ ଜୀବନ ହରାଉଛନ୍ତି ଏହା ସତ୍ତ୍ୱେ ଖପ୍ରାଖୋଲ ଅଞ୍ଚଳରୁ ଶ୍ରମିକମାନେ ଯାଉଛନ୍ତି। ଏହାର କାରଣ ଖପ୍ରାଖୋଲ ବ୍ଲକର ଅନେକ ଶ୍ରମିକ ସରକାରଙ୍କ ଯୋଜନାରୁ ବଞ୍ଚିତ ରହୁଛନ୍ତି । ଏପରି ଏକ ପରିବାର ଦେଖିବାକୁ ମିଳୁଛି ଖପ୍ରାଖୋଲ ପଞ୍ଚାୟତର ମହୁରୁଣ୍ଡି ଗ୍ରାମରେ।

୨୦ ବର୍ଷ ହେବ ସ୍ୱର୍ଗତ ବାପା ଭାସ୍କର ସାହାଣୀ ଓ ମା' ରାଧେ ସାହାଣୀଙ୍କ ପୁଅ ସୁରେନ୍ଦ୍ର ସାହାଣୀ(୩୨) ଓ ସ୍ତ୍ରୀ ଲକ୍ଷ୍ମୀ ସାହାଣୀ(୩୦)ଙ୍କ ଗୋଟିଏ ଝିଅ ଓ ଦୁଇଟି ପୁଅ ଅଛନ୍ତି । ସରକାରୀ ସହାୟତା ଆବାସ ଘର ଓ ଅନ୍ୟ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏହି ଦାଦନ ଶ୍ରମିକ ପରିବାରର ରହିବା ପାଇ ଘର ନାହିଁ । ଝାଟି ମାଟି ନଡ଼ା ଛପର ଘରେ ବର୍ଷା ମାସରେ ପାଣିରେ ଭିଜି ଭିଜି ରହୁଛନ୍ତି । ଏହି ପରିବାର ଅନେକ ଥର ସରକାରୀ ଯୋଜନା ପାଇଁ ଆବେଦନ କଲେ ମଧ କିଛି ସୁବିଧା ପାଇ ପାରୁନାହାନ୍ତି । ଆବାସ ଘର ଖଣ୍ଡେ ପାଇବା ପାଇଁ ୨୦୨୪ ବର୍ଷରେ ଅନଲାଇନ ଜନଶୁଣାଣି ପୋଟାଲରେ ଘର ସକାଶେ ଅଭିଯୋଗ କରି ଥିଲେ। ଘର ମିଳିଯିବ ବୋଲି ପତ୍ର ପାଇ ଥିଲେ । ହେଲେ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଘର ମିଳି ପାରିନାହିଁ । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଦାଦନ ଶ୍ରମିକର ପରିବାର ଉପକୃତ ହୋଇ ପାରିବେ ।



# ୧୮ରେ ହେବ ସମ୍ବିଧାନ ବଞ୍ଚାଅ ସମାବେଶ

**ଜଗତସିଂହପୁର,୧୪।୬ (ସଂଚାର ବ୍ୟୁରୋ):** ଚଳିତ ମାସ ୧୮ ତାରିଖ ଦିନ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଅଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ,ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୁଷଣ ମଲ୍ଲିକ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସମ୍ବିଧାନ ବଞ୍ଚାଅ ସମାବେଶ କୁ ସଫଳ କରିବାକୁ ରଣନିତୀ ପ୍ରସ୍ତୁତ କରିଥିଲେ। ଏହି ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ପିସିସି ସାଧାରଣ ସମ୍ପାଦକ ତଥା ବିଧାୟକ ଅଶୋକ ଦାସ, ପିସିସି ସାଧାରଣ ସମ୍ପାଦକ ୟାସିର୍ ନବାଜ, ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ଓ ରାଜ୍ୟର ବରିଷ୍ଠ କଂଗ୍ରେସ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଅଛି।

# ଚୋରା ମଦ ବେପାରୀଙ୍କ ଉପରେ ଅବକାରୀ ଥାନାର ଆଙ୍କୁଶ ନାହିଁ

**ବାଲିଆପାଳ,୧୪।୬ (ସଂଚାର ବ୍ୟୁରୋ):** ବାଲିଆପାଳ ଅଞ୍ଚଳରେ ଅତ୍ୟଧିକ ପରିମାଣରେ ବିଦେଶୀ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ପ୍ରତିଦିନ ଚୋରି ସଂଖ୍ୟା ବୃଦ୍ଧି ପାଉଛି। ଯାହାର ମୁଖ୍ୟ କାରଣ ଏ ଅଞ୍ଚଳରେ ନିଶା ସେବନ କାରୀଙ୍କ ସଂଖ୍ୟା ବୃଦ୍ଧି। ଏହି ବ୍ଲକ ରେ ଏବେ ଅତ୍ୟଧିକ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ବିଦେଶୀ ମଦ ପ୍ରତି ଛକ ବଜାରରେ ଚୋରାରେ ମିଳୁଛି। ଅବକାରୀ ବିଭାଗ ଦେଶୀ ମଦ ବିକ୍ରି କାରୀଙ୍କୁ ଧରିବା ସହ ଗାଁ ଗାଁ ରେ ବିଦେଶୀ ମଦ ଦୋକାନୀଙ୍କୁ ମାସିକିଆ ଚୁକ୍ତିରେ ବଟି ନେଇ ନୀରବ ରହୁଛନ୍ତି। ଏଥିପାଇଁ ନୂଆ କରି ଆସିଥିବା ଅବକାରୀ ଅଧିକାରୀ ରୋଜଗାର କରୁଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରୁ ଅନେକ ଯୁବକ ଗଞ୍ଜେଇ, ବ୍ରାଉନ ସୁଗାର, ବିଦେଶୀ ମଦ, ମହୁଲି କାରବାର କରି ନିକଟବର୍ତ୍ତୀ ବ୍ଲକ ଜଳେଶ୍ୱରରେ ଧରା ପଡ଼ୁଥିବା ବେଳେ ବାଲିଆପାଳ ଅବକାରୀ ବିଭାଗ କେବଳ ଚାନ୍ଦା ଆଦାୟ କରିବା ନିମନ୍ତେ ଖୋଲା ଯାଇଛି। ଏନେଇ ସମସ୍ତ ଛକ ବଜାରରେ ଚର୍ଚ୍ଚା ହେଉଛି। ଯେତେବେଳେ ଏଠାରେ ଅବକାରୀ ବିଭାଗ ଥାନା ନଥିଲା ନା ବାଲେଶ୍ୱର ଓ ବସ୍ତା ଅବକାରୀ ବିଭାଗ ଅଧିକାରୀମାନେ ବାରମ୍ବାର ରେଡ କରି ପୁଳା ପୁଳା ଗଞ୍ଜେଇ, ମହୁଲି, ବିଦେଶୀ ମଦ ସିଜ୍ କରୁଥିଲେ। କିନ୍ତୁ ଏଠାରେ ଥାନା ହେବା ପରଠାରୁ କୌଣସି ଗୋଟିଏ ବି ବଡ ସଫଳତା ବାଲିଆପାଳ ଅବକାରୀ ପୋଲିସକୁ କାହିଁକି ମିଳୁନି ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକୃତରେ ବାଲିଆପାଳ ଅବକାରୀ ବିଭାଗ କିଛି ଜାଣିପାରୁ ନାହିଁ ସମସ୍ତେ ଠିକ୍ ଭାବରେ ଡିଲ କରି ଦେଉ ଥିବାରୁ କାହାରିକୁ ନଧରି କେବଳ ଦେଶୀ ମହୁଲି ଜବତ କରାଯାଉଛି। ଯଦି ଆଗାମୀ ଦିନରେ ବାଲିଆପାଳ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରି ଚୁପ୍ ଚାପ ଭିତିରିଆ ଡ଼ିଲରେ ସୀମିତ ରହେ ତେ ଜିଲ୍ଲାପାଳଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ବିଷୟରେ ଅବଗତ ତ କରାଯିବ ବୋଲି ସୂଚନା ଅଧିକାର ଅଭିଯାନ ସଙ୍ଘ ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ସୁବାସ ଚନ୍ଦ୍ର ଚୌଧୁରୀ, ସୁବୋଧ କୁମାର ପାତ୍ର, କାହ୍ନୁ ଚରଣ ପାତ୍ର ପ୍ରମୁଖ କହିଛନ୍ତି।



# ଜୟ ଜଗନ୍ନାଥ ଟ୍ରକ ଆସୋସିଏସନ୍ ପକ୍ଷରୁ ମେଗା ରକ୍ତଦାନ ଶିବିର

**ସୁନ୍ଦରଗଡ,୧୪।୬ (ସଂଚାର ବ୍ୟୁରୋ):** ଜୁନ ୧୪ ତାରିଖ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଅନେକ ସ୍ଥାନରେ ରକ୍ତଦାନର ଗୁରୁତ୍ୱ ବିଷୟରେ ସଚେତନତା ହାସଲ କରିବା ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ କରାଯାଉଛି। ସୁନ୍ଦରଗଡ ଜିଲ୍ଲାରେ ମଧ ଏହି ଅବସରକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯିବା ସହ ସୁନ୍ଦରଗଡ ସ୍ଥିତ ଶିବଶଙ୍କର ମେରେଜ୍ ହଲ ପରିସରରେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ହୋଇଥିଲା ଏକ ବିଶାଳ ରକ୍ତଦାନ ଶିବିର। ଏହି ମେଗା ରକ୍ତଦାନ ଶିବିରରେ ସୁନ୍ଦରଗଡ ସହରରୁ ଶତାଧିକ ରକ୍ତଦାତା ସ୍ୱଇଚ୍ଛାରେ ଆଗକୁ ଆସି, ନିଜର ମୂଲ୍ୟବାନ ରକ୍ତ ଦାନ କରି ମାନବିକତାର ଉଦାହରଣ ସ୍ଥାପନ କରିଛନ୍ତି। ନିଜ ଅମୂଲ୍ୟ ସମୟ ଓ ରକ୍ତ ଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ଉଦ୍ୟମୀମାନେ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍‌ର ଏପରି ଉଦ୍ୟମ ନିଶ୍ଚିତ ଭାବେ ସୁନ୍ଦରଗଡରେ ଥିବା ରକ୍ତ ଅଭାବକୁ ନିଶ୍ଚିତ ଭାବରେ ପୂରଣ କରିବ। ଏହି ଅବସରରେ ସମସ୍ତଙ୍କୁ ଏକଜୁଟ ହୋଇ ଏହି ପବିତ୍ର କାର୍ଯ୍ୟରେ ଅଂଶୀଦାର ହୋଇ ରକ୍ତଦାନ କରିବା ଓ ଜଣେ ଆଉ ଜଣକର ଜୀବନ ବଞ୍ଚାଇବାରେ ସହଯୋଗ କରିବା ପାଇଁ ରକ୍ତଦାତା ମାନେ ଅନୁରୋଧ କରିଛନ୍ତି ।

# ହୃଦଘାତରେ ବ୍ୟବସାୟୀଙ୍କ ମୃତ୍ୟୁ



**ବୈଶିଙ୍ଗା,୧୪।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଛାଞ୍ଚିପଦା ପଞ୍ଚାୟତର ଶାରଦା (ହରିପୁର) ଗ୍ରାମର ପ୍ରଥମ ବିଶିଷ୍ଟ ଗ୍ରୋସେରୀ ବ୍ୟବସାୟୀ କାଳିଚରଣ ନାୟକ(୮୧)ଙ୍କର ଗତ ୬ ତାରିଖ ଶୁକ୍ରବାର ହୃଦଘାତରେ ମୃତ୍ୟୁ ହୋଇଯାଇଛି। କିଛିଦିନ ପୂର୍ବରୁ ତାଙ୍କର ହୃଦଘାତ ଜନିତ ଅସ୍ତ୍ରପ୍ରଚାର ହୋଇଥିଲା। ଜଣେ ପରୋପକାରୀ, ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ। ଜଣେ ବ୍ୟବସାୟୀ ହିସାବରେ ସେ ବେଶ ଜଣାଶୁଣା ଥିଲେ। ତାଙ୍କର ମୃତ୍ୟୁରେ ଶାରଦା, ହରିପୁର, ଅଁଳା ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ତାଙ୍କର ସାନ ଭାଇ ରବୀନ୍ଦ୍ର ଓ ଦୁଇ ପୁଅ ରାମଚନ୍ଦ୍ର, ଲକ୍ଷ୍ମଣ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନ ରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ମୁଖାଗ୍ନି ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଓକିଲ ସଂଘ ସଭାପତିଙ୍କ ଚିଠି

**ବ୍ରହ୍ମପୁର,୧୪।୬ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଆସିକା ସହର ନିକଟସ୍ଥ ନଳବଣ୍ଟା ଗ୍ରାମର ଯୁବକ ମାନଙ୍କ ପାଖରେ ବାଣ ତିଆରି କରିବାର କଳା ଓ କୌଶଳ ରହିଛି। ତେଣୁ ତାକୁ ଆଇନତଃ ସ୍ୱୀକୃତି ଦିଆଯାଉ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଦାବି କରିଛନ୍ତି। ସେ କହିଛନ୍ତି, ଗଞ୍ଜାମ ଜିଲ୍ଲା ଆସିକା ସହର ନିକଟସ୍ଥ ନଳବଣ୍ଟା ଗ୍ରାମର ଆଖପାଖ ଅଞ୍ଚଳର ଲୋକ ମାନଙ୍କ ପାଖରେ ବାଣ ତିଆରି କରିବାର କଳା ଓ କୌଶଳ ଯୁଗଯୁଗ ଧରି ରହିଛି। ଆଇନତଃ ସ୍ୱୀକୃତି ନଥିଲେ ମଧ ସେମାନେ ତାଳପତ୍ର ଫୋଟକା, ବିଜୁଳି ପତ୍ର ଫୋଟକା, ଡବଲ ବିଜୁଳି ଫୋଟକା, ତାଳଚକ୍ର, କୁମ୍ଭି, ମଥାପି, ଆକାଶ ଛତା, ସାପ ବାଣ, ପେପର ସଟ ଓ ଅଭିମନ୍ୟୁ ବିହ୍ୟୁ ଚକ୍ର ବାଣ ଇତ୍ୟାଦି ଲକ୍ଷଲକ୍ଷ ଟଙ୍କାର ଚୋରାରେ ବାଣ ବିକ୍ରି କରି ଦୁଇପଇସା ରୋଜଗାର କରୁଅଛନ୍ତି। ପୁଲିସ ବହୁ ସମୟରେ ବାଣ ଜବତ ମଧ କରୁଛି । ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା କାର୍ଯ୍ୟକ୍ରମରେ ନଳବଣ୍ଟା ଗ୍ରାମ ଆଖପାଖ ଅଞ୍ଚଳର ଲୋକଙ୍କୁ ବାଣ ତିଆରି କରିବାର କଳା ଓ କୌଶଳକୁ ଆଇନତଃ ସ୍ୱୀକୃତି ଦେଇ ଗଞ୍ଜାମ ଜିଲ୍ଲାରେ ଏକ ବାଣ ତିଆରି କାରଖାନା ପ୍ରତିଷ୍ଠା କରାଯାଉ, ଫଳରେ ସ୍ଥାନୀୟ ଲୋକ ଅଧିକା ରୋଜଗାର ପାଇବେ। ବାହାର ରାଜ୍ୟକୁ ଦାଦନ ଖଟିବାକୁ ବହୁ ଯୁବକ ଯିବେ ନାହିଁ । "ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା" ପକ୍ଷ ରୁ ଗଞ୍ଜାମ ଜିଲ୍ଲା ପାଇଁ ଏହା ଏକ ବଡ଼ ଉପହାର ହେବ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟ ୨୦୦୦ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ




**ଦଶରଥପୁର,୧୪।୬ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ୨୦୦୦ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କର ଆଜି ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷକ ଶଶଧର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଚକ୍ରଧର ଓଝା, ଶିକ୍ଷକ ଜଗନ୍ନାଥ ଦାସ, ଶରତ ଚନ୍ଦ୍ର ନାୟକ, ନିରୋଦ କୁମାର ରାୟ, ଦୁର୍ଯୋଧନ ବାରିକ, ନରହରି ମିଶ୍ର, ବ୍ରହ୍ମାନନ୍ଦ ନାୟକ, କ୍ଲର୍କ ସଚ୍ଚିଦାନନ୍ଦ ନାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋଲକ ଚନ୍ଦ୍ର ବାରିକ, ଶରତ ଜେନା ପ୍ରମୁଖ ଯୋଗ ଦେଇଥିବାବେଳେ ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ରୀ ସୋନାଲିକା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ର ନିର୍ମଳ ଯେନା ସ୍ୱାଗତ ଭାଷଣ ଓ ସୁବ୍ରତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟାଳୟକୁ ରଙ୍ଗୀନ କରି ସଜା ଯାଇଥିବା ବେଳେ ଶିକ୍ଷକ ମାନଙ୍କୁ ଫାଟକ ନିକଟରୁ ବାଜା, ବାଣ ଓ ରୋଷଣୀ ମାଧମରେ ଛାତ୍ରଛାତ୍ରୀମାନେ ପାଛୋଟି ଆଣିଥିଲେ। ପ୍ରଥମେ ଦିବଙ୍ଗତ ଶିକ୍ଷକ, ଛାତ୍ର ଛାତ୍ରୀମାନଙ୍କ ଅମର ଆତ୍ମପାଇଁ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ୨୦୦୦ ବ୍ୟାଚ ଛାତ୍ରୀମାନେ ଶିକ୍ଷକ ମାନଙ୍କୁ ପୁଷ୍ପଗୁଛ, ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ୨୦୦୦ ମ୍ୟାଟ୍ରିକ ବ୍ୟାଚର ୧୧୫ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଆଜି ୮୦ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଦୀର୍ଘ ୨୫ବର୍ଷ ପରେ ଆଜି ପରସ୍ପର ସହିତ ଭାବବିନିମୟ କରିଥିଲେ। ୨୦୦୦ମସିହାର ବିଦ୍ୟାଳୟ ଆଜିର ବିଦ୍ୟାଳୟର ରୂପରେଖ ମଧରେ ଆକାଶ ପାତାଳ ପ୍ରଭେଦ ହୋଇସାରିଛି କିନ୍ତୁ ସେ ସମୟର ଗୁରୁ ଶିଷ୍ୟ ସମ୍ପର୍କ ଆଜି କମି କମି ଯାଉଛି ବୋଲି ଉପସ୍ଥିତ ଗୁରୁମାନେ କ୍ଷୋଭ ପ୍ରକାଶ କରିଥିଲେ।ଆଜିର କାର୍ଯ୍ୟକ୍ରମ ପରିଚାଳନା କରିବାରେ ୨୦୦୦ ମ୍ୟାଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ।

# ଅନିୟମିତତା ଘୋଡାଇବାକୁ ବ୍ଲକ କୃଷି ଅଧିକାରୀଙ୍କ କସରତ

● ଅଧା ଅଧୁରା ତଥ୍ୟ ଦେଇ କୃଷି ଅଧିକାରୀ ଚୁପ ● ଅଦାଲତଙ୍କ ଦ୍ୱାରସ୍ଥ ହେବେ ସୂଚନାଅଧିକାର କର୍ମୀ




**ବିଞ୍ଝାରପୁର,୧୪।୬ (ସଂଚାର ବ୍ୟୁରୋ):** ଚାଷୀଙ୍କୁ ଚାଷ କାର୍ଯ୍ୟରେ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସହାୟତା ରାଶି କୁହନ୍ତୁ କିମ୍ବା ମାଗଣାରେ ବିହନ ବଣ୍ଟନ ସବୁଠି ମିଳୁଛି ଚାଷୀ ମାନଙ୍କୁ ପ୍ରୋତ୍ସାହନ।କିନ୍ତୁ ଏହି ସବୁ ସରକାରୀ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଆଗରୁ ବାଟ ବଣା ହୋଇଥିବା ଅଭିଯୋଗ ଆସିଛି। ବିଂଝାରପୁର ବ୍ଲକରେ ଯୋଗ୍ୟଙ୍କ ପରିବର୍ତ୍ତେ ଅଯୋଗ୍ୟଙ୍କୁ ମୁଗ ବିହନ ବଣ୍ଟନ ଅଭିଯୋଗ ଆସିବା ପରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଦେବାକୁ ବ୍ଲକ କୃଷି ଅଧିକାରୀ ମନ ବଳାଉ ନଥିବା ଅଭିଯୋଗ ଆସିଛି।

ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକରେ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଚାଷୀ ମାନଙ୍କୁ ମୁଗ ବଣ୍ଟନ କରାଯାଇଥିଲା। ତେବେ ଏହି ବଣ୍ଟନରେ ବ୍ୟାପକ ଅନିୟମିତତା କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। ଏ ନେଇ ଗଣମାଧମରେ ଖବର ମଧ ପ୍ରସାରଣ ହୋଇଥିଲା। ଯୋଗ୍ୟଙ୍କ ପରିବର୍ତ୍ତେ ଅଯୋଗ୍ୟ ଏବଂ ବିନା କୃଷକ ଓଡ଼ିଶା ଆଇ ଡିରେ ମୁଗ ବିହନ ବଣ୍ଟନ କରାଯାଇଥିବା ଅଭିଯୋଗ ଆସିଥିଲା। ତେବେ ବ୍ଲକରେ କେଉଁ ହିତାଧୀକାରୀମାନେ ମୁଗ ବିହନ ପାଇଲେ ତାଙ୍କ ଜମି ପ୍ଲଟ ନମ୍ବର, କେତେ ଚାଷୀଙ୍କୁ ମୁଗ ବଣ୍ଟନ କରାଗଲା ଏବଂ କେଉଁ ଯୋଗ୍ୟତା ମାନଦଣ୍ଡ ଅନୁସାରେ, କେଉଁ ପଞ୍ଚାୟତରେ ମୁଗ ବଣ୍ଟନ କାହିଁକି କରାଗଲା ନାହିଁ ଏବଂ କେଉଁ ଏନ୍‌ଜିଓଙ୍କୁ ମୁଗ ବଣ୍ଟନ ଦାୟିତ୍ୱ କରାଯାଇଥିଲା ଏବଂ ଅନ୍ୟ କିଛି ତଥ୍ୟ ଜିଲ୍ଲା କୃଷି କାର୍ଯ୍ୟଳୟରୁ ସୂଚନା ଅଧିକାର ଆଇନ ବଳରେ ସାମାଜିକ କର୍ମୀ ପାର୍ଥସାରଥୀ ବାରିକ ଜାଣିବାକୁ ଚାହିଁଥିଲେ। କିନ୍ତୁ ତଥ୍ୟ ପ୍ରଦାନ କରିବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଥିଲେ ବ୍ଲକ୍ କୃଷୀ ଅଧିକାରୀ।

ବିଞ୍ଝାରପୁର ବ୍ଲକରେ ୨୯ଟି ପଞ୍ଚାୟତରୁ ୨୧ଟି ପଞ୍ଚାୟତରେ ମୁଗ ବିହନ କରାଯାଇଥିଲେ ହେଁ ବାକି ୯ଟିରେ କାହିଁକି ବଣ୍ଟନ କରାଯାଇ ନାହିଁ ସେ ତଥ୍ୟ ଦେବାକୁ ବ୍ଲକ କୃଷି ଅଧିକାରୀ ମନ ବଳାଉ ନଥିବା ଅଭିଯୋଗ ଆସିଛି। ମୁଗ ବିହନ ବଣ୍ଟନରେ ହୋଇଥିବା ଅନିୟମିତତା ଘୋଡାଇବାକୁ ବ୍ଲକ କୃଷି ଅଧିକାରୀଙ୍କ କଷରତ କରୁଥିବା କୁହାଯାଉଛି। ଖାଲି ସେତିକି ନୁହଁ ସଂପୃକ୍ତ ମୁଗ ବିହନ ବଣ୍ଟନ ଏନ୍‌ଜିଓକୁ ବ୍ଲକ କୃଷି ଅଧିକାରୀ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି। ତେବେ ଏ ନେଇ ସଂପୃକ୍ତ ଏନ୍‌ଜିଓ ଏବଂ ବ୍ଲକ କୃଷି ଅଧିକାରୀ ଜ୍ଞାନ ପ୍ରକାଶ ସାହୁଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ଅଧା ଅଧୁରା ତଥ୍ୟ ପ୍ରଦାନ ବିରୋଧରେ ଲୋକ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ସାମାଜିକ କର୍ମୀ ପାର୍ଥସାରଥୀ ବାରିକ ସୂଚନା ଦେଇଛନ୍ତି।

# ରଜ ମହୋତ୍ସବ-୨୦୨୫ ଉଦଘାଟିତ



**ଫୁଲବାଣୀ,୧୪।୬ (ସଂଚାର ବ୍ୟୁରୋ):** ଶୁକ୍ରବାର ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ଠାରେ ଜୁନ ୧୩ରୁ ୧୫ ରବିବାର ଯାଏ ଦୀର୍ଘ ତିନି ଦିନ ବ୍ୟାପୀ କନ୍ଧ ମାଳ ରଜ ମହୋତ୍ସବ ୨୦୨୫ ଉଦଘାଟିତ ହୋଇଛି।

ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ସନ୍ତଷ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରଜ ମହୋତ୍ସବ ପରିଚାଳନା କମିଟି ଅଧକ୍ଷ ସୁନୀଲ ପଟ୍ଟନାୟକ, କାର୍ଯ୍ୟକାରୀ ଅଧକ୍ଷ ରାଧାମୋହନ ମହାପାତ୍ର, ଉପସଭାପତି ମହମ୍ମଦ ଚିସ୍ତୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ସମାଜସେବୀ ତଥା କୋଷାଧକ୍ଷ ପ୍ରଶନ୍ନ କୁମାର ସ୍ୱାଇଁ, ଦିଲ୍ଲୀପ ମହାପାତ୍ର , ନୀଳ ମାଧବ ମିଶ୍ର, ଶୁଭ ଲକ୍ଷ୍ମୀ, ଅନିତା ପଟ୍ଟନାୟକ,ମୁସ୍କାନ୍ ସୁଆର, ଶୁଭ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ୭ରୁ ୧୫ବର୍ଷ ମଧରେ ନୃତ୍ୟ ଓ ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥଲା। ପହିଲି ରଜରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନଟରାଜ କଳା ମନ୍ଦିର ନୃତ୍ୟ ପରିବେଷଣ କରିଥିଲେ। ୧୪ତାରିଖ ଦିନ ରଜ କୁଇନ୍ ଓ ମିସେସ୍ କନ୍ଧମାଳ ପ୍ରତିଯୋଗୀତା ଓ ୧୫ତାରିଖରେ ମହିଳମାନଙ୍କ ମଧରେ ପିଠା ଓ ମିଠା ପ୍ରତିଯୋଗୀତା ହେବ। ସମସ୍ତ ବିଜେତାମାନଙ୍କୁ ୧୫ତାରିଖ ସନ୍ଧ୍ୟାରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ।

SANCHAR
ସଂଚାର ରବିବାର ୧୫ ଜୁନ୍ ୨୦୨୫

# ନାରୀ





କ୍ୟାର୍‌ଲିନ୍ ଏଲିଜାବେଥ୍ ସାରା ନର୍ଟନ୍ ୧୮୦୮ ମସିହା ମାର୍ଚ୍ଚ ୨୨ ତାରିଖ ଦିନ ଇଂଲଣ୍ଡର ଏକ ଆଭିଜାତ୍ୟ ସଂପନ୍ନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଏକାଧାରରେ ଜଣେ ଅଭିନେତା, ସୈନ୍ୟ ଓ ଔପନିବେଶିକ ପ୍ରଶାସକ ଥିଲେ ଏବଂ ୧୮୧୭ ମସିହାରେ ଦକ୍ଷିଣ ଆଫ୍ରିକାରେ କଲୋନିଆଲ୍ ସେକ୍ରେଟାରି ଭାବରେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କରିଥିଲେ। ବାପାଙ୍କ ମୃତ୍ୟୁପରେ ଭୀଷଣ ଆର୍ଥିକ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଥିବା ତାଙ୍କ ପରିବାର ଜେଜେବାପାଙ୍କର ଜଣେ ବନ୍ଧୁଙ୍କ ସହଯୋଗ ଫଳରେ ଚଳୁଥିଲେ। କ୍ୟାରଲିନ୍‌ଙ୍କର ଦୁଇ ଭଉଣୀଙ୍କ ବିବାହ ତତ୍କାଳୀନ ଦୁଇ ବିଖ୍ୟାତ ବ୍ୟକ୍ତିଙ୍କ ସହ ହୋଇଥିଲା ଏବଂ ୧୮୨୭ ମସିହାରେ ୧୯ବର୍ଷ ବୟସରେ ଇଚ୍ଛା ବିରୋଧରେ କ୍ୟାର୍‌ଲିନ୍‌ଙ୍କ ବିବାହ ଜର୍ଜ ଚାପେଲ୍ ନର୍ଟନ୍‌ଙ୍କ ସହ ହୋଇଥିଲା। ଜର୍ଜ ଜଣେ ବାରିଷ୍ଟର ତଥା

**କ୍ୟାର୍‌ଲିନ୍‌ଙ୍କୁ ଇଂଲଣ୍ଡର ପ୍ରଥମ ନାରୀବାଦୀ ଆଇନ ନିର୍ମାତା କୁହାଯାଏ। ଏକବିଂଶ ଶତାବ୍ଦୀ କ୍ୟାର୍‌ଲିନ୍‌ଙ୍କୁ ଭୁଲି ଯାଇଥିଲେ ମଧ୍ୟ ତାଙ୍କ ଜୀବନ ଯୁଦ୍ଧରେ ଏକକ ସଂଗ୍ରାମର ଫଳସ୍ୱରୂପ ଯେଉଁ ଆଇନସବୁ ଗୃହୀତ ହୋଇଥିଲା ତାହା ନାରୀମାନଙ୍କର ଆଇନ ସୁରକ୍ଷା କ୍ଷେତ୍ରରେ ଯେ ଐତିହାସିକ ବିଜୟ ତାହା ଅନସ୍ୱୀକାର୍ଯ୍ୟ**

## ନାରୀ ଅସ୍ମିତାର ଲଢ଼େଇରେ ଜୟୀ:

# କ୍ୟାର୍‌ଲିନ୍

ଗିଲଫୋର୍ଡ ପାର୍ଲିଆମେଣ୍ଟର ସଦସ୍ୟ ଥିଲେ। କ୍ୟାର୍‌ଲିନ୍‌ଙ୍କ ବୈବାହିକ ଜୀବନରେ ସୁଖ ନ ଥିଲା। ବାରିଷ୍ଟର ଭାବରେ ଅସଫଳତା ତାଙ୍କ ସ୍ୱାମୀଙ୍କୁ ଅଧିକ ହିଂସ୍ର କରିଦେଇଥିଲା। ନିଶାଗ୍ରସ୍ତ ଅବସ୍ଥାରେ ପ୍ରତିଦିନ ଘରକୁ ଫେରିବା ପରେ କ୍ୟାର୍‌ଲିନ୍‌ଙ୍କୁ ପ୍ରଚୁର ମାରପିଟ୍ କରୁଥିଲେ। ଅପରପକ୍ଷରେ କ୍ୟାର୍‌ଲିନ୍ ତାଙ୍କର ସୌନ୍ଦର୍ଯ୍ୟ, ଯୋଗ୍ୟତା ଓ ରାଜନୈତିକ ଯୋଗାଯୋଗକୁ କାମରେ ଲଗାଇ ସମାଜର ସମ୍ଭ୍ରାନ୍ତ ଶ୍ରେଣୀରେ ନିଜକୁ ପ୍ରତିଷ୍ଠିତ କରିଥିଲେ। କ୍ୟାର୍‌ଲିନ୍‌ଙ୍କ ଉଦାର ମାନସିକତା, ସୁନ୍ଦର କଥାବାର୍ତ୍ତା, ଲୋକଙ୍କ ସହିତ ମିଳାମିଶା ଫଳରେ ଊନବିଂଶ ଶତକର ଏଲିଟ୍ ସୋସାଇଟିରେ ଯେମିତି ତାଙ୍କର ଅନେକ ବନ୍ଧୁ ହୋଇଥିଲେ ଠିକ୍ ସେହିପରି ଅନେକ ଶତ୍ରୁ ମଧ୍ୟ ସୃଷ୍ଟି ହୋଇଥିଲେ। ସେହି ଶତ୍ରୁମାନଙ୍କ ଭିତରେ ତାଙ୍କ ସ୍ୱାମୀ ମଧ୍ୟ ଥିଲେ।

ସ୍ୱାମୀଙ୍କ ଅତ୍ୟାଚାର ଓ ଦୁଃଖକୁ ଭୁଲିବା ପାଇଁ କ୍ୟାର୍‌ଲିନ୍ ଲେଖାଲେଖିରେ ନିଜକୁ ବୁଡ଼ାଇ ରଖୁଥିଲେ। ୧୮୨୯ ମସିହାରେ ତାଙ୍କର ଦି ସରୋଜ୍ ଅଫ୍ ରୋଜେଲି ପୁସ୍ତକ ଏବଂ ୧୮୩୦ ମସିହାରେ ଦି ଅନ୍‌ଡାଇଙ୍ଗ୍ ୱାନ୍ ପୁସ୍ତକ ପ୍ରକାଶ ପାଇଥିଲା। ଏହାପରେ ସେ ଲା ବେଲ୍ ଆସେମ୍ବଲ୍ ଓ କୋର୍ଟ ମାଗାଜିନ୍‌ର ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। କ୍ୟାର୍‌ଲିନ୍‌ଙ୍କ ରାଜନୈତିକ ଯୋଗାଯୋଗକୁ ଅବଲମ୍ବନ କରି ଜର୍ଜ ୧୮୩୧ ମସିହାରେ ମେଟ୍ରୋପଲିଟାନ୍ ପୁଲିସ ମାଜିଷ୍ଟ୍ରେଟ୍ ହୋଇଥିଲେ ଅଥଚ ସ୍ତ୍ରୀଙ୍କ ପ୍ରତି ତାଙ୍କର ଅତ୍ୟାଚାର ଆଦୌ କମ୍ ହୋଇନଥିଲା। କ୍ୟାର୍‌ଲିନ୍ ୪ଟି ସନ୍ତାନର ଜନନୀ ହୋଇଥିଲେ। ସ୍ୱାମୀଙ୍କ ଅପମାନ, ଅତ୍ୟାଚାର ସହ୍ୟ କରି ନପାରି ସେ ୧୮୩୬ ମସିହାରେ ଜର୍ଜଙ୍କୁ ତ୍ୟାଗକରି ଚାରି ପୁତ୍ରଙ୍କୁ ସାଥିରେ ନେଇ ଅଲଗା ରହିଲେ। ସନ୍ତାନମାନଙ୍କର ଭରଣପୋଷଣ ପାଇଁ କ୍ୟାର୍‌ଲିନ୍ ଲେଖାକୁ ପେସା କଲେ। କିନ୍ତୁ ତତ୍କାଳୀନ ବ୍ରିଟିସ୍ ଆଇନ ଅନୁସାରେ ସ୍ତ୍ରୀ ଉପାର୍ଜନରେ ସ୍ୱାମୀର ହିଁ ଅଧିକାର ଅଛି ବୋଲି କ୍ୟାର୍‌ଲିନ୍‌ଙ୍କ ସମସ୍ତ ଉପାର୍ଜନ ଜର୍ଜ ଛଡ଼ାଇ ନେଉଥିଲେ। କେବଳ ସେତିକି ନୁହେଁ ତତ୍କାଳୀନ ବ୍ରିଟିସ୍ ଆଇନ ବଳରେ ଜର୍ଜ କ୍ୟାର୍‌ଲିନ୍‌ଙ୍କ ଚାରି ପୁତ୍ରଙ୍କୁ ମଧ୍ୟ ଛଡ଼ାଇ ନେଇଥିଲେ। କ୍ୟାର୍‌ଲିନ୍ ଯେମିତି ପୁଅମାନଙ୍କ ସହିତ ସାକ୍ଷାତ କରି ନପାରିବେ, ସେଥିପାଇଁ ପୁଅମାନଙ୍କୁ ଜର୍ଜ ୟାର୍କଶାୟାରକୁ ପଠାଇ ଦେଇଥିଲେ। ଏହାପରେ ଜର୍ଜ କ୍ୟାର୍‌ଲିନ୍‌ଙ୍କ ବିରୋଧରେ ବ୍ୟଭିଚାରର ଅଭିଯୋଗ କରି ଅଦାଲତରେ ମାମଲା ଦାୟର କରିଥିଲେ। ଯୁଗେ ଯୁଗେ ନାରୀକୁ ଅପମାନିତ କରିବାର ସହଜତମ ଉପାୟ ହେଉଛି ନାରୀର ଚରିତ୍ର ସଂହାର, ଜର୍ଜ ମଧ୍ୟ ସେହି ଉପାୟକୁ ଆପଣେଇ ନେଇଥିଲେ। ସେ ତାଙ୍କର ଅଭିଯୋଗରେ ଦର୍ଶାଇଥିଲେ ଯେ, କ୍ୟାର୍‌ଲିନ୍ ତାଙ୍କର ବନ୍ଧୁ, Whigର ପ୍ରଧାନମନ୍ତ୍ରୀ ଲର୍ଡ ମେଲ୍‌ବର୍ଣ୍ଣଙ୍କ ସହିତ ଅନୈତିକ ସମ୍ପର୍କରେ ଜଡ଼ିତ। ତେଣୁ କ୍ଷତିପୂରଣ ସ୍ୱରୂପ ମେଲ୍‌ବର୍ଣ୍ଣ ତାଙ୍କୁ ଦଶହଜାର ଡଲାର୍ ପ୍ରଦାନ କରିବାକୁ ଅଦାଲତ ଆଦେଶ ଦିଅନ୍ତୁ। ଏହି ମାମଲା ଫଳରେ କ୍ୟାର୍‌ଲିନ୍ ଓ ମେଲ୍‌ବର୍ଣ୍ଣଙ୍କର ଯଥେଷ୍ଟ ଦୁର୍ନାମ ହୋଇଥିଲା। କ୍ୟାର୍‌ଲିନ୍ ଓ ମେଲ୍‌ବର୍ଣ୍ଣଙ୍କର ବନ୍ଧୁତା ମଧ୍ୟ ଭାଙ୍ଗିଗଲା। ଅବଶ୍ୟ ବିଚାରରେ କ୍ୟାର୍‌ଲିନ୍ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ପରାଜିତ ଜର୍ଜ ଅଧିକ ହିଂସ୍ର ହୋଇ ପଡ଼ିଥିଲେ। ୧୮୩୬ ମସିହା ପର୍ଯ୍ୟନ୍ତ ବ୍ରିଟିସ୍ ଆଇନ ଅନୁଯାୟୀ ସନ୍ତାନମାନଙ୍କ ଉପରେ ମା'ର କୌଣସି ଅଧିକାର ନଥିଲା ଏବଂ ସ୍ତ୍ରୀ ସ୍ୱାମୀ ବିରୋଧରେ ବିବାହ ବିଚ୍ଛେଦ ପାଇଁ ଅଧିକାର ପାଇ ପାରୁନଥିଲେ। ତେଣୁ ଆଇନର ଆଳରେ ଜର୍ଜ କ୍ୟାର୍‌ଲିନ୍‌ଙ୍କଠାରୁ ତାଙ୍କର ସନ୍ତାନମାନଙ୍କୁ ଦୂରେଇ ରଖିବାକୁ ସକ୍ଷମ ହୋଇଥିଲେ।

କ୍ୟାର୍‌ଲିନ୍‌ଙ୍କ ସାନପୁଅ ଉଇଲିୟମ୍ ଘୋଡ଼ା ଉପରୁ ପଡ଼ି ଆହତ ହୋଇଥିଲେ ଏବଂ ଉପଯୁକ୍ତ ଚିକିତ୍ସା ଅଭାବରୁ ଆଘାତ ସ୍ଥାନରେ ବ୍ଲଡ୍ ପଏଜନିଂ ହୋଇ ତାଙ୍କର ମୃତ୍ୟୁ ହେଇଥିଲା। ସାନ ପୁଅର ମୃତ୍ୟୁପରେ ତାଙ୍କ ସହିବାର ସୀମା ଅତିକ୍ରମ ହୋଇଗଲା। ସେ ପ୍ରଥମେ ସମାଜର ଶିକ୍ଷିତ ବର୍ଗଙ୍କ ନିକଟରେ ଜଣେ ଦୁଃଖିନୀ ମା'ର ପ୍ରତିଭୂସ୍ୱରୂପ ଆବେଦନ ଜଣାଇଲେ ଏକ ପାମ୍ଫଲେଟ୍ ମାଧ୍ୟମରେ। ତାଙ୍କର ପ୍ରଥମ ପାମ୍ଫଲେଟ୍ ୧୮୩୭ ମସିହାରେ Observation on the Natural Claims of a Mother to the Custody her Children as Affected by Common Law Right of the father ଶୀର୍ଷକରେ ପ୍ରକାଶ ପାଇଥିଲା। ଏଥିରେ ସେ ଆହୁରି ମଧ୍ୟ ଲେଖିଥିଲେ ଯେ, ଅନ୍ତତଃ ୭ବର୍ଷ ବୟସ ଯାଏ ଶିଶୁମାନେ ମା' ପାଖରେ ରହିବା ଉଚିତ। ଏହାପରେ ସନ୍ତାନମାନେ କାହା ପାଖରେ ରହିବେ ତାହା ମାନ୍ୟବର ଅଦାଲତ ସ୍ଥିର କରିବେ। କ୍ୟାର୍‌ଲିନ୍‌ଙ୍କର ଦ୍ୱିତୀୟ ପାମ୍ଫଲେଟ୍‌ର ଶୀର୍ଷକ ଥିଲା- The separation of mother and child by the Law of Custody of Infant। ଏହିପରି ଭାବରେ ଲଗାତାର ସ୍ୱାମୀଙ୍କ ଦ୍ୱାରା ନିର୍ଯାତନାର କାହାଣୀ ସେ ଜନସାଧାରଣଙ୍କୁ ଜଣାଇବାକୁ ଲାଗିଲେ। ୧୮୩୭ ମସିହା, ତଥାପି ପୃଥିବୀର ସଭ୍ୟ ଜାତି ଭାବରେ ପରିଚିତ ବ୍ରିଟିସ୍ ଆଇନର କ୍ଷମତା ନଥିଲା ଯେ, ଯଦି ସ୍ତ୍ରୀ ସ୍ୱାମୀ ଦ୍ୱାରା ଅତ୍ୟାଚାରିତା କିମ୍ବା ବିତାଡ଼ିତା ହୁଏ, ମା' ତା'ର ସନ୍ତାନମାନଙ୍କୁ ଦେଖା କରିପାରିବେ। ବ୍ରିଟିସ୍ ଆଇନର ଏହି ଦୁର୍ବଳତା ସମ୍ପର୍କରେ ସେ ଦୃଢ଼ ଭାବରେ ଲେଖିଥିଲେ- ବ୍ରିଟିସ୍ ଆଇନ ମା'ମାନଙ୍କ ଅପେକ୍ଷା ବାପାମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରିଛି। ଏହି ଆଇନର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ। ଏହିପରି ଭାବେ କ୍ୟାର୍‌ଲିନ୍ ନିଜର ଲେଖା ମାଧ୍ୟମରେ ଏକା ଏକା ସଂଗ୍ରାମ ଜାରି ରଖିଥିଲେ। ଧୀରେ ଧୀରେ ତାଙ୍କର ଏହି ଆନ୍ଦୋଳନକୁ ତାଙ୍କ ବନ୍ଧୁମାନେ ସମର୍ଥନ ଦେବା ଆରମ୍ଭ କରିଦେଲେ। ଶେଷରେ କ୍ୟାର୍‌ଲିନ୍ ବିଜୟ ହାସଲ କରିଥିଲେ ଏବଂ ବ୍ରିଟିସ୍ ପାର୍ଲିଆମେଣ୍ଟର ଉଭୟ ହାଉସ୍‌ରେ Infant Custody Bill ଗୃହୀତ ହେଲା ଏବଂ ୧୮୩୯ ମସିହାରେ ଆଇନ ହିସାବରେ କାର୍ଯ୍ୟକାରୀ ହୋଇଥିଲା।

କ୍ୟାର୍‌ଲିନ୍‌ଙ୍କ ଅନବରତ ଆନ୍ଦୋଳନ ଫଳରେ ବ୍ରିଟିସ୍ ପାର୍ଲିଆମେଣ୍ଟରେ ମହିଳାମାନଙ୍କ ପାଇଁ ଆହୁରି ନୂତନ ଆଇନ ପ୍ରଣୟନ କରାଗଲା- Married woman could inherit and bequeath property! ଏହାଫଳରେ ନାରୀମାନେ ଆର୍ଥିକ ନିରାପତ୍ତା ପାଇବା ସହିତ ଅତ୍ୟାଚାରିତା ସ୍ତ୍ରୀମାନଙ୍କୁ ସ୍ୱାମୀଙ୍କ ବିରୋଧରେ ମାମଲା ଦାୟର କରିବାର ଅଧିକାର ମଧ୍ୟ ଦିଆଗଲା। କିନ୍ତୁ ଦୁଃଖର ବିଷୟ ଯେ, ଏକଦା କ୍ୟାର୍‌ଲିନ୍‌ଙ୍କ ବନ୍ଧୁ Whigର ପ୍ରଧାନମନ୍ତ୍ରୀ ମେଲ୍‌ବର୍ଣ୍ଣ ଓ ରାଣୀ ଭିକ୍ଟୋରିଆ ଏହି ଆନ୍ଦୋଳନ ବିରୋଧରେ ଥିଲେ। ଏପରିକି ରାଣୀ ଭିକ୍ଟୋରିଆ ନାରୀମାନଙ୍କର ଭୋଟ ଦାନର ଅଧିକାର ବିରୋଧରେ ମଧ୍ୟ ଥିଲେ।

କ୍ୟାର୍‌ଲିନ୍‌ଙ୍କ ଆନ୍ଦୋଳନ ଫଳରେ ଏହି ନୂତନ ଆଇନଗୁଡ଼ିକ ବ୍ରିଟିସ୍ ଆଇନ ଅନ୍ତର୍ଭୁକ୍ତ ହୋଇଥିଲା। ୧୮୫୭ ମସିହାରେ ଇଂଲଣ୍ଡରେ Marriage and Divorce Act , ୧୮୭୦ ମସିହାରେ The Married Woman Property Act ଗୃହୀତ ହୋଇଥିଲା। କ୍ୟାର୍‌ଲିନ୍ କେବଳ ନାରୀମାନଙ୍କ ଅଧିକାର ପାଇଁ ଆନ୍ଦୋଳନ କରିନଥିଲେ, ସେ ବ୍ରିଟିସ ସରକାରଙ୍କ ଶିଶୁଶ୍ରମ ଆଇନ ବିରୋଧରେ ମଧ୍ୟ ପ୍ରତିବାଦ ଜଣାଇଥିଲେ। ଶିଶୁ ଶ୍ରମିକମାନଙ୍କର ସମସ୍ୟା ସମ୍ପର୍କରେ ୧୮୩୬ ମସିହାରେ ତାଙ୍କ ରଚିତ Voice from the Factories ପୁସ୍ତକଟି ପ୍ରକାଶ ପାଇଥିଲା। ୧୮୭୭ ମସିହା ଜୁନ୍ ମାସ ୧୫ ତାରିଖ ଦିନ କ୍ୟାର୍‌ଲିନ୍‌ଙ୍କ ମୃତ୍ୟୁ ହୋଇଥିଲା।

---

# ନାରୀଙ୍କୁ ମନା କେଶ କାଟିବା



ନିଜ କେଶକୁ ନାନା ପ୍ରକାରରେ ସଜାଇବା, ଇଚ୍ଛା ମୁତାବକ କାଟି ଭିନ୍ନ ଭିନ୍ନ ରୂପ ଦେବାକୁ ସବୁ ନାରୀ ଭଲ ପାଆନ୍ତି। ହେଲେ ଏମିତି ଏକ ସମ୍ପ୍ରଦାୟ ଅଛି ଯାହାର ଧାର୍ମିକ ନୀତି ନିୟମ ଏତେ କଠୋର ଯେ, ଆଜିକା ଯୁଗରେ ବି ନାରୀଙ୍କୁ ଆଜୀବନ କେଶ କାଟିବା ସହ ଶରୀରର ଚୁଟି ସେଭିଂ କରିବା ମଧ୍ୟ ମନା। ଏମାନେ ହେଉଛନ୍ତି ଏନାବାପ୍ଟିଜିମ୍ ଖ୍ରୀଷ୍ଟିୟାନ୍ ଚର୍ଚ୍ଚ ସହ ଜଡ଼ିତ ଅମିସ୍ ସମ୍ପ୍ରଦାୟ। ସମୟ ବଦଳିଛି ହେଲେ ଏଠାକାର ନିୟମ ପୂର୍ବରୁ ଯେମିତି ଥିଲା ଏବେ ବି ସେମିତି ଅଛି।

ଏଠାକାର ମହିଳାମାନେ ବିବ୍‌ଲିକାଲ୍ ନିୟମ ପାଳନ କରନ୍ତି, ଯେଉଁ ନିୟମାନୁସାରେ ସେମାନେ କେବେ ବି କେଶ କାଟିପାରିବେ ନାହିଁ। ତା'ସହ ସବୁବେଳେ ଖୋସା କରି ରହିବେ ଓ ଖୋସା ଉପରେ କପଡ଼ା ଘୋଡ଼ାଇ ରଖିବେ। ଏହି ସମ୍ପ୍ରଦାୟର ମହିଳାଙ୍କୁ କେବଳ ଘରେ କେଶ ଖୋଲିବାର ଅନୁମତି ଥାଏ। ଏଠାକାର ନିୟମାନୁସାରେ ମହିଳାଙ୍କୁ ଶରୀରର କେଶ ସେଭିଂ କରିବା ବି ମନା। ସେଥିପାଇଁ ମହିଳାମାନେ ଲଙ୍ଗ୍ ସ୍ଲିଭ୍ ସହ ପାଦ ପର୍ଯ୍ୟନ୍ତ ଲମ୍ବା ଡ୍ରେସ୍ ପିନ୍ଧନ୍ତି। ସେହି ଡ୍ରେସ୍ ପ୍ଲେନ୍ ଫେବ୍ରିକ୍‌ର ହେବା ମଧ୍ୟ ଜରୁରି। ସେଥିରେ କୌଣସି ପ୍ୟାଟର୍ନ ରହିବ ନାହିଁ। ପ୍ରାୟତଃ ଲାଭେଣ୍ଡର୍ ଓ ବ୍ଲୁ ରଙ୍ଗର କ୍ରେପ୍ ଡ୍ରେସ୍ ସେମାନେ ପିନ୍ଧନ୍ତି। ତେଣୁ ସବୁ ମହିଳାଙ୍କର ପୋଷାକ ଏକାପରି ହୋଇଥାଏ। ଆଉ ପାଦରେ ଗାଢ଼ ରଙ୍ଗର ମୋଜା ପିନ୍ଧନ୍ତି। ତେବେ ସମୟ ବଦଳିବା ସହ ଏହିସବୁ କଠୋର ନିୟମରେ କିଛିଟା ପରିବର୍ତ୍ତନ ଆସିଛି। ଆଜିକାଲି ଏଠାକାର ମହିଳା ଚାହିଲେ ଶରୀରର କେଶ ସେଭ୍ କରିପାରିବେ। ଆଉ ଯେଉଁମାନଙ୍କ ମୁଣ୍ଡର କେଶ ବହୁତ ମୋଟା ସେମାନେ ହେୟାର୍ ଥିନିଂ ପାନିଆ ବ୍ୟବହାର କରିପାରିବେ ଯେମିତିକି ସେମାନଙ୍କ ଖୋସା ଟିକେ ହାଲ୍‌କା ହେବ। ତେବେ ଆଜିବି ଏହି ସମ୍ପ୍ରଦାୟର ମହିଳା କେବଳ ଘରକାମ ଓ ପିଲାଙ୍କ ଯତ୍ନ ନେବାରେ ନିୟୋଜିତ ହୁଅନ୍ତି। ଆମେରିକା, କାନାଡାରେ ଏହି ସମ୍ପ୍ରଦାୟ ବେଶି ଦେଖିବାକୁ ମିଳନ୍ତି।

---



# ଦଉଡ଼ିରେ ବନ୍ଧା ମଞ୍ଜୁ ଭବିଷ୍ୟତ

ନାଁ ତା'ର ମଞ୍ଜୁ, ବୟସ ୨୬ ବର୍ଷ। ଘର ଛତିଶଗଡ଼ ଜିଲ୍ଲାର ରାୟଗଡ଼। ବାପାମାଆ କେହି ନାହାନ୍ତି। ବିବାହ ପରେ ସ୍ୱାମୀ ମଧ୍ୟ ହାତ ଛାଡ଼ି ପଳାଇଲା। ଏବେ ସ୍ୱାମୀ ପରିତ୍ୟକ୍ତାର ଆଖ୍ୟା ନେଇ ବଞ୍ଚୁଛି ମଞ୍ଜୁ, କୋଳରେ ୨ବର୍ଷର ଝିଅ ମହକକୁ ଧରି। ସ୍ୱାମୀ ଛାଡ଼ିଗଲା ପରେ ନିଜ ସାନ ଭଉଣୀ ୧୫ ବର୍ଷ ବୟସ୍କା ଅଞ୍ଜୁକୁ ପାଖରେ ରଖି ଭରଣପୋଷଣ କରୁଛି। ମଞ୍ଜୁ ନିଜେ ଛୋଟବେଳୁ ତା' ପରିବାରରେ ଏମିତି ଦଉଡ଼ି ଉପରେ ଚାଲିବା ଭଳି ବିପଜ୍ଜନକ ଖେଳ ଦେଖାଉଥିଲା। ନିଜ ଜୀବନ ପ୍ରତି ବିପଦକୁ ଖାତିର ନ କରି ମଞ୍ଜୁ ଖେଳ ଦେଖାଇ ଦି' ପଇସା ଯୋଗାଡ଼ କରିବାରେ ଲାଗିପଡ଼େ। ଏଥିରେ ତାକୁ ସାହସ ଦିଏ ଅଞ୍ଜୁ। ମାଟିଠାରୁ ୧୧ଫୁଟ ଉପରେ ୨ଟି ଖୁଣ୍ଟରେ ଦଉଡ଼ି ବନ୍ଧା ହୋଇଥାଏ। ଦଉଡ଼ିରେ ବିଭିନ୍ନ ପ୍ରକାର ଖେଳରେ କଳାକୌଶଳ ଦେଖାଏ ମଞ୍ଜୁ। କେତେବେଳେ ସାଇକେଲ୍ ରିମ୍‌ରେ ମୁଣ୍ଡ ଉପରେ ମାଠିଆ ବା ଥାଳି ରଖି ଚାଲିବା, ପୁଣି କେତେବେଳେ ଦଉଡ଼ି ଉପରେ ଖାଲି ପାଦରେ ବାଉଁଶ ଧରି ଶୂନ୍ୟରେ ବହୁ ସମୟ ଧରି ନାନା ରକମର ଖେଳ ଦେଖାଏ ସେ। କେବେ କେବେ ଗହଳି ବଢ଼ି ୩୦-୪୦ ଲୋକ ହୁଅନ୍ତି ତ ପୁଣି କେବେ ହାତଗଣତି ୫-୧୦ ଜଣ। ଖେଳ ଦେଖି ଯିଏ ଯେତିକି ଦେଲା ସେତିକିକୁ ପୁଞ୍ଜି କରି ଖୁସି ହୁଏ। ଆଉ ଦିନେ ଦିନେ ଖାଲି ହାତରେ ଲେଉଟିବାକୁ ପଡ଼େ ମଞ୍ଜୁକୁ।

ଅଞ୍ଜୁ ମଧ୍ୟ ଛୋଟବେଳୁ ଏଭଳି ଖେଳ କୌଶଳର ତାଲିମ ବଡ଼ଭଉଣୀ ମଞ୍ଜୁଠାରୁ ଶିଖିଲା। ଜୀବନଜୀବିକା ପାଇଁ ଏବେ ଏହି ଖେଳ ହିଁ ସେମାନଙ୍କ ଭରସା। ଏଥିରୁ ଉପାର୍ଜିତ ଅର୍ଥରେ ଦୁଇଭଉଣୀ ଚଳନ୍ତି ଏବଂ ୨ବର୍ଷର ଶିଶୁକନ୍ୟା ମହକର ଲାଳନପାଳନ କରନ୍ତି। ଘର କହିଲେ ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ସହରର ରାସ୍ତାକଡ଼। ସଂପତ୍ତି କହିଲେ ଏକ ତିନିଚକିଆ ମୋଟରସାଇକେଲ। ଯେଉଁଥିରେ ୩ଜଣ ଘୁରିବୁଲନ୍ତି ଏହି ସବୁ ରାଜ୍ୟର ବିଭିନ୍ନ ସହରରୁ ସହର। ନା ଥାଏ ଜୀବନ ପ୍ରତି ଭୟ, ନା ଥାଏ ଶରୀର ପ୍ରତି ଲୋଭ। ରାସ୍ତା କଡ଼ରେ ଦିନଯାକ ଖେଳ ଦେଖାଇ ଦେଖାଇ ସେହି ରାସ୍ତା କଡ଼ର ଖୋଲା ଆକାଶ ତଳେ ରାତି ବିତାଇ ଦିଅନ୍ତି। ମଞ୍ଜୁ ଗାଡ଼ି ଚଳାଇ ଯାଯାବରର ଜୀବନ ଯନ୍ତ୍ରଣାକୁ ପ୍ରକାଶ କରେ ତ ଅଞ୍ଜୁ ଓ ମହକର ବୋଝ ମୁଣ୍ଡାଇ ନାରୀ ସଶକ୍ତୀକରଣର ବାସ୍ତବତା ପ୍ରମାଣ କରୁଥାଏ। ଏସବୁ ଅଯାଚିତ କଷ୍ଟ ଭିତରେ କିନ୍ତୁ ମହକ ମହକାଉଛି ସେମାନଙ୍କ ଜୀବନକୁ। ସଭ୍ୟ ମଣିଷର ସମାଜ ଯେତେବେଳେ କନ୍ୟା ଭ୍ରୂଣହତ୍ୟା ପାଇଁ ପଛାଉନାହିଁ କିମ୍ବା କନ୍ୟାଟିଏ ଜନ୍ମ ହେଲେ ତାକୁ ଲୁଚାଇ ଫୋପାଡ଼ି ଦେଇ ଆସୁଛି ସେତିକିବେଳେ ଦୁଃଖ କଷ୍ଟର ଜୀବନରେ ମହକକୁ ପାଳିବା ଏବଂ ଅଞ୍ଜୁକୁ ମଣିଷ କରିବାକୁ ମଞ୍ଜୁର ସଂଘର୍ଷର ଅସରନ୍ତି ଯନ୍ତ୍ରଣା କନ୍ୟାସନ୍ତାନ ସୁରକ୍ଷାର ବାର୍ତ୍ତା ବାଣ୍ଟୁଛି।

---

# ୬୧ ବର୍ଷ ବୟସରେ ମଡେଲିଂର ବାର୍ତ୍ତା



'ମାତାଜୀ, ଏ ସବୁ ଛାଡ଼ି ଭଗବାନଙ୍କ ନାମ ଜପ', 'ଏ ବୁଢ଼ୀ, ଘରେ ବସ!', 'ହାଡ଼ ଭାଙ୍ଗିଯିବ'- ୫୮ ବର୍ଷ ବୟସରେ ମଡେଲିଂ କ୍ୟାରିଅର୍ ଆରମ୍ଭ କରିବା ପରେ ମୁକ୍ତା ସିଂହ ସାମାଜିକ ଗଣମାଧ୍ୟମରେ ଏହିପରି ଅନେକ ମନ୍ତବ୍ୟର ଶରବ୍ୟ ହୋଇଥିଲେ। ବିଶେଷ କରି ଯୁବପିଢ଼ି ଦ୍ୱାରା ବ୍ୟଙ୍ଗବିଦ୍ରୂପର ଶିକାର ହେବା ସତ୍ତ୍ୱେ ମୁକ୍ତା ହତୋତ୍ସାହିତ ନ ହୋଇ ନିଜ ଫ୍ୟାସନ୍ କ୍ୟାରିଅର୍‌ରେ ଆଗକୁ ବଢ଼ିବା ଜାରି ରଖିଲେ। ଏବେ ୬୧ ବର୍ଷ ବୟସରେ ସେ ନିଜ ଧଳା ବାଳକୁ ଦୁର୍ବଳତା ପରିବର୍ତ୍ତେ ଆତ୍ମବିଶ୍ୱାସର ପ୍ରତୀକ ରୂପେ ପ୍ରଦର୍ଶନ କରିବା ଶିଖିଯାଇଛନ୍ତି। ମୁକ୍ତା ଯୁବ ବୟସରେ ଷ୍ଟାଇଲ୍‌ପ୍ରିୟ ବୟସ୍କ ମହିଳାଙ୍କୁ ଖୁବ୍ ପସନ୍ଦ କରୁଥିଲେ। ତାଙ୍କ ଜେଜେମାଆ ଜୀବନର ପଞ୍ଚମ ଦଶକରେ ସୂତା ଶାଢ଼ୀରେ ଶୋଭାମୟ ଦିଶୁଥିଲେ ତ ମାଆ ମୃତ୍ୟୁ ଶଯ୍ୟାରେ ସୁଦ୍ଧା ନିଜର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ। ଉଭୟଙ୍କ ଜୀବନରୁ ପ୍ରେରଣା ନେଇ ସେ ନିଜ ବୟସକୁ ଷ୍ଟାଇଲ୍ ପାଇଁ ବାଧକ ହେବାକୁ ନ ଦେବାର ନିଷ୍ପତ୍ତି ନେଇଥିଲେ। ଆମ ସମାଜର ଏକ ପରମ୍ପରାଗତ ଧାରଣା ହେଲା ବୟସ ବଢ଼ିଗଲା ପରେ ମହିଳାମାନେ ଆଉ ବେଶପୋଷାକ ପ୍ରତି ଯତ୍ନଶୀଳ ହେବା ଅନୁଚିତ। ଏହି ଧାରଣାକୁ ଖାରଜ କରି ମୁକ୍ତା ଦୁନିଆକୁ ଦେଖାଇଦେବାକୁ ଚାହାନ୍ତି ଯେ ସେ ନିଜକୁ ନେଇ ଗର୍ବିତ ଏବଂ ସେ ନିଜକୁ ଖୁବ୍ ସମ୍ମାନ କରନ୍ତି। ତାଙ୍କ ମତରେ ଫ୍ୟାସନ୍ ହେଉଛି ଆତ୍ମସମ୍ମାନର କଥା। ଇଂରେଜୀରେ ସ୍ନାତକୋତ୍ତର କରିବା ପରେ ମୁକ୍ତା ଜଣେ ଫାଇଟର୍ ପାଇଲଟ୍‌ଙ୍କୁ ବିବାହ କରିଥିଲେ। ଦୁଇ ପୁଅଙ୍କ ଜନନୀ ହୋଇ ସେମାନଙ୍କୁ ବଡ଼ କରିବାରେ ତାଙ୍କର ଯୌବନ ବିତିଯାଇଥିଲା। ଏଥି ସହିତ ସେ ଇଂରେଜୀ ପଢ଼ାଇବା ଜାରି ରଖିଥିଲେ। ଏ ସବୁ ଭିତରେ ସେ ନିଜ ବେଶପୋଷାକ ପ୍ରତି ବିଶେଷ ଧ୍ୟାନ ଦେଇପାରୁନଥିଲେ। ପିଲାମାନେ ବଡ଼ ହୋଇଯିବା ପରେ ତାଙ୍କ ଉପରେ ବୟସର ଛାପ ସ୍ପଷ୍ଟ ହୋଇସାରିଥିଲା। ତାକୁ ଲୁଚାଇବାକୁ ଉଦ୍ୟମ କରିବା ବଦଳରେ ସେ ନିଜ ରୂପକୁ ସଶକ୍ତୀକରଣର ମାଧ୍ୟମରେ ବଦଳାଇବା ଆରମ୍ଭ କଲେ। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ଫଟୋ ଦେଖି ଜଣେ ଡିଜାଇନର୍ ତାଙ୍କୁ ମଡେଲ୍ ଭାବେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ପରେ ଅନେକ ଡିଜାଇନର୍ ତାଙ୍କୁ ମଡେଲିଂର ସୁଯୋଗ ଦେଇଆସୁଛନ୍ତି।

ବୟସ୍କ ମହିଳାଙ୍କୁ କମ୍ ଗୁରୁତ୍ୱପୂର୍ଣ୍ଣ ଓ କମ୍ ସୁନ୍ଦର ଦର୍ଶାଉଥିବା ଭେଦଭାବପୂର୍ଣ୍ଣ ବିଚାର ସହ ଲଢ଼ିବାରେ ମୁକ୍ତାଙ୍କ କାହାଣୀ ଆମକୁ ପ୍ରେରଣା ଦେଇଥାଏ। ସମାଜକୁ ମୁକ୍ତାଙ୍କ ବାର୍ତ୍ତା ହେଲା- ଜୀବନର ସବୁ ପର୍ଯ୍ୟାୟକୁ ଖୁସି ଓ ଆତ୍ମସମ୍ମାନର ସହ ବଞ୍ଚିବା ଆବଶ୍ୟକ। ଜଣେ ମହିଳା ପରିବାରର ଯତ୍ନ ନେଉ ବୋଲି ସାମାଜିକ ପ୍ରତ୍ୟାଶା ଯୋଗୁଁ ସେ ନିଜକୁ ସଂପୂର୍ଣ୍ଣ ଅବହେଳା କରିବା ଅନୁଚିତ। ଶାରୀରିକ ସ୍ୱାସ୍ଥ୍ୟ ଓ ସାଜସଜ୍ଜା ଗୁରୁତ୍ୱହୀନ ଲାଗିପାରେ, କିନ୍ତୁ ବାସ୍ତବରେ ମହିଳାଙ୍କ ଆତ୍ମମୂଲ୍ୟାୟନରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ କହନ୍ତି ଯେ ପୂର୍ବରୁ ଲୋକଙ୍କ ବିଦ୍ରୂପ ତାଙ୍କୁ କଷ୍ଟ ଦେଉଥିଲା, କିନ୍ତୁ ଆଉ ନୁହେଁ। ଅନ୍ୟମାନଙ୍କ ମନ୍ତବ୍ୟ ତାଙ୍କୁ ଏବେ ରୋକିପାରିବ ନାହିଁ।



## ଅହମ୍ମଦାବାଦ ବିମାନ ଦୁର୍ଘଟଣା

# ଟିମ କ୍ଲିନ ସିଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବ୍ରହ୍ମପୁର,୧୪।୬ (ସଂଚାର ବ୍ୟୁରୋ):** ଅହମ୍ମଦାବାଦ ଠାରେ ଘଟିଥିବା ବିମାନ ଦୁର୍ଘଟଣାରେ ୨ଶହରୁ ଉର୍ଦ୍ଧ୍ୱ ଯାତ୍ରୀ ଜୀବନ୍ତ ଦଗ୍ଧ ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଘଟଣାକୁ ନେଇ ବିମାନ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ବିମାନ ଦୁର୍ଘଟଣାର କାରଣ ଖୋଜିବାକୁ ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି। ତେବେ ଦୁର୍ଘଟଣାଗ୍ରସ୍ତ ବିମାନରେ ବସିଥିବା ଯାତ୍ରୀଙ୍କର ଏହା ଯେ ଶେଷ ଯାତ୍ରା ହେବ ତାହା କେହି କଳ୍ପନା ମଧ କରିନଥିଲେ। କାହାର ସମଗ୍ର ପରିବାର ନିଶ୍ଚିହ୍ନ ହୋଇଯାଇଛନ୍ତି ତ କିଏ ବାପା ଆଉ କିଏ ନିଜ ମାଆକୁ ହରାଇଛନ୍ତି। ଏଭଳି ଏକ ଦୁଖଦ ଘଟଣାକୁ ନେଇ ଦକ୍ଷିଣ ଓଡିଶାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମପୁରର ଟିମ କ୍ଲିନ ସିଟି ପକ୍ଷରୁ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରି ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ମୁଖ୍ୟ ଫାଟକ ନିକଟରେ ସଙ୍ଗଠନର ସମସ୍ତ ସଦସ୍ୟ ଏକାଠି ହୋଇ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଟିମ କ୍ଲିନ ସିଟିର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ସହରବାସୀ ସାମିଲ ହୋଇଥିଲେ।

# ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳୀ



**କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):** ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ବ୍ଲକ ସଭାପତି ଆଲୋକ ସାହୁ, ସମ୍ବିତ୍ ଶ୍ରୀଚନ୍ଦନ, ପିତବାସ ବେହେରା, ଧନଞ୍ଜୟ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ରଜ ଗୀତ ଓ  ଦୋଳିରେ ପ୍ରକମ୍ପିତ ହେଉଛି ପୁରପଲ୍ଲୀ

# ନିଆରା ଢ଼ଙ୍ଗରେ ରଜ ମହୋତ୍ସବ ପାଳନ କରୁଛି ସାଇସମୀକ୍ଷା ପେଟ୍ରୋଲ ପମ୍ପ

**ସାଲେପୁର,୧୪।୬ (ସଂଚାର ବ୍ୟୁରୋ):** ଆଜି ଠାରୁ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଓଡ଼ିଶାର ଗଣପର୍ବ ରଜପର୍ବ ଧୁମ୍‌ଧାମରେ ପାଳନ ହେଉଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ଆଜି ପ୍ରଥମ ରଜରେ ଘରେ ଘରେ ପିଠାପଣା, ଦୋଳି ଓ ଛକସ୍ଥାନମାନଙ୍କରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି। ଏହି ଅବସରରେ ନାୟରା ପେଟ୍ରୋଲ ପମ୍ପ ପକ୍ଷରୁ ପେଟ୍ରୋଲ ପମ୍ପ ପରିସରରେ ରଜ ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରାଯାଉଛି। ଯୁବନେତା ତଥା ପେଟ୍ରୋଲ ପମ୍ପର ପ୍ରତିଷ୍ଠାତା ହରିବନ୍ଧୁ ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ଧରି ଏହି ପେଟ୍ରୋଲ ପମ୍ପଠାରେ ରଜ ମହୋତ୍ସବକୁ ମହାଆଡମ୍ବରରେ ପାଳନ କରାଯାଉଛି। ପେଟ୍ରୋଲ ପମ୍ପରେ ଦୋଳି ଲଗାଇବା ସହ ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଆସୁଥିବା ଗ୍ରାହକମାନଙ୍କୁ ପୋଡ଼ପିଠା, ରଜପାନ ଓ ଦୋଳି ଖେଳିବାପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ଆଜି ପ୍ରଥମ ରଜରେ ଏହି ରଜ ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ହୃଷିକେଶ ମଲ୍ଲିକ, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ଶାରଦା ପଣ୍ଡା, ପ୍ରତ୍ୟୁଷ ମହାନ୍ତି, ମହେଶ୍ୱର ବେହରା, ଅମୀୟ ବିଶ୍ୱାଳ, ସନ୍ତୋଷ କୁମାର ସ୍ୱାଇଁ, ରଞ୍ଜନ କୁମାର ନାୟକଙ୍କ ସମେତ ବହୁ ଗଣମାଧମ ପ୍ରତିନିଧି ଯୋଗଦେଇ ଏହି ରଜ ମହୋତ୍ସବକୁ ଉତ୍ସାହର ସହ ପାଳନ କରିଥିଲେ। ସେହିପରି ସାଲେପୁରର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ମହା ଆଡମ୍ବରରେ ପାଳନ କରାଯାଉଛି। ଆଜି ପ୍ରଥମ ରଜରେ ଗାଁର ଝିଅମାନେ ଏକତ୍ରିତ ହୋଇ ନଦୀରେ ସ୍ନାନ କରିବା ସହ ରଜଗୀତ ଗାନ କରି ନୂଆ ବସ୍ତ୍ର ପିନ୍ଧି ଘରର ଗୁରୁଜନଙ୍କ ଆଶୀର୍ବାଦ ନେଇ ରଜ ମହୋତ୍ସବକୁ ନିଆରା ଢ଼ଙ୍ଗରେ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ପିକୋଳ, ଭାତପଡ଼ା, ଜଳହରି, ରୋଧପୁର, ଉତ୍ତରବଟେଶ୍ୱର, ନଈଗୁଆଁ, ଛାଣିପୁର, ଲୁଣାହାର, ଚନ୍ଦ୍ରାଦେଇପୁର ସମେତ ବିଭିନ୍ନ ସ୍ଥାନରେ ଗ୍ରାମ କମିଟିମାନଙ୍କ ପକ୍ଷରୁ ରଜ ମହୋତ୍ସବକୁ ନିଆରା ଢ଼ଙ୍ଗରେ ପାଳନ କରାଯାଉଛି। ଏହି ଅବସରରେ ଗୀତ, ନାଚ, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାର ଦେଖିବାକୁ ମିଳିଥିଲା। ଆଜି ପ୍ରଥମ ରଜ ପାଇଁ ସାଲେପୁରର ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ରଜ ମହୋତ୍ସବ ଦେଖିବାକୁ ମିଳିଛି।



# ଦୁଇଦିନିଆ ରଜ ଉତ୍ସବ ଉଦଘାଟିତ

**ବୈଶିଙ୍ଗା,୧୪।୬ (ସଂଚାର ବ୍ୟୁରୋ):** ରଜ ଉତ୍ସବର ପରମ୍ପରା ଗାଁ ରୁ ସହର ଯାଏଁ ସବୁଆଡେ ଉତ୍ସବ ମୁଖରିତ ହୋଇଥିବାର ଦେଖା ଯାଇଛି। ବୈଶିଙ୍ଗା ଗ୍ରାମରେ ଏଥିପାଇଁ ଦୁଇ ଦିନିଆ ରଜ ଉତ୍ସବ ଆଜି ଶନିବାର ଉଦଘାଟିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ଓ ତାଙ୍କ ସହଧର୍ମିଣୀ ପ୍ରିତୀ ସୁଧା ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଏହି ରଜ ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଛୋଟ ବଡ ପିଲା ଓ ମହିଳା ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଶେଷ ଭାବରେ ରଜର ପୋତପଠା ଆକର୍ଷଣୀୟ ହୋଇଥିଲା। ରଜର ମିଠା ପାନ ସମସ୍ତଙ୍କ ମନ ମୋହି ଦେଇଥିଲା । ସନ୍ଧ୍ୟାରେ ଜୁନିୟର ଓ ସିନିଅର ଝିଅମାନଙ୍କ ମଧରେ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜଜ୍ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ଶୈଳେନ୍ଦ୍ର କୁମାର ପଣ୍ଡା, ରବିନ୍ଦ୍ର ବିନ୍ଧାଣୀ ଉରସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧରେ ସର୍ବେଶ୍ୱର ଦାସ, ସରୋଜ ପ୍ରଧାନ ,ଉତ୍ସର୍ଗ ବେହେରା, ଶାନ୍ତନୁ ପଣ୍ଡା ଙ୍କ ସମେତ ଗ୍ରାମର ବହୁ ମହିଳା ସହଯୋଗ କରିଥିଲେ ।





# ସମିତି ବୈଠକରେ ପ୍ରତିନିଧି କମ ଅଧିକାରୀଙ୍କ ଅଭିଯୋଗ ଅଧିକା

**ଜୟପୁର,୧୪।୬ (ସଂଚାର ବ୍ୟୁରୋ):** ବୈପାରୀଗୁଡା ପଂଚାୟତ ସମିତି ଗୃହ ଠାରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ର ବିକାଶ ନେଇ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧରେ ଆଲୋଚନା ହୋଇଛି । କିନ୍ତୁ ଦେଖିବାକୁ ମିଳି ଥିଲା ନିର୍ବାଚିତ ପ୍ରତିନିଧିଙ୍କ ଅଭିଯୋଗ ଠାରୁ ପ୍ରଶାସନିକ ଅଧିକାରୀ ଙ୍କ ଅଭିଯୋଗ ବହୁତା ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧରେ ଗୃହ ରେ ଅଲଚନା ଚାଲିଥିବା ସମୟରେ ମେଡିକାଲ ଅଫିସର ତାଙ୍କ ଷ୍ଟାଫ ଙ୍କୁ ବାହାର ଲୋକ ଆକ୍ରମଣ କରୁଥିବା, ଷ୍ଟାଫ କ୍ୱାଟର ନଥିବା, ଆବଶ୍ୟକୀୟ ସଂଖ୍ୟକ କର୍ମଚାରୀ ନ ଥିବା ଗୃହକୁ ଜଣେଇଥିଲୋ ଏହା ସହ ଶିକ୍ଷା ବିଭାଗ ଅଲଚନା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ କାର୍ଯ୍ୟାଳୟ ରେ ପାଣି ଗୋଳୁଥିବା ସମସ୍ୟା ଶୁଣାଇଥିଲୋ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ତାଙ୍କ କର୍ମଚାରୀ କମ ଥିବା ସହ ଅଧପାନ୍ତରିଆ ଅଙ୍ଗନୱାଡି କେନ୍ଦ୍ରଗୁଡିକ ବର୍ଷା ଦିନ ପୂର୍ବରୁ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରିଥିଲୋ ଏପରି ବହୁ ଅଧିକାରୀ ନିଜ ସମସ୍ୟା ଗୃହ କୁ ଜଣାଉଥିଲେ । ତେବେ ଜନପ୍ରତିନିଧି ଜନତା ଙ୍କ ପାଇଁ ସମିତି ରେ ବିକାଶ ପାଇଁ ଅଲଚନା ବୈଠକ ରେ ଅଧିକାରୀ ଙ୍କ ଶୁଣାଣି ଶିବିର ହୋଇଯାଇଥିଲା। କାର୍ଯ୍ୟକ୍ରମଟି ବ୍ଲକ ଅଧକ୍ଷଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ କୋରାପୁଟ ବିଧାୟକ ରଘୁରାମ ମାଛ, ସାଂସଦ ପ୍ରତିନିଧି,ଦୁଇ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସହ ସମସ୍ତ ଅଧକାରୀ ଉପସ୍ଥିତ ରହିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

**ଫୁଲବାଣୀ,୧୪।୬ (ସଂଚାର ବ୍ୟୁରୋ):** ଚଳିତ ଜୁନ ମାସ ୧୨ ତାରିଖରେ କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ ଗୃହ ଠାରେ ପାଳିତ ହୋଇଯାଇଅଛି । ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଶ୍ରୀଯୁକ୍ତ ରାମ ଶଙ୍କର ହୋତାଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଓ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ବକ୍ତୃତା ପ୍ରତିଯୋଗିତାରେ ଫୁଲବାଣୀ ପୌର ପରିଷଦରେ ଥିବା ଉଚ୍ଚବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ଶ୍ରୀ ପ୍ରଣୟ କୁମାର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ, ଶ୍ରୀମତୀ ସ୍ନିନୀତା କୁମାରୀ ଦେବୀ, ଅତିରିକ୍ତ ଶ୍ରମ ଅଧିକାରୀ ଓ ଶ୍ରୀ ଦୀପକ କୁମାର ସାହୁ, ମହିଳା ସଶକ୍ତିକରଣ ଜିଲ୍ଲା କେନ୍ଦ୍ରର ସଂଯୋଜକ ଜୁରୀ ମେମ୍ବର ଭାବରେ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ ।

ପ୍ରତିଯୋଗିତା ପରେ ଏକ ସଚେତନ ଶିବିର ର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଫୁଲବାଣୀ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀଯୁକ୍ତ ରାମ ଶଙ୍କର ହୋତା, ଶ୍ରୀଯୁକ୍ତ ଦୋଳଗୋବିନ୍ଦ ବାରିକ, ଅଧକ୍ଷ, ସ୍ଥାୟୀ ଲୋକ ଅଦାଲତ, ଫୁଲବାଣୀ, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀଯୁକ୍ତ ରାଜେଶ ଦାଶ, ଶ୍ରୀଯୁକ୍ତ ମନୋରଞ୍ଜନ ଦାଶ, ପୋକ୍ସୋ କୋର୍ଟର ବିଚାରପତି, ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସ୍ୱାଇଁ , ଏଫଟିଏସସି କୋର୍ଟ ବିଚାରପତି, ଶ୍ରୀମତୀ ବନାଲି ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି, ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ, ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ଓଝା, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ, ଶ୍ରୀମତୀ ସୌମ୍ୟା ସୋନାଲିକା, ଏସ.ଡି.ଜେ.ଏମ., ଶ୍ରୀଯୁକ୍ତ ବଦ୍ରିନାଥ ବିଶ୍ୱାଳ, ଜେ.ଏମ୍.ଏସ.ସି, ଶ୍ରୀଯୁକ୍ତ ପୂର୍ଣ ଚନ୍ଦ୍ର ନାଗ, ପବ୍ଲିକ୍ ପ୍ରସିକିଉଟର, ଶ୍ରୀଯୁକ୍ତ ଅଶୋକ କୁମାର ବେହେରା, ଜି.ପି., ଆଇନଜୀବୀ ଶ୍ରୀ ବିରେନ୍ଦ୍ର କୁମାର ସୁବୁଦ୍ଧି, ସମ୍ପାଦକ, ଫୁଲବାଣୀ ବାର ଆସୋସିଏସନ୍, ଶ୍ରୀଯୁକ୍ତ ହରିଶଚନ୍ଦ୍ର ମହାରଣା, ଫୁଲବାଣୀ ବାର ଆସୋସିଏସନ୍ ର ବରିଷ୍ଠ ଆଇନଜୀବୀଶ୍ରୀମତୀ ବୈଜୟନ୍ତୀ ମଲ୍ଲିକ, ଫୁଲବାଣୀ ସିଡିପିଓ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ



**ସୁବର୍ଣ୍ଣପୁର,୧୪।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେମିନାର ହଲ ସୁବର୍ଣ୍ଣପୁରଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତ ଦାତା ଦିବସ-୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବର୍ଣ୍ଣପୁର ଡ଼ା ପ୍ରଦୀପ କୁମାର ଗୁରୁଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା ଦୁର୍ଗା ଦତ୍ତ ଦାସ ଓ ଅଧୀକ୍ଷକ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ସୋନପୁର ସ୍ମିତା ଶ୍ରୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରକ୍ତଦାନ କରିବା, ନୁଆଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣ ରକ୍ଷା କରିବା ଉପରେ ବିଷଦ ଭାବରେ ଆଲୋଚନା କରି ଆମେ ସମସ୍ତେ ସନ୍ତୁଳିତ ଖାଦ୍ୟ, ଉତ୍ତମ ଜୀବନ ଶୈଳୀ, ନିଶା ଯୁକ୍ତ ଖାଦ୍ୟରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା , ଧୁମପାନରୁ ସମ୍ପୂର୍ଣ୍ଣ ମାତ୍ରାରେ ମୁକ୍ତ ରହିବା, ଯୋଗ ଓ ଧାନ ଅଭ୍ୟାସ କରିବା ଉପରେ ସମସ୍ତ ଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ଓ ସୁସ୍ଥ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇ ପାରିବା ଉପରେ ବୁଝାଇ ଥିଲେ । ଆଜିର ଦିବସ ଅବସରରେ ୧୫ଜଣ ବ୍ୟକ୍ତି ବିଶେଷ ରକ୍ତ ଦାନ କରିଛନ୍ତି।

ଉକ୍ତ ସଭାରେ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ କର୍ମକର୍ତ୍ତା ବୃନ୍ଦ, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଜଗତ ଦରୱାନ ସହଯୋଗ କରିଥିଲେ। ଉକ୍ତ ସଭାରେ ଜୀବନ ଯାକ ମଧରେ ୫୨ ଥର ରକ୍ତଦାନ କରି ନୂତନ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇଥିବା ପୋଲିସ ହାବିଲଦାର ମନୋଜ ପଣ୍ଡା, ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବୁଢା ରଜା ୟୁଥ ଆସୋସିଏସନର ଶିବ ଶଙ୍କର ନାଏକ, ବରିଷ୍ଠ ସାମ୍ବାଦିକ ତଥା ସ୍ୱଚ୍ଛଭାରତ ସଂଗଠନର କୋଡ଼ିନେଟର ମନୋରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ନୂତନ ରକ୍ତ ଦାତାଙ୍କୁ ନିଜ ନିଜ ବକ୍ତବ୍ୟରେ ମାଧମରେ ଉତ୍ସାହିତ କରିଥିଲେ । ଜିଲ୍ଲା ପୋଲିସ ଆସୋସିଏସନର ସଭାପତି ଦିନେଶ ମିଶ୍ର ମଧ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂତନ ଥାନାଧିକାରୀଙ୍କ ସହିତ ବରିଷ୍ଠ ନାଗରିକ ସଂଗଠନର ଆଲୋଚନା

**ସୁବର୍ଣ୍ଣପୁର,୧୪।୬ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ସଂପର୍କିତ ଆଲୋଚନା ପାଇଁ ଆଜି ଏକ ପ୍ରତିନିଧି ଦଳ ସ୍ଥାନୀୟ ଥାନାଧିକାରୀ ଗଞ୍ଜୁ ଓରାମ୍‌ଙ୍କ ସହିତ ସାକ୍ଷାତ କରିଥିଲେ।ସଂଗଠନର ଅନେକ ସଦସ୍ୟ ସଦସ୍ୟା ବର୍ତ୍ତମାନ ସୁଦ୍ଧା ବରିଷ୍ଠ ନାଗରିକ ପରିଚୟ ପତ୍ର ପାଇ ନାହାନ୍ତି।ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହି ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି । ଅନେକ ଦିନ ହେଲା ବୀରମହାରାଜପୁର ଥାନାଧିକାରୀଙ୍କ ମାଧମରେ ସଦସ୍ୟ ସଦସ୍ୟା ମାନଙ୍କର ଆବେଦନ ଫର୍ମ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏସଂପର୍କରେ ଆଲୋଚନା ପରେ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀଯୁକ୍ତ ଓରାମ ବ୍ୟକ୍ତ କରିଥିଲେ। ପୁନଶ୍ଚ ବରିଷ୍ଠ ନାଗରିକ ମାନଙ୍କର ସାମାଜିକ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳରେ ସଭାପତି ଡ.ପ୍ରଫୁଲ୍ଲ ରଥ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢୀ, ଭୂଷଣ କୁମାର ପାତ୍ର, ବାସୁଦେବ ପଣ୍ଡା, ଡ.ଦ୍ୱିତୀକୃଷ୍ଣ ପଣ୍ଡା, ଭୀମସେନ ବାରିକ,ସୁରୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



# ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ



**ଡେରାବିଶ,୧୪।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ଜେ.କେ ମଣ୍ଡପରେ ଶୁକ୍ରବାର ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ କରାଯାଇଛି । ଏହି ଅବସରରେ ଡେରାବିଶ ବ୍ଲକ୍ ସମବାୟ କର୍ମଚାରୀ ସଂଘ ପକ୍ଷରୁ 'ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଓ ସମବାୟର ସଫଳତା' ଶୀର୍ଷକ ଆଲେଚନାଚକ୍ର ଅନୁଷ୍ଠିତ ହୋଇଛି। ସଂଘର ସଭାପତି ସମବାୟବିତ୍ ଗୌରାଙ୍ଗଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷା ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ ସଂଯୋଜନା କରିଥିଲେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲିକ ମୁଖ୍ୟ ଅତିଥି, ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ରଞ୍ଜନ ମଙ୍ଗରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ଦିଗ୍‌ଦର୍ଶନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସମବାୟ ବିଭାଗର ଉନ୍ନତି ପାଇଁ ଐତିହାସିକ ପଦକ୍ଷେପ ନେଇଥିବା କହିଥିଲେ। ବିଡିଓ ନମିତା ବାରିକ, ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ପ୍ରଦୀପ ସାହୁ, ସମବାୟବିତ୍ ରଶ୍ମିରଞ୍ଜନ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଦାନପୁର ସମବାୟ ସମିତି ସଭାପତି ପର୍ଶୁରାମ ମଲ୍ଲ, କପିଳେଶ୍ୱର ସମିତି ସଭାପତି ସୁଧାଂଶୁଭୂଷଣ ସାମନ୍ତରାୟ, ନହଙ୍ଗ ସମବାୟ ସମିତି ସଭାପତି ଭାଗୀରଥି ସାହୁ, ଏଣ୍ଡର ସମିତି ସଭାପତି ଶ୍ୟାମଳେନ୍ଦୁ ନାୟକ, ରତାଦିଆ ସମିତି ସଭାପତି ବିମଳକାନ୍ତ ତ୍ରିପାଠୀ, ଗୋଲରାହାଟ ସମବାୟ ସମିତି ସଭାପତି ଖୁର୍ସିଦ୍ ଆଲମ୍ ଖାନ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବୈଶିଙ୍ଗା ଆଞ୍ଚଳିକ ଡାକ୍ତରଖାନାର ନିର୍ମାଣାଧୀନ ବିଲ୍ଡିଂ ସରିବ କେବେ ?

**ବୈଶିଙ୍ଗା,୧୪।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ପୂର୍ବରୁ ଥିବା ବିଜେଡି ସରକାରଙ୍କ ସମୟରେ ୨୦୨୩ ମସିହା ନଭେମ୍ବର ୩୦ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କରକମଳରେ ବୈଶିଙ୍ଗା ଡାକ୍ତରଖାନା ପରିସରରେ "ଅନ୍ୟ ଡାକ୍ତରଖାନା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର" ନାମରେ ଏକ ନୂଆ ବିଲ୍ଡିଂ ନିର୍ମାଣର ଶୁଭାରମ୍ଭ ଦିଆଯାଇଥିଲା। ଦୁଇବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲି ଥିଲେ ମଧ ସରିବାର ନାଁ ଧରୁନାହିଁ । କେତେ ଟଙ୍କାର କାର୍ଯ୍ୟ ମଞ୍ଜୁରୀ ମିଳିଛି, ଠିକାଦାର କିଏ ? କାର୍ଯ୍ୟନିର୍ବାହୀ ଏଜେନ୍ସି କିଏ ? ଏମିତି କେତେ କେତେ ପ୍ରଶ୍ନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଡାକ୍ତରଖାନା ଅବସ୍ଥିତ ଥିବାରୁ ଦୁର୍ଘଟଣା ରୋଗୀ ଠାରୁ ଆରମ୍ଭ କରି ସାଧାରଣ ରୋଗୀ, ପ୍ରସୂତୀ ରୋଗୀ ଆଦି ଦୈନିକ ୩୦୦ରୁ ଅଧିକ ଆସୁଥିବା ବେଳେ ଚିକିତ୍ସା ସୁବିଧା ନ ପାଇ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ତୁରନ୍ତ ନୂତନ ନିର୍ମାଣାଧିନ ବିଲ୍ଡିଂ ତୁରନ୍ତ ନିର୍ମାଣ ଶେଷ କରାଇବା ସହିତ ଚିକିତ୍ସା ସେବା ପାଇଁ ଅଭିଜ୍ଞ ଡାକ୍ତର ନିଯୁକ୍ତି ପୂରଣ କରି ପାରିଲେ ଚିକିତ୍ସା କ୍ଷେତ୍ରରେ ସୁଧାର ଆସିପାରିବ ବୋଲି ଜନ ସାଧାରଣ ମତପ୍ରକାଶ କରିଛନ୍ତି।



# କଣାସ ଅଞ୍ଚଳରେ ଧୁମଧାମରେ ପାଳିତ ହେଲା ପହିଲି ରଜ

**କଣାସ,୧୪।୬ (ସଂଚାର ବ୍ୟୁରୋ):** ଓଡ଼ିଆଙ୍କ ଗଣପର୍ବ ରଜକୁ ନିଆରା ଢଙ୍ଗରେ ପାଳନ କରିବାପାଇଁ କଣାସର ବିଭିନ୍ନ ଗ୍ରାମାଞ୍ଚଳରେ ଜୋରଦାର ପ୍ରସ୍ତୁତି ଗତକାଲିଠାରୁ ଚାଲିଥିବା ବେଳେ ଆଜି ପହିଲି ରଜରେ ଦେଖିବାକୁ ମିଳିଥିଲା ତାର ଝଲକ।କଣାସ ବ୍ଲକର ସିରେଇ ଗ୍ରାମପଞ୍ଚାୟତର ସିରେଇ, ଦେଠିଆପଡା ଗ୍ରାମର କୁଆଁରୀ ଝିଅମାନେ ସକାଳୁ ନୂଆଡ୍ରେସ ପିନ୍ଧି, ସଜବାଜ ହୋଇ ଆଜି ରଜର ପ୍ରଥମ ଦିନରେ ନାଚ, ଗୀତ, ଖେଳକୁଦ ସହିତ ରଜ ଦୋଳି ଖେଳି ଦିନଟିକୁ ଉପଭୋଗ କରିଥିଲେ ଏହା ସହ ରଜପାନ, ପୋଡପିଠା ଖାଇ ବିଭିନ୍ନ ପ୍ରକାର ଖେଳକୁଦରେ ଝିଅ ମାନେ ମାତିଥିଲେ। ପୂର୍ବପରି ଆଉ ପୁରାତନ ବୃକ୍ଷ ମାନ ନଥିବାରୁ ବଡ଼ବଡ଼ ରଜ ଦୋଳି ଦେଖିବାକୁ ମିଳୁନାହିଁ କି କୁଆଁରୀ ଝିଅ ମାନଙ୍କର ବନସ୍ତେ ଡାକିଲା ଗଜ, ଆଜିତ ପହିଲି ରଜ ଗୀତ ବାଟୋଇ ମାନଙ୍କୁ ଆକର୍ଷଣ କରିପାରୁନାହିଁ। ପୂର୍ବରୁ ଘରେ ଘରେ ହେଉଥିବା ପୋଡପିଠା ଆଉ ମହକୁ ନାହିଁ।

